ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଜୁନ୍ ୧୮/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, June 18/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 203 | ମୂଲ୍ୟ ₹୭/-



# WE TEACH OUR PROBLEM SOLVERS HOW TO ADAPT TO NEW SITUATIONS.

Aakash
Medical | IIT-JEE | Foundations

## That's why we have so many rankers this year too.

NEET 2025 format was not just different, it was tough too. But be it new formats or new challenges, Aakashians have proven yet again, that when you learn the skill of problem solving you can ace any test.




## OUR STAR PERFORMERS FROM ODISHA CLASSROOM PROGRAM

Result Summary ODISHA: 4 in Top 500 AIR | 9 in Top 1000 AIR | 39 in Top 5000 AIR | 78 in Top 10000 AIR (Result is Still Counting)

AIR 128 Aditya Kiran Bal 640/720; AIR 204 Ritesh Parija 632/720; AIR 421 Satwik Mahapatra 622/720; AIR 466 Anannya Padhy 620/720; AIR 667 Aditya A. Rath 614/720; AIR 679 Pratyasha Das 613/720; AIR 797 Ashmit Mohapatra 610/720; AIR 827 Smarak Das 609/720; AIR 990 Pratyush Kar 606/720; AIR 1086 Shrabani Dash 605/720; AIR 1235 Sourav Palar 602/720; AIR 1347 Dibyajyoti Nanda 600/720; AIR 1660 Ashutosh Jena 596/720

AIR 1696 Debshiskha Pradhan 595/720; AIR 1787 Simran Jena 594/720; AIR 1942 Nilay Mohanty 593/720; AIR 1975 Anisha Behera 592/720; AIR 2092 Swayam P. Sahoo 591/720; AIR 2333 Dibyajyoti Raut 589/720; AIR 2489 Awesh Akhtar 588/720; AIR 2541 Rupsita Senapati 587/720; AIR 2581 Adarsh A. Mohanty 587/720; AIR 2618 Nitish Pattanaik 586/720; AIR 2674 Naveen Agrawal 586/720; AIR 2757 Bibekananda Bhoi 585/720; AIR 2990 Adarsh Sabar 584/720

AIR 3015 Abhijeet Sahoo 583/720; AIR 3331 Rajdeep Tripathy 581/720; AIR 3896 Sashank Rath 578/720; AIR 4084 Shivansh Agrawal 577/720; AIR 4155 Vedansh Garg 576/720; AIR 4231 Priyanshu S. Samal 576/720; AIR 4296 Krishna Bhusan 575/720; AIR 4520 Brindamalini Parida 574/720; AIR 4530 Soumyaranjan Asha 574/720; AIR 4573 Anwesha Praharaj 574/720; AIR 4647 Sk Meherban 574/720; AIR 4707 Yashansu Mohanty 573/720; AIR 4961 Sradhanjali Ray 572/720

& many more...

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

## TO EVERY Aakash TEACHER — THANK YOU FOR BEING OUR STUDENTS' PROBLEM-SOLVERS, MENTORS, AND UNWAVERING SUPPORT.

### ADMISSIONS OPEN

**REPEATER / DROPPER BATCHES for NEET (UG) 2026**
(XII Passed Batches)
Batches Starting From : 20th & 27th June, 2025

**Dropper Batches for JEE** (XII Passed Batches)

**CLASS 11th** – Studying Students – 2 Year Integrated courses for NEET / JEE

**CLASS 8th-10th** – Studying Students – Integrated courses for School Boards / Olympiads

Batches Starting From : 20th & 27th June, 2025

Get Up to 90% Scholarship** – Appear for instant Admission cum Scholarship Test (iACST). Register for FREE. Visit: iacst.aakash.ac.in. Hurry! Batches Filling Fast. SCAN TO APPLY

**Terms & Conditions apply. The maximum iACST scholarship for the Regular Classroom Course (RCC) is up to 90%.

### COURSE FEE based on NEET-2025 Score

| NEET Score | Fees |
|---|---|
| Students Scoring 480 above | ₹ 20,000/- |
| Students Scoring 450-479 | ₹ 49,320/- |
| Students Scoring 425-449 | ₹ 66,000/- |
| Students Scoring 350-424 | ₹ 75,000/- |

All Course Fees Including GST

**COURSE OFFERING INCLUDES**
- All India Aakash Test Series (AIATS)
- Final Test Series for NEET
- NCERT Maps for NEET
- AI Powered Doubt Resolution
- Phygital Study Materials
- Question Bank
- NEET Challenger on My Aakash App
- Experimental Learning

**Call Your Nearest Branches :** Bhubaneswar- Bhoumanagar : 8800852494, 9337870700 Chandrasekharpur : 8800874104, 9311734469 Khandagiri : 9938896677 Lewis Road: 8093083567 Cuttack : 8800849243, 9337355230 Shelter Chowk : 8093083568 Baleswar : 8800538720, 7008000100 Berhampur : 8800502470, 9078884998 Sambalpur : 8448693770, 9338170700 Rourkela : 8093083553 Angul : 8093083557 Balangir : 7008112665, 8093083552 Jajpur Road : 9078677290 Jeypore : 8093083564, 9778980373

SCAN FOR NEAREST BRANCH

CALL (TOLL-FREE): 1800-102-2727 | VISIT: aakash.ac.in | Scan to Download Aakash App | Aakash Medical | IIT-JEE | Foundations

# ଖାମେନେଇଙ୍କ ଘନିଷ୍ଠ ସହଯୋଗୀ ନିହତ

## ଜି୭ ସମିଟ୍ ଅଧାରୁ ପଳାଇଲେ ଟ୍ରମ୍ପ: ଆକ୍ରମଣ ବଢ଼ିବା ଆଶଙ୍କା


ଅଲି ଶଦମାନି


ଇରାନର କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ତେଲ୍ ଆଭିଭ୍‌ର ଏକ ବିଲ୍ଡିଂରୁ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଉଛି।

**ତେଲ୍ ଆଭିଭ୍/ତେହରାନ, ୧୭।୬**

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ମଙ୍ଗଳବାର ୫ମ ଦିନରେ ପହଞ୍ଚିଥିବାବେଳେ ତେହରାନ୍ ଉପରେ ତେଲ୍ ଆଭିଭ୍ ଜୋର୍‌ଦାର ଆକ୍ରମଣ ଜାରି ରଖିଛି। ସୋମବାର ରାତିରେ ହୋଇଥିବା ଆକ୍ରମଣରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ଘନିଷ୍ଠ ସହଯୋଗୀ ତଥା ଇରାନୀୟ ସେନାର ଶୀର୍ଷ କମାଣ୍ଡର ଅଲି ଶଦମାନି ନିହତ ହୋଇଥିବା ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି। ତେହରାନ୍‌ର କେନ୍ଦ୍ରସ୍ଥଳରେ ଥିବା ଏକ କମାଣ୍ଡ ସେଣ୍ଟର ଉପରେ ଆକ୍ରମଣର ସୁଯୋଗ ମିଳିଥିଲା, ଯେଉଁଥିରେ ଇରାନର ଯୁଦ୍ଧ ସମୟର ଚିଫ୍ ଅଫ୍ ଷ୍ଟାଫ୍ ଶଦମାନି ନିହତ ହୋଇଛନ୍ତି। ସେ ସର୍ବବରିଷ୍ଠ ସେନା କାମଣ୍ଡର ଏବଂ ଖାମେନେଇଙ୍କ ଘନିଷ୍ଠ ଥିଲେ ବୋଲି ଇସ୍ରାଏଲୀ ସେନା ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ଯୁଦ୍ଧର ୫ମ ଦିନରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାଠାରୁ ସବୁଠୁ ଶକ୍ତିଶାଳୀ ବଙ୍କର ବୁଷ୍ଟର ଚାହିଁଛନ୍ତି। ତେହରାନ୍‌ର ସବୁଠୁ ଶକ୍ତିଶାଳୀ ଆଣବିକ ସ୍ଥଳକୁ ଧ୍ୱଂସ କରିବା ପାଇଁ ଇସ୍ରାଏଲ୍ ଆମେରିକା ନିର୍ମିତ ମାସିଭ୍ ଅର୍ଡନାନ୍ସ ପେନେଟ୍ରେଟର (ଏମ୍‌ଓପି) ଆବଶ୍ୟକ କରୁଛି। ଇରାନ ସୁପ୍ରିମ ଲିଡର ଖାମେନେଇଙ୍କୁ ଇରାକର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କ ଦଶା ଭୋଗିବାକୁ ପଡ଼ିବ ବୋଲି ଇସ୍ରାଏଲି ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଚେତାବନୀ ଦେଇଛନ୍ତି।

ମଙ୍ଗଳବାର ଇରାନର ବିଭିନ୍ନ ସହର ସମେତ ଇସ୍ରାଏଲ୍‌ର ତେଲ୍ ଆଭିଭ୍ ଏବଂ ଜେରୁଜେଲମ୍‌ରେ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଛି। ଉଭୟ ପଟୁ ମିଶାଇଲ୍ ମାଡ଼ ଜାରି ରହିଛି। ତେହରାନ୍ ଖାଲି କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆହ୍ୱାନ ଦେବା ପରେ ଆକ୍ରମଣ ଜୋର୍‌ଦାର ହୋଇଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଇରାନ ସୈନ୍ୟବାହିନୀର ସର୍ବୋଚ୍ଚ ଅଧିକାରୀମାନଙ୍କ ସମେତ ବହୁ ବରିଷ୍ଠ ପରମାଣୁ ବୈଜ୍ଞାନିକ ନିହତ ହେଲେଣି। ଇରାନରେ ୭୦ ଜଣ ମହିଳା ଓ ଶିଶୁଙ୍କ ସମେତ ଅନ୍ୟୁନ ୨୨୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧,୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେହିପରି ତେହରାନ୍‌ର ଆକ୍ରମଣରେ ୨୪ ଇସ୍ରାଏଲୀ ନିହତ ଓ ୫୯୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଇସ୍ରାଏଲ୍‌ର ବିଦେଶୀ ଗୋଇନ୍ଦା ସେବା ମୋସାଦ୍‌ର ତେଲ୍ ଆଭିଭ୍‌ରେ ଥିବା ଏକ ସେଣ୍ଟର ଉପରେ ଆକ୍ରମଣ କରିଥିବା ଇରାନର ରିଭୋଲ୍ୟୁଶନାରି ଗାର୍ଡ୍ସ କହିଛି।

ଇସ୍ରାଏଲ୍-ଇରାନ ସଂଘର୍ଷ ବଢ଼ୁଥିବାବେଳେ କାନାଡାର କାନାନାସ୍କିସ୍‌ରେ ଜି୭ ସମିଟ୍ ଚାଲିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ବୈଠକ ଅଧାରୁ ଫେରିଯାଇଛନ୍ତି। ଏଥିସହିତ ତେହରାନ୍‌କୁ ସମ୍ପୂର୍ଣ୍ଣ ଖାଲି କରିବାକୁ ଟ୍ରମ୍ପ୍ ଆହ୍ୱାନ ଦେଇଥିବାରୁ ଯୁଦ୍ଧ ଆହୁରି ଭୟଙ୍କର ହୋଇପାରେ ବୋଲି ଇରାନ ଆଶଙ୍କା କରିଛି। ବହୁ ବିଳମ୍ବ ହେବା ପୂର୍ବରୁ ତେହରାନ୍ ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଆବଶ୍ୟକ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଇରାନ ନେତାମାନେ ଏନେଇ ଆଲୋଚନା କରିବାର ଥିଲା। କିନ୍ତୁ ସେମାନେ ଇତିମଧ୍ୟରେ ୬୦ ଦିନ ନେଇଥିଲେ ମଧ୍ୟ ଅଣୁଚୁକ୍ତିରେ ପହଞ୍ଚିବାରେ ବିଫଳ ହୋଇଛନ୍ତି। ଅସ୍ତ୍ରବିରତି ନୁହେଁ, ସେମାନଙ୍କୁ ଚୁକ୍ତି ସ୍ୱାକ୍ଷର କରିବାକୁ ହେବ ବୋଲି ଟ୍ରମ୍ପ୍ କହିଛନ୍ତି। ଇରାନ ସହ ବିବାଦର ପ୍ରକୃତ ଅନ୍ତ ଚାହେଁ ବୋଲି ଟ୍ରମ୍ପ୍ ମଙ୍ଗଳବାର କହିବା ସହ ବୁଝାମଣା ପାଇଁ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍‌ଙ୍କୁ ପଠାଇବେ ବୋଲି କହିଥିଲେ। ଇରାନ ସହ ଅଧିକ ଆଲୋଚନା ସପକ୍ଷରେ ସେ ନାହାନ୍ତି ବୋଲି ପରେ କହିଛନ୍ତି।

## ଟ୍ରମ୍ପ୍‌ଙ୍କ ଯୁଦ୍ଧ କ୍ଷମତା ସୀମିତ କରିବାକୁ ଆଇନ ପ୍ରଣେତାଙ୍କ ଦାବି


ଡୋନାଲ୍ଡ ଟ୍ରମ୍ପ୍

**ୱାଶିଂଟନ, ୧୭।୬**

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ମଙ୍ଗଳବାର ୫ମ ଦିନରେ ପହଞ୍ଚିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସାମରିକ ହସ୍ତକ୍ଷେପ କରିବା ସମ୍ଭାବନା ସୃଷ୍ଟି ହୋଇଛି। ସୋମବାର ଆମେରିକା ସେନାକୁ ମଧ୍ୟପ୍ରାଚ୍ୟ ପଠାଯାଇଥିବାବେଳେ ଜି୭ ସମିଟ୍ ଅଧାରୁ ଟ୍ରମ୍ପ୍ ଫେରିଆସିବା ଏବଂ ତେହରାନ୍‌କୁ ସମ୍ପୂର୍ଣ୍ଣ ଖାଲି କରିବା ପାଇଁ ଚେତାବନୀ ଦେଇଥିବାରୁ ଯୁଦ୍ଧ ଜୋର୍‌ଦାର ହେବା ଆଶଙ୍କା କରାଯାଇଛି। ତେବେ ଆମେରିକା ଯୁଦ୍ଧରେ ଅଧିକ ସମ୍ପୃକ୍ତ ହେବା ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ଉପରେ ଛଡ଼ାଯିବା ଉଚିତ ନୁହେଁ ବୋଲି କଂଗ୍ରେସ ସଦସ୍ୟମାନେ ଯୁକ୍ତି କରିଛନ୍ତି। ମଧ୍ୟପ୍ରାଚ୍ୟର ସାମରିକ କାର୍ଯ୍ୟାନୁଷ୍ଠାନରେ ଆମେରିକା ସେନାକୁ ସାମିଲ କରିବାକୁ ଟ୍ରମ୍ପ୍ ଚାହୁଁଥିଲେ, କଂଗ୍ରେସର ଅନୁମୋଦନ ଆବଶ୍ୟକ। ଏହା ସୁନିଶ୍ଚିତ କରିବା ପାଇଁ ଡେମୋକ୍ରାଟ ସଦସ୍ୟ ରୋ ଖାନ୍ନା ଏବଂ ରିପବ୍ଲିକାନ୍ ସଦସ୍ୟ ଥୋମାସ୍ ମସି ପ୍ରସ୍ତାବ ଆଣିବାକୁ ଘୋଷଣା କରିଛନ୍ତି। ସମ୍ବିଧାନ ଅନୁଯାୟୀ ନିଷ୍ପତ୍ତି କଂଗ୍ରେସ ନେବା ଆବଶ୍ୟକ ବୋଲି ମସି ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେମାନଙ୍କ ପ୍ରସ୍ତାବକୁ ଅନ୍ୟ କେତେଜଣ କଂଗ୍ରେସ ସଦସ୍ୟ ସମର୍ଥନ ଜଣାଇଛନ୍ତି।

## ସଂକ୍ଷେପରେ

### ତେହରାନ ଛାଡ଼ିଲେ ଭାରତୀୟ ଛାତ୍ରୀଛାତ୍ର

**ନୂଆଦିଲ୍ଲୀ, ୧୭।୬**

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ବଢ଼ିଚାଲିଥିବାବେଳେ ତେହରାନରେ ଥିବା ଭାରତୀୟ ଛାତ୍ରୀଛାତ୍ର ସୁରକ୍ଷା କାରଣରୁ ସହର ଛାଡ଼ି ଚାଲିଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ୧୧୦ ଜଣ ଭାରତୀୟ ଛାତ୍ର ସୀମା ଅତିକ୍ରମ କରି ଆର୍ମେନିଆରେ ପହଞ୍ଚିଛନ୍ତି। ସେମାନଙ୍କୁ ଆର୍ମେନିଆ ନେବା ଲାଗି ଭାରତୀୟ ଦୂତାବାସ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା। ତେହରାନରେ ଥିବା ଭାରତୀୟମାନଙ୍କ ସହ ଦୂତାବାସ କ୍ରମାଗତ ଯୋଗାଯୋଗରେ ରହିଛି ଓ ସମସ୍ତ ସମ୍ଭାବ୍ୟ ସହଯୋଗ ଯୋଗାଇ ଦେଉଛି। ଜମ୍ମୁ-କଶ୍ମୀର ଛାତ୍ର ସଂଗଠନର ସୂଚନା ଅନୁଯାୟୀ, ଉର୍ମିଆ ମେଡିକାଲ ୟୁନିଭର୍ସିଟିର ୧୧୦ ଭାରତୀୟ ଛାତ୍ର ସୁରକ୍ଷିତ ଭାବେ ଆର୍ମେନିଆରେ ପହଞ୍ଚିଛନ୍ତି।

### ଅମରନାଥ ଯାତ୍ରା ମାର୍ଗ ନୋ-ଫ୍ଲାଏ ଜୋନ୍ ଘୋଷିତ

**ଶ୍ରୀନଗର, ୧୭।୬**

ଅମରନାଥ ଯାତ୍ରା ସମୟରେ କୌଣସି ପ୍ରକାରର ଆତଙ୍କବାଦୀ ବିପଦକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଆସନ୍ତା ଜୁଲାଇ ୧ରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଯାତ୍ରା ରୁଟ୍‌କୁ ନୋ-ଫ୍ଲାଏ ଜୋନ୍ ଘୋଷଣା କରାଯାଇଛି। ଏହି ସମୟରେ ଅମରନାଥ ଯାତ୍ରା ରୁଟ୍‌ରେ କୌଣସି ବେସରକାରୀ ଡ୍ରୋନ୍ କିମ୍ବା ବିମାନ ଉଡ଼ାଣ କରିପାରିବେ ନାହିଁ। ମଙ୍ଗଳବାର ଶ୍ରୀନଗରରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସୁରକ୍ଷା ଏଜେନ୍ସିଗୁଡ଼ିକର ଶୀର୍ଷ ଅଧିକାରୀ ସାମିଲ ହୋଇଥିଲେ। ଗୋଇନ୍ଦା ଏଜେନ୍ସିଗୁଡ଼ିକରୁ ମିଳିଥିବା ଆକ୍ରମଣର ଆଶଙ୍କାକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।


### ଆମେରିକାରେ ପାକ୍ ସେନାମୁଖ୍ୟ ହଟହଟା

**ୱାଶିଂଟନ, ୧୭।୬**

ପାକିସ୍ତାନ ସେନାମୁଖ୍ୟ ଜେନେରାଲ ସୟେଦ ଅସିମ୍ ମୁନୀର ଆମେରିକା ଗସ୍ତରେ ଯାଇଥିବାବେଳେ ୱାଶିଂଟନରେ ହଟହଟାର ସମ୍ମୁଖୀନ ହୋଇଛନ୍ତି। ସେ ରହୁଥିବା ହୋଟେଲ ନିକଟରେ ପାକିସ୍ତାନୀ ନାଗରିକ ଓ ମୂଳବାସିନ୍ଦାମାନେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।


ଅସିମ୍ ମୁନୀର

ପାକିସ୍ତାନରେ ମୁକ୍ତ ଗଣତନ୍ତ୍ର ପୁନଃସ୍ଥାପନା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଲୋକେ 'ଅସିମ ମୁନୀର ଭୀରୁ, ପାକିସ୍ତାନୀଙ୍କ ଗଣହତ୍ୟାକାରୀ' କହିବା ସହ ଏକଛତ୍ରବାଦୀ ତୁମକୁ ନେଇ ଆମେ ଲଜ୍ଜିତ ବୋଲି କହିଥିଲେ। ଅଟକାଇବାକୁ ଚାହୁଁଥିବା ଅଧିକାରୀମାନଙ୍କ ସହ ବିକ୍ଷୋଭକାରୀଙ୍କର ଯୁକ୍ତି ହୋଇଥିଲା।



ବୋମା ଧମକ ପରେ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ମଙ୍ଗଳବାର ନାଗପୁର ବିମାନବନ୍ଦରରେ ଜରୁରୀ ଅବତରଣ କରୁଛି।

## ବ୍ରିଟେନ୍ କୋର୍ଟରେ ଭାରତ ବିରୋଧରେ ଅପହରଣ ଅଭିଯୋଗ ଆଣିଲେ ଚୋକ୍‌ସି

**ଲଣ୍ଡନ, ୧୭।୬ (ପି.ଟି.)**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଜାଲିଆତି ମାମଲାରେ ଅଭିଯୁକ୍ତ ତଥା ପଳାତକ ବ୍ୟବସାୟୀ ମେହୁଲ ଚୋକ୍‌ସି ଲଣ୍ଡନ ହାଇକୋର୍ଟରେ ଭାରତ ସରକାର ଏବଂ ୫ ଜଣ ବ୍ୟକ୍ତିବିଶେଷଙ୍କ ବିରୋଧରେ ପିଟିଶନ ଦାଏର କରିଛନ୍ତି। ୨୦୨୧ ମେ'ରେ ତାଙ୍କୁ ଆଣ୍ଟିଗୁଆରୁ ବାର୍‌ବୁଡ଼ା ଅପହରଣ ପାଇଁ ନୂଆଦିଲ୍ଲୀ ସମସ୍ତ ଆୟୋଜନ କରିଥିଲା, ଯାହାଦ୍ୱାରା ତାଙ୍କୁ ୧୩,୦୦୦ କୋଟି ଟଙ୍କା ପିଏନ୍‌ବି ଦୁର୍ନୀତି ମାମଲାରେ ଭାରତ ପ୍ରତ୍ୟର୍ପଣ କରାଯାଇପାରିବ ବୋଲି ଚୋକ୍‌ସି ଅଭିଯୋଗରେ ଦର୍ଶାଇଛନ୍ତି। ପୁତୁରା ନୀରବ ମୋଦିଙ୍କ ସହ ଚୋକ୍‌ସି ପିଏନ୍‌ବି ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ। ଗତ ଏପ୍ରିଲରେ ଚୋକ୍‌ସିଙ୍କୁ ବେଲ୍‌ଜିୟମ୍‌ରେ ଗିରଫ କରାଯାଇଥିଲା। ଦୁର୍ନୀତି ମାମଲା ପଦାକୁ ଆସିବା ପରେ ୨୦୧୮ ଜାନୁଆରୀରେ ଚୋକ୍‌ସି ଭାରତ ଛାଡ଼ି ଆଣ୍ଟିଗୁଆ ଏବଂ ପରେ ବରବୁଡା ପଳାଇଥିଲେ। ଭାରତୀୟ ଏଜେନ୍ସି ତାଙ୍କୁ ଅପହରଣ ପାଇଁ ଉଦ୍ୟମ କରୁଥିବା ୨୦୨୧ ଜୁଲାଇରେ ଚୋକ୍‌ସି ଅଭିଯୋଗ କରିଥିଲେ। ସେ ସେହିବର୍ଷ ମେ' ୨୩ରୁ ନିଖୋଜ ହୋଇଯିବା ପରେ ୨୦୨୨ରେ ଡୋମିନିକାରେ ତାଙ୍କୁ ଅଟକ ରଖାଯାଇଥିଲା। ସୋମବାର ଚୋକ୍‌ସି ଆଣିଥିବା ଅଭିଯୋଗକୁ ଭାରତ ସରକାର ଖଣ୍ଡନ କରିଛନ୍ତି।


ମେହୁଲ ଚୋକ୍‌ସି

## ଏଆଇ ୧୭୧ ବିମାନ ଦୁର୍ଘଟଣା ବୀମା ଦାବି ୪୭୫ ନିୟୁତ ଡଲାର

**ଚେନ୍ନାଇ, ୧୭।୬**

ଏୟାର ଇଣ୍ଡିଆ ବିମାନ ଏଆଇ୧୭୧ ଗତ ୧୨ ତାରିଖରେ ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେମାତ୍ର ଯାତ୍ରୀ ବିଶ୍ୱାସ କୁମାର ରମେଶ ସୌଭାଗ୍ୟକୁ ବଞ୍ଚିଯାଇଥିଲେ। ବିମାନ ଦୁର୍ଘଟଣାର ମୋଟ ବୀମା ଦାବି ୪୭୫ ନିୟୁତ ଡଲାର ହୋଇପାରେ ବୋଲି ଜେନେରାଲ ଇନ୍ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ (ଜିଆଇସି) ପକ୍ଷରୁ ଆକଳନ କରାଯାଇଛି, ଯାହା ଭାରତରେ ସବୁଠୁ ମହଙ୍ଗା ଇନ୍ସ୍ୟୁରାନ୍ସ କ୍ଲେମ୍। ଏହା ବିମାନ ମୂଲ୍ୟର ୨.୫ ଗୁଣରୁ ଅଧିକ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବିନିମୟ ମୂଲ୍ୟ ଆଧାରରେ ଏହା ପ୍ରାୟ ୪,୦୯୧ କୋଟି ଟଙ୍କା ହେବ ବୋଲି ଜିଆଇସି କହିଛି। ଜିଆଇସି ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରାମସ୍ୱାମୀ ନାରାୟଣନଙ୍କ କହିବା ଅନୁଯାୟୀ, ବିମାନର ଦାମ୍ ୧୨୫ ନିୟୁତ ଡଲାର ହୋଇଥିବାବେଳେ ଲାଏବିଲିଟି କ୍ଲେମ୍ ୩୫୦ ନିୟୁତ ଡଲାର ହେବ। ଏହା ବାଦ୍ ମେଡିକାଲ କଲେଜ ହଷ୍ଟେଲରେ ବିମାନ ମାଡ଼ ହେବାରୁ ସେଠାରେ ଅନ୍ୟୁନ ୩୩ ଜଣଙ୍କ ମୃତ୍ୟୁ ଘଟିଥିଲା।

## ମୋଦିଙ୍କ କାନାଡା ଗସ୍ତ ବେଳେ ଖଲିସ୍ତାନୀଙ୍କ ବିକ୍ଷୋଭ

**ନୂଆଦିଲ୍ଲୀ, ୧୭।୬**

ଜି୭ ସମିଟ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାନାଡା ଯାଇଥିବାବେଳେ ଆଲବର୍ଟାର କାନାନାସ୍କିସ୍‌ଠାରେ ଖଲିସ୍ତାନୀ ଉଗ୍ରପନ୍ଥୀମାନେ ଏକାଠି ହୋଇ 'ଅମ୍ବୁସ୍' ନାମରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୋଦି ସାଇପ୍ରସ୍, କାନାଡା ଏବଂ କ୍ରୋଏସିଆକୁ ୪ ଦିନିଆ ଗସ୍ତରେ ଯାଇଥିବାବେଳେ ସେ ମଙ୍ଗଳବାର କାନାଡାରେ ପହଞ୍ଚିଛନ୍ତି। ସେଠାରେ ରହଣି ସମୟରେ ସେ କାନାଡା ପ୍ରତିପକ୍ଷ ମାର୍କ କାର୍ନିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ଆଶା କରାଯାଉଛି। ଏହା ବ୍ୟତୀତ ଜି୭ ସମିଟ୍ ଅବସରରେ ସେ ଜର୍ମାନୀ, ଇଟାଲୀ ଏବଂ ୟୁକ୍ରେନ୍ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ପହଞ୍ଚିବା ପୂର୍ବରୁ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ସଂଗଠନ କାଲ୍‌ଗାରିଠାରେ ମୋଦି ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। 'ମୋଦି ରାଜନୀତି ଖତମ କର' ବୋଲି ସେମାନେ କାନାଡା ପ୍ରଧାନମନ୍ତ୍ରୀ କାର୍ନିଙ୍କୁ ଆହ୍ୱାନ ଦେବା ସହ ଭାରତର ରାଜନୀତିକୁ ଶେଷ କର ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଆହ୍ୱାନ ଦେଇଥିଲେ। ଏପରିକି ଭାରତକୁ ଭାଗ ଭାଗ କରିବା ପାଇଁ ଉଦ୍ୟମ କରାଯିବାକୁ ମୋନେ ଡାକରା ଦେଇଥିବା କାନାଡା ଖବରଦାତା ଡାନିଏଲ୍ ବୋର୍ଡମାନ୍ କହିଛନ୍ତି।


ଖଲିସ୍ତାନୀ ବିଚ୍ଛିନ୍ନତାବାଦୀମାନେ ମୋଦି ବିରୋଧୀ ବିକ୍ଷୋଭ କାର୍ ରାଲିରେ ସାମିଲ ହୋଇଛନ୍ତି।

## ଫୁରସତ୍

# ଅଟିଜିମ୍ ପିଲାଙ୍କ ପାଇଁ ସ୍ନେହ, ସହଯୋଗ ଆବଶ୍ୟକ

### ଆଜି ଅଟିଷ୍ଟିକ ପ୍ରାଇଡ୍ ଦିବସ



ସାଧାରଣତଃ ଅଟିଜିମ୍ ସମସ୍ୟା ଶିଶୁଙ୍କଠାରେ ଦେଖିବାକୁ ମିଳିଥାଏ। ଅଟିଜିମ୍ ସମ୍ପର୍କିତ ସଚେତନତା ସୃଷ୍ଟି ଲାଗି ୨୦୦୫ରୁ ପ୍ରତିବର୍ଷ ଜୁନ୍ ୧୮ରେ 'ବିଶ୍ୱ ଅଟିଜିମ୍ ପ୍ରାଇଡ୍ ଦିବସ' ପାଳିତ ହୋଇଆସୁଛି। ଏହି ଅବସରରେ ଚଳିତ ବର୍ଷର ସ୍ଲୋଗାନ ରହିଛି 'ଅନ୍‌ଆପୋଲୋଜେଟିକାଲି ଅଟିଷ୍ଟିକ'। ଉକ୍ତ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଶିଶୁ ରୋଗ ବିଶେଷଜ୍ଞ ଡା. ନୀଳମାଧବ ପଣ୍ଡା କହନ୍ତି, "ଅଟିଜିମ ଆକ୍ରାନ୍ତ ପିଲାମାନଙ୍କୁ ଘୃଣା ନ କରି ସେମାନଙ୍କୁ ଆଦର କରିବା, ସେମାନଙ୍କ ଦୁଃଖସୁଖରେ ସାଥୀ ହେବା ଏବଂ ସେମାନେ କିପରି ଏକ ସୁନ୍ଦର ତଥା ଖୁସି ଜୀବନ ବିତାଇ ପାରିବେ ସେନେଇ ଆମେ ସହଯୋଗର ହାତ ବଢ଼ାଇବା। ବର୍ତ୍ତମାନ ସମଗ୍ର ବିଶ୍ୱରେ ଅଟିଜିମ୍ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ଗତ ମାସକୁ 'ଅଟିଜିମ୍ ମାସ' ଭାବରେ ପାଳନ କରାଯାଇଅଛି। ଅଟିଜିମ୍ ହେଉଛି ଏକ ସ୍ନାୟୁ ବିକାଶଜନିତ ବିଭ୍ରାଟ। ଏହାଦ୍ୱାରା ଆକ୍ରାନ୍ତ ହେଲେ ଶିଶୁଟିର ବ୍ୟବହାରରେ ଶିଥିଳତା ଦେଖିବାକୁ ମିଳେ ଏବଂ ସେ ଗୋଟିଏ ପ୍ରକାର ବ୍ୟବହାର ବାରମ୍ବାର କରିଥାଏ। ଅଟିଜିମ୍ ଉପସର୍ଗ ବିଭ୍ରାଟ (ଏଏସଡି)ର କେତୋଟି ଲକ୍ଷଣ ରହିଛି। ଶିଶୁଟିକୁ ଏକ ବର୍ଷ ହୋଇଥିଲେ ମଧ୍ୟ ତା' ନାଁ ଧରି ଡାକିଲେ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ। ଏପରି କି ଯେତେବେଳେ ତାହାର ବୟସ ୧୮ ମାସ ମା ଦେଢ଼ ବର୍ଷ ହୁଏ, ସେତେବେଳେ ସେ ସ୍ପଷ୍ଟ ଭାବରେ କଥା କହି ପାରେନା। ସେ ପ୍ରାୟ ଏକ ପ୍ରକାର ଖେଳ ଖେଳିଥାଏ। ସାଙ୍ଗମାନଙ୍କ ସହ କମ୍ ଖେଳାଖେଳି କରେ। ତାହାର ଚାଲିଚଳନରେ ଭିନ୍ନତା ପରିଲକ୍ଷିତ ହୁଏ ଏବଂ ସେ ଗୋଟିଏ କାମକୁ ବାରମ୍ବାର କରିଥାଏ। ତାକୁ କୌଣସି ପ୍ରଶ୍ନ ପଚାରିଲେ ସେ ତାହାକୁ ଦୋହରାଇଥାଏ। ଶିଶୁଟିର ସାମାଜିକ ଚଳଣି ସ୍ୱାଭାବିକ ହେଲେ ମଧ୍ୟ ସେ କଥା କହିପାରେନା ଏବଂ ଠାରରେ କଥାବାର୍ତ୍ତା କରେ। ନବାଗତ ଆଗନ୍ତୁକ ଦେଖିଲେ ସେ ନୀରବ ହୋଇଯାଏ। ଶିଶୁଟିର ମାନସିକ ବିକାଶରେ ବିଳମ୍ବ ହେତୁ ତାହାର ସାମାଜିକ ଚାଲିଚଳଣିରେ ବ୍ୟାଘାତ ସୃଷ୍ଟି ହୁଏ। ଏଏସଡି ଦ୍ୱାରା ଆକ୍ରାନ୍ତ ଶିଶୁଟିର ଶ୍ରବଣ ଶକ୍ତି ଏବଂ ଦୃଷ୍ଟି ଶକ୍ତି ତୁରନ୍ତ ପରୀକ୍ଷା କରାଇବା ଦରକାର। ସେମାନଙ୍କର ଇସିଜି ପରୀକ୍ଷା ମଧ୍ୟ କରାଇ ନିଅନ୍ତୁ। ଯଦି ଶିଶୁଟିକୁ ବାତ ମାରୁଛି ତେବେ ସିଟି ସ୍କାନିଂ କିମ୍ବା ଏମ୍‌ଆରଆଇ କରାଇ ପାରନ୍ତି। ହେଲେ ଏସବୁ ପରୀକ୍ଷା ପୂର୍ବରୁ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ବିଷଦ ଭାବରେ ଆଲୋଚନା କରନ୍ତୁ। ଏଭଳି ସମସ୍ୟା ଦ୍ୱାରା ଆକ୍ରାନ୍ତ ଶିଶୁକୁ ଭଲ ବ୍ୟବହାର କରିବା ଦରକାର। ସେମାନଙ୍କ ପ୍ରତି ମନରେ କୌଣସି ଭିନ୍ନ ଧାରଣା ଆଣିବା ଆଦୌ ଠିକ୍ ନୁହେଁ।"

## 'ଆଇନ ହାତକୁ ନେଇ ଫିଲ୍ମ ରିଲିଜ୍ ରୋକିବା ଅଧିକାର ଲୋକଙ୍କର ନାହିଁ'

### କର୍ଣ୍ଣାଟକରେ 'ଠଗ୍ ଲାଇଫ୍' ରିଲିଜ୍ ନେଇ କମଲ ହାସନଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

**ନୂଆଦିଲ୍ଲୀ, ୧୭।୬**


କମଲ ହାସନ

ଅଭିନେତା କମଲ ହାସନଙ୍କ ଫିଲ୍ମ 'ଠଗ୍ ଲାଇଫ୍'ର କର୍ଣ୍ଣାଟକରେ ରିଲିଜ୍‌କୁ ନେଇ ହେଉଥିବା ବିରୋଧ ପ୍ରଦର୍ଶନ ଉପରେ ମଙ୍ଗଳବାର ସୁପ୍ରିମକୋର୍ଟ କଡ଼ା ପ୍ରତିକ୍ରିୟା ରଖିଛନ୍ତି। କର୍ଣ୍ଣାଟକରେ 'ଠଗ୍ ଲାଇଫ୍'ର ରିଲିଜ୍ ପାଇଁ ହୋଇଥିବା ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି, ଆଇନକୁ ହାତକୁ ନେଇ ଫିଲ୍ମ ରିଲିଜ୍ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଅଧିକାର, କୌଣସି ଭିଡ଼ କିମ୍ବା ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କୁ ଦିଆଯାଇ ପାରିବ ନାହିଁ। ରାଜ୍ୟରେ ଆଇନର ଶାସନ ବଜାୟ ରଖିବା ହେଉଛି ରାଜ୍ୟ ସରକାରଙ୍କର ଦାୟିତ୍ୱ। ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍ ଏବଂ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, କର୍ଣ୍ଣାଟକରେ 'ଠଗ୍ ଲାଇଫ୍' ରିଲିଜ୍ ହେବା ଉଚିତ। ଥିଏଟରରେ କୌଣସି ହିଂସା କିମ୍ବା ପୋଡ଼ାଜଳା ହେବା ଭୟରେ ସିନେମା ହଲ୍ ମାଲିକମାନେ ଫିଲ୍ମ ରିଲିଜ୍‌କୁ ରୋକିବା ଉଚିତ୍ ନୁହେଁ। ସର୍ବୋଚ୍ଚ ଅଦାଲତ ଆହୁରି କହିଛନ୍ତି, ଲୋକଙ୍କ ଇଚ୍ଛା ଉପରେ ନିର୍ଭର କରେ ସେମାନେ ସିନେମା ହଲ୍‌କୁ ଯାଇ ଫିଲ୍ମ ଦେଖିବେ କି ନାହିଁ। ସେନ୍ସର ବୋର୍ଡ ଦ୍ୱାରା ପ୍ରମାଣପତ୍ର ପାଇଥିବା ଚଳଚ୍ଚିତ୍ର ନିଶ୍ଚିତ ଭାବେ ମୁକ୍ତିଲାଭ କରିବା ଉଚିତ। ଏହି ମାମଲାକୁ ନେଇ ଆସନ୍ତା ୧୮ ତାରିଖ ମଧ୍ୟରେ ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ୫ ତାରିଖରେ 'ଠଗ୍ ଲାଇଫ୍' ଦେଶବ୍ୟାପୀ ରିଲିଜ୍ ହୋଇଥିଲା। ତେବେ କନ୍ନଡ଼ ବିରୋଧୀ ବୟାନ ପାଇଁ କମଲ କ୍ଷମା ମାଗି ନ ଥିବାରୁ ବିଭିନ୍ନ କନ୍ନଡ଼ ଫିଲ୍ମ ନିର୍ମାତା ଏବଂ ସଙ୍ଗଠନର ଚାପରେ ଏହି ଫିଲ୍ମକୁ କର୍ଣ୍ଣାଟକରେ ରିଲିଜ୍ କରାଯାଇ ନ ଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜୁନ୍ ୧୮/୨୦୨୫
Bhubaneswar, Wednesday, June 18/2025

DSPL-128







ବର୍ଷ ଏକ
ଉପଲବ୍ଧି ଅନେକ

# ଆଦିବାସୀ ଶକ୍ତି ସମାବେଶ

୧୮ ଜୁନ୍ ୨୦୨୫ | ଛଉ ପଡ଼ିଆ, ବାରିପଦା

## ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

## ଗରିମାମୟ ଉପସ୍ଥିତି

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଡା. କୃଷ୍ଣଚନ୍ଦ୍ର ମହାପାତ୍ର
ଗୃହନିର୍ମାଣ ଓ ନଗରଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ

ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା

ସାଂସଦ ଏବଂ ବିଧାୟକଗଣ, ମୟୂରଭଞ୍ଜ ଜିଲ୍ଲା

ଓଡ଼ିଶା ସରକାର

OIPR-26001/13/0011/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭଜେନ୍ଦ୍ର ଫାଉଣ୍ଡେଶନ ପକ୍ଷରୁ ପୁସ୍ତକ ଉନ୍ମୋଚନ, ସ୍ଥାନ: ରୋଟାରି କ୍ଲବ, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ମା' ଧୁମାବତୀ ମନ୍ଦିରର ୪ର୍ଥ ବାର୍ଷିକୋତ୍ସବ, ସ୍ଥାନ: ଧୁମାବତୀ ମନ୍ଦିର, ୫୫ ନଂ. ଜାତୀୟ ରାଜପଥ କଡ଼, ଚୌଦ୍ୱାର, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ରଥଯାତ୍ରା ପରିଚାଳନା ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।
- ପୋପରଡ଼ା ଗ୍ରାମବାସୀଙ୍କ ପକ୍ଷରୁ ବାଦୀପାଲା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ପୋପରଡ଼ା, ନୂଆବଜାର, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ବିକାଶ ବାହନ ଯାତ୍ରା ଶୁଭାରମ୍ଭ, ସ୍ଥାନ: ପିଏଚ୍‌ଡି ଅଞ୍ଚଳ, ବଡ଼ବିଲ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ବିକାଶ ମେଳା ଉଦ୍‌ଯାପନୀ ଉତ୍ସବ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବ୍ଲକସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ:ଚିତ୍ରଡାସ୍ଥିତ ବ୍ଲକ କନଫରେନ୍ସ ହଲ୍, ମୋରଡ଼ା, ସମୟ:ଅପରାହ୍ନ ୨ଟା।

## ଗଞ୍ଜାମ
- ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ: ବୁଗୁଡ଼ା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ସକାଳ ୯ଟା।

## କନ୍ଧମାଳ
- ଶିଶୁ ଶ୍ରମିକ ବିରୋଧରେ ସଚେତନତା ରାଲି, ସ୍ଥାନ: ଫୁଲବାଣୀସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ, ସମୟ: ସକାଳ ୯ଟା।
- ବିକାଶ ବାହନର ପ୍ରଥମ ପର୍ଯ୍ୟାୟ ପରିକ୍ରମା, ସ୍ଥାନ: ବାଲିଗୁଡା ଏନଏସି ଅଞ୍ଚଳ, ସମୟ: ସକାଳ ୯ଟା।
- ଜିଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ରାଲି, ସ୍ଥାନ: ମାଦିକୁନ୍ଦା ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ
- ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲା କର୍ମଶାଳା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର
- ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପାରାଦୀପ ପୌରପରିଷଦ ପକ୍ଷରୁ ଷ୍ଟପ ଡାଇରିଆ ପ୍ରସ୍ତୁତି ବୈଠକ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ଡାକ୍ତର ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ପ୍ରତୀକ ଧାରଣା, ସ୍ଥାନ: ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା
- ଜିଲା ବିକାଶ ମେଳା ଉପଲକ୍ଷେ ଆଲୋଚନା ଚକ୍ର, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ, ସ୍ଥାନ: ଜିଲା ପରିଷଦ ବୈଠକ ଗୃହ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ, ସ୍ଥାନ: ରାୟଗଡ଼ା ବ୍ଲକ ସଦ୍‌ଭାବନା ସଭା ଗୃହ, ସମୟ: ଅପରାହ୍ନ ୩ଟା।

## ନବରଙ୍ଗପୁର
- ବିକାଶ ରଥ ସହର ପରିକ୍ରମା, ସ୍ଥାନ: ଉମରକୋଟ ପୌରାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାକୃତିକ ବିପର୍ଯ୍ୟୟ ବିଭାଗ ପକ୍ଷରୁ ଟେବୁଲଟପ୍ ଏକ୍ସରସାଇଜ୍, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ମାଲକାନଗିରି
- ଶିଶୁ ଶ୍ରମିକ ଉଦ୍ଧାର ସମ୍ବନ୍ଧୀୟ ରାଲି,ସ୍ଥାନ:ସୁବାଷ ବୋଷ ଛକଠାରୁ ଡିଏନ୍‌କେ ଖେଳ ପଡିଆ, ସମୟ: ସକାଳ ୮ଟା ୩୦।
- ନିପୁଣ ଓଡ଼ିଶା ଓ ଜାତୀୟ ଶିକ୍ଷା ପଦ୍ଧତି-୨୦୨୦ ସମ୍ବନ୍ଧୀୟ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଡିଏନ୍‌କେ ଖେଳ ପଡିଆ ବିକାଶ ମେଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।

## ରାଉରକେଲା
- ରାଉରକେଲା ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଏନ୍‌ଆଇଟି, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ଜିଲା ସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଯତରା ପଡିଆ,ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ:ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼,ସମୟ: ସକାଳ ୭ଟା।
- ଶିଶୁ ଶ୍ରମିକ ନିରାକରଣ ସଚେତନତା ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ବିକାଶ ମେଳା, ସ୍ଥାନ:ଇନଡୋର ଷ୍ଟେଡ଼ିୟମ, ପଦ୍ମପୁର,ସମୟ:ପୂର୍ବାହ୍ନ ୧୧ଟା।
- ନୃସିଂହନାଥ ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ,ସ୍ଥାନ:ନୃସିଂହନାଥ, ପାଇକମାଳ,ସମୟ: ଅପରାହ୍ନ ୩ଟା।
- ନୃସିଂହନାଥ ପରିସରରେ ଚାରାରୋପଣ, ସ୍ଥାନ:ନୃସିଂହନାଥ, ପାଇକମାଳ, ସମୟ: ଅପରାହ୍ନ ୩ଟା ୩୦।
- ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଳନ, ସ୍ଥାନ:ସାଂସ୍କୃତିକ ଭବନ, ସୋହେଲା, ସମୟ:ସନ୍ଧ୍ୟା, ୬ଟା ୩୦।

## ବୌଦ୍ଧ
- ବିକାଶ ମେଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ନାଗରିକ କମିଟିର ବୈଠକ, ସ୍ଥାନ: ମାଉସୀ ମା' ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ , ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ଅପରାହ୍ନ ୨ଟା।

## ନୂଆପଡ଼ା
- ବିକାଶ ମେଳା ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ଗାଁ, ସମୟ: ସକାଳ ୯ଟା ୧୫।

# ଏସ୍‌ସି କମିଶନଙ୍କୁ ମିଳୁନି ନାରୀ ନିର୍ଯ୍ୟାତନା ତଥ୍ୟ

## ବର୍ଷେ ହେଲାଣି ଘୂରୁଛି ଚିଠି

ଭୁବନେଶ୍ୱର,୧୭।୬(ରବିନାରାୟଣ ଜେନା)

ରାଜ୍ୟରେ କେତେ ସଂଖ୍ୟକ ଅନୁସୂଚିତ ଜାତିର ନାରୀ ନିର୍ଯାତନା ମାମଲା ରହିଛି, ସେ ସଂକ୍ରାନ୍ତୀୟ ତଥ୍ୟ ଜାତୀୟ ଅନୁସୂଚିତ ଜାତି (ଏସ୍‌ସି) କମିଶନଙ୍କୁ ମିଳିପାରୁ ନାହିଁ। ଆୟୋଗଙ୍କ ପକ୍ଷରୁ ବର୍ଷକ ତଳୁ ରାଜ୍ୟ ସରକାରଙ୍କଠାରୁ ତଥ୍ୟ ଲୋଡ଼ାଗଲାଣି। ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଏସଂକ୍ରାନ୍ତରେ ମଧ୍ୟ ବିଭାଗୀୟ ମୁଖ୍ୟଙ୍କୁ ବାରମ୍ବାର କୁହାଯାଉଛି, ହେଲେ ତଥ୍ୟ ମିଳୁନାହିଁ। ଏପରି କି ଆୟୋଗଙ୍କ ପକ୍ଷରୁ ସଭ୍ୟ ଲଭ୍ କୁଶ୍ କୁମାରଙ୍କ ତିନିଦିନିଆ ଓଡ଼ିଶା ଗସ୍ତ ଅବସରରେ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଅନୁସୂଚିତ ଜାତି ବର୍ଗଙ୍କ ବିଭିନ୍ନ ତଥ୍ୟ ଏପର୍ଯ୍ୟନ୍ତ ହସ୍ତଗତ ହୋଇପାରିନାହିଁ।

ଏସଂକ୍ରାନ୍ତରେ ମେ' ୩୦ରେ ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ ସବୁ ବିଭାଗକୁ ପତ୍ର ଲେଖିବା ପରେ ଏବେ ବିଭିନ୍ନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଚଳିତମାସ ୧୩ରେ ଅତିରିକ୍ତ ସଚିବ ଟି. ସୁଜାତା ରାଓ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହିତ ଉଠାଜଳସେଚନ ପରିଚାଳନା ନିର୍ଦ୍ଦେଶକ, ଓ୍ୱାଲ୍‌ମୀ ନିର୍ଦ୍ଦେଶକ ପ୍ରମୁଖଙ୍କୁ ପତ୍ର ଲେଖାଯାଇ ରିପୋର୍ଟ ଲୋଡ଼ାଯାଇଛି।

ସୂଚନାଯୋଗ୍ୟ, ଆୟୋଗଙ୍କ ପକ୍ଷରୁ ୨୦୨୪ ଜୁନ୍ ୧୪ରେ ନିର୍ଦ୍ଦେଶକ କୌଶଲ କୁମାର ପ୍ରଥମେ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। କୌଶଲ କୁମାର ଦର୍ଶାଇଥିଲେ ଯେ, ଅନୁସୂଚିତ ଜାତି ବିଭାଗର ମହିଳା କର୍ମଚାରୀମାନେ କେତେ ନିର୍ଯାତିତ ହେଉଛନ୍ତି ଏବଂ ସେମାନଙ୍କ ଅଭିଯୋଗର କେତେ ଫଇସଲା ହେଉଛି ତା'ର ତଥ୍ୟ ମାସକ ମଧ୍ୟରେ ପ୍ରଦାନ କର। ଏହାସହିତ ଏହି ବର୍ଗର ମହିଳାମାନେ କେତେ ବଳାତ୍କାର ଏବଂ ହତ୍ୟା ହେଉଛନ୍ତି ସେ ସମସ୍ତ ପ୍ରକାର ତଥ୍ୟ ଦେବାକୁ ଦର୍ଶାଇଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ବିଭାଗର ତତ୍କାଳୀନ ସଚିବ ରୂପା ରୋଶନ ସାହୁ ଜୁଲାଇ ୫ରେ ସବୁ ବିଭାଗକୁ ପତ୍ର ଲେଖିଥିଲେ। ନଭେମ୍ବର ୨୦ରେ ଆୟୋଗଙ୍କ ସଦସ୍ୟ ଲଭ୍ କୁଶ କୁମାର ଓଡ଼ିଶା ଗସ୍ତରେ ଆସି ସମୀକ୍ଷା ଅବସରରେ ମଧ୍ୟ ତଥ୍ୟ ଲୋଡ଼ିଥିଲେ। ଏହାପରେ ମାର୍ଚ୍ଚ ୨୮ରେ ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ ସବୁ ବିଭାଗକୁ ପତ୍ର ଲେଖିଥିବାବେଳେ ମେ' ୩୦ରେ ସେ ପୁନର୍ବାର ତଥ୍ୟ ଲୋଡ଼ିଛନ୍ତି। ବିଭାଗ ପକ୍ଷରୁ ଥରକୁ ଥର ପତ୍ର ଲେଖାଯାଇ କଷ୍ଟ ଦିଆଯାଉଛି, ହେଲେ ବିଭାଗୀୟ ମୁଖ୍ୟ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି।

ସୂଚନାଯୋଗ୍ୟ, ୨୦୧୯-୨୦୨୦ରୁ ୨୦୨୩-୨୦୨୪ ମଧ୍ୟରେ ଅନୁସୂଚିତ ଜାତି ବର୍ଗର ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଏହାକୁ ନେଇ ରୁଜୁ ହୋଇଥିବା ମାମଲା ଏବଂ ପୋଲିସ ଓ କୋର୍ଟ (ବିଶେଷ କୋର୍ଟ ସମେତ) ଦ୍ୱାରା ଉକ୍ତ ମାମଲା ଉପରେ ହୋଇଥିବା ନିଷ୍ପତ୍ତିର ବିସ୍ତୃତ ବିବରଣୀ ଆୟୋଗଙ୍କ ପକ୍ଷରୁ ଲୋଡ଼ାଯାଇଛି। ଏହାସହିତ ଏହି ବର୍ଗଙ୍କ ଲାଗି ସରକାରଙ୍କ ପକ୍ଷରୁ ଆୟୋଜିତ ତାଲିମ, ସେମିନାର ଓ କର୍ମଶାଳାର ବିସ୍ତୃତ ତଥ୍ୟ ମଧ୍ୟ ମଗାଯାଇଥିଲା। ତଥ୍ୟ ମିଳିଲେ ଜାତୀୟ ଏସ୍‌ସି କମିଶନ ରାଜ୍ୟ ସ୍ତରୀୟ ସମୀକ୍ଷା ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ହେଲେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ତଥ୍ୟ ପ୍ରଦାନରେ ଅହେତୁକ ବିଳମ୍ବ କରୁଛନ୍ତି, ଫଳରେ କମିଶନଙ୍କ ସମୀକ୍ଷା ବୈଠକ ବସିପାରୁନାହିଁ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନଇ ତଳେ କାଉଁରିଆ**
**ଯାଉଛି ପଛେ ଏ ଘରୁ ମୁହଁ**
**ଆଉ ନ କର କଜିଆ।**

ଦାମ୍ପତ୍ୟ ଜୀବନରେ କଳହ ଏକ ସାଧାରଣ କଥା। ବେଳେ ବେଳେ ସାମାନ୍ୟ କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥାଏ। କଥା କଟାକଟିରୁ ପରିସ୍ଥିତି ଏପରି ଅଣାୟତ୍ତ ହୋଇଯାଏ ଯେ କେହି କାହାର ଉପସ୍ଥିତିକୁ ସହ୍ୟ କରିପାରି ନ ଥାନ୍ତି। ଏପରି ସ୍ଥଳେ କଳହକୁ ପ୍ରଶମିତ କରିବାକୁ ଯାଇ ଜଣେ ଅନ୍ୟଜଣଙ୍କ ଠାରୁ ଦୂରେଇ ଯିବା ଲାଗି ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିତି ପଖାଳୁଆ ସାଇ ରସିକ**
**କଖାରୁ ଫୁଲକୁ ପାରୁଡ଼ା ପୋକ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। କଖାରୁ ଫୁଲ ଓ ପାରୁଡା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ପଖାଳ ଖାଇ ଫେଣ୍ଟା ମାରି ରସିକିଆ ପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶ୍ରୀମନ୍ଦିରରେ ଅଣସର ଜଗୁଆଳ

ପୁରୀ,୧୭।୬(ଅଜିତ୍ କୁମାର ମହାନ୍ତି)



ପବିତ୍ର ସ୍ନାନଯାତ୍ରାରେ ଶ୍ରୀବିଗ୍ରହମାନେ ସ୍ନାନବେଦୀରେ ୧୦୮ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତ ସେବା ଜାରି ରଖିଛନ୍ତି। ତେବେ ଏହି ଅଣସର ସମୟରେ ଅଣସର ଜଗୁଆଳ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥିବା ନେଇ ବିଶ୍ୱାସ ରହିଛି।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥଙ୍କ ଉପାସନାରେ ସଖିଭାବ ପରମ୍ପରାର ନିଦର୍ଶନ ବହୁ ପ୍ରାଚୀନ। ନିର୍ଦ୍ଦିଷ୍ଟ ଐତିହାସିକ ପ୍ରମାଣ ଏଯାଏଁ ମିଳି ନଥିଲେ ମଧ୍ୟ ଏହାର ରହସ୍ୟ ଖୁବ୍ ଗଭୀର। ବାସ୍ତବରେ 'ସଖି' ଶବ୍ଦ ଏକ ବୈଦିକ ଶବ୍ଦ। ମିତ୍ର ଅର୍ଥରେ ଏହା ଋଗ୍‌ବେଦରେ ବ୍ୟବହୃତ ହୋଇଅଛି 'ସମପ୍ରାଣଃ ସଖା ମତଃ'। ଯିଏ ମିତ୍ରକୁ ନିଜର ପ୍ରାଣତୁଲ୍ୟ ମନେ କରନ୍ତି ସେ ସଖା ବା ସଖି। ସେଥିପାଇଁ କୁହାଯାଇଛି ସଖି ବା ସଖା ଏକ ଭାବ। ମଧୁରପୂର୍ଣ୍ଣ ସହଚରୀର ଆଚରଣରେ 'ଭକ୍ତି' ମିଶିବା ପରେ ଯାକୁ କୁହାଗଲା ମାଧୁର୍ଯ୍ୟପୂର୍ଣ୍ଣ ଭକ୍ତି। ମଧ୍ୟଯୁଗୀୟ ସାହିତ୍ୟରେ ରାଧିକା, ଲଳିତା, ବିଶାଖା ସଖିଭାବ ଉପାସନାରେ ଜଣେ ଜଣେ ସ୍ମରଣୀୟ ଚରିତ୍ର। ଶ୍ରୀମନ୍ଦିରରେ ଜୟବିଜୟ ଦ୍ୱାର ଦେଇ 'ପୋଖରିଆ'ରେ ପ୍ରବେଶ କଲେ, ପାହାଚର ଡାହାଣ ପଟେ ରହିଥିବା ଘରଟି ପଲଙ୍କ ଘର ବା ଖଟଶେଯ ଘର। ଯେଉଁ ଘରେ ମହାପ୍ରଭୁଙ୍କ ଦୈନିକ ବ୍ୟବହୃତ ପଲଙ୍କ ପ୍ରଭୃତି ରହିଥାଏ। ତା' ଉପରେ ଏକ ଘର ରହିଛି ଯାହା 'ଶୟନଘର' ରୂପେ ବିଦିତ। ଚତୁର୍ମାସ୍ୟା ସମୟରେ ଆଷାଢ଼ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଠାକୁର ଶୟନ କରିଥାନ୍ତି। ପଲଙ୍କ ଘରେ ତିନିଜଣ ସଖିଙ୍କର ଲାଳିତ୍ୟପୂର୍ଣ୍ଣ ପ୍ରସ୍ତର ମୂର୍ତ୍ତି ବିଜେ କରିଛନ୍ତି। ତାଙ୍କର ବେଶଭୂଷାରୁ ଜଣାଯାଏ,ଏମାନେ ଲାବଣ୍ୟମୟୀ ଲଳନା। ଜୟବିଜୟ ଦ୍ୱାରରୁ ପୋଖରିଆକୁ ଓହ୍ଲେଇବାର ଦ୍ୱିତୀୟ ପାହାଚ ପରେ ବାମପଟେ ରହିଛି ଚାଙ୍ଗଡ଼ାଘର, ତା' ଉପରେ ଫୁଲଘର। ଚାଙ୍ଗଡ଼ା ଘରେ ମଧ୍ୟ ଦୁଇଜଣ ସଖି ରହିଛନ୍ତି। ଚାଙ୍ଗଡ଼ାଘରେ ମହାପ୍ରଭୁଙ୍କର ଲୁଗାପଟା ରୁହେ। ଏହିପରି ୫ଜଣ ସଖି ରହିଥିବା ବେଳେ ବେହରଣ ଦ୍ୱାରରୁ ଅଣସର ଘରକୁ ଯିବା ରାସ୍ତାରେ ଉତ୍ତରମୁହାଁ ହୋଇ ରହିଛନ୍ତି ଜଣେ ସଖି। ଅଣସର ଘରୁ କଳାହାଟ ଦ୍ୱାରକୁ ଯିବା ପୂର୍ବରୁ ଦୁଇପଟେ ପୂର୍ବମୁହାଁ ହୋଇ ରହିଛନ୍ତି ଦୁଇଜଣ ସଖି। ଯେ ଦୁହେଁ ଅଣସର ଘରର ପରିସରରେ ରହିଛନ୍ତି। ପ୍ରତିଦିନ ଏମାନଙ୍କୁ ମହାପ୍ରଭୁଙ୍କ ପୂଜା ପରେ ଫୁଲ ପ୍ରସାଦ ଦିଆଯାଏ। ବାହାରେ ଥିବା ତିନି ସଖିଙ୍କୁ ଦଇତାପତି ସେବକଙ୍କ ଭାଷାରେ 'ଅଣସର ଜଗୁଆଳ' କୁହାଯାଏ। କଥାରେ ଅଛି, ଗୁପ୍ତ ଉପାସନା କାଳରେ ଏହି ଅଷ୍ଟସଖି ମିଳିତ ସେବାରେ ତନ୍ମୟ ହୋଇଯାନ୍ତି।

## ମହାପ୍ରଭୁଙ୍କୁ ଲାଗି ହେଲା 'ଓଷୁଅ'

ଜ୍ୱରରେ ପୀଡ଼ିତ ଦାରୁଦିଅଁଙ୍କ ପାଇଁ ଅଣସରର ପଞ୍ଚମ ଦିନରେ ଫୁଲୁରି ତେଲ ଲାଗି କରାଯାଇଛି। ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରି ତେଲକୁ ପତିମହାପାତ୍ର ସଂସ୍କାର କରିବା ପରେ ଦଇତାପତି ସେବକମାନେ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗରେ ଲାଗି କରିଥିଲେ। ସେହିପରି ଅଣସରର ୬ଷ୍ଠ ଦିବସରେ ମହାପ୍ରଭୁଙ୍କୁ ଓଷ ବା ଓଷୁଅ ଲାଗି କରାଯାଇଛି। ସୁଦ୍ଧସୁଆର ସେବକମାନେ ପ୍ରସ୍ତୁତ କରିଥିବା ଓଷୁଅକୁ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲେପନ କରିଛନ୍ତି। ଶ୍ରୀମନ୍ଦିରରେ ମଙ୍ଗଳବାର ମଧ୍ୟାହ୍ନ ଧୂପ ସରିବା ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଓଷୁଅ ଲାଗି କରିଛନ୍ତି। ଓଷ ବା ଓଷୁଅ ଲାଗି ଦ୍ୱାରା ମହାପ୍ରଭୁ ସୁସ୍ଥ ଅନୁଭବ କରନ୍ତି ବୋଲି ବିଶ୍ୱାସ ରହିଛି। କୃଷ୍ଣ ଷଷ୍ଠୀଠାରୁ ନବମୀ ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କୁ ଓଷୁଅ ଲାଗି କରାଯାଇଥାଏ।

# ପାରସ୍ପରିକ ସୌହାର୍ଦ୍ଦ୍ୟ ବୃଦ୍ଧିର ଅବସର

## ଆଜି ଅନ୍ତର୍ଜାତୀୟ ବଣଭୋଜି ଦିବସ



ବ୍ୟସ୍ତବହୁଳ କର୍ମମୟ ଜୀବନରୁ ଟିକେ ଆରାମ ପାଇବା ପାଇଁ ସମସ୍ତେ ଇଚ୍ଛା କରନ୍ତି। ସେଥିପାଇଁ ସମୟ ପାଇବା ମାତ୍ରେ ସାଧାରଣତଃ ଲୋକମାନେ ପିକ୍‌ନିକ୍ କରିବାକୁ ଆଗ୍ରହ ଦେଖାଇଥାନ୍ତି। ପିକ୍‌ନିକ୍ ଏଭଳି ଏକ ଫନ୍ ଆକ୍ଟିଭିଟି ଯାହା ସମସ୍ତଙ୍କ ଭିତରେ ଶକ୍ତି ଭରି ଦେଇଥାଏ। ସେଥିପାଇଁ ଏହାର ନାଁ ଶୁଣିବା ମାତ୍ରେ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ଭିତରେ ଉତ୍ସାହ ଦେଖାଦିଏ। ବହୁ ଆଗରୁ ପିକ୍‌ନିକ୍ କରିବାର ପ୍ରଥା ଚାଲି ଆସୁଛି। ତେବେ ପ୍ରତିବର୍ଷ ଜୁନ୍ ୧୮କୁ ଅନ୍ତର୍ଜାତୀୟ ପିକ୍‌ନିକ୍ ବା ବଣଭୋଜି ଦିବସ ଭାବେ ପାଳନ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ଜୀବନରୁ କିଛି ସମୟ ବାହାର କରି ପ୍ରକୃତି ସୌନ୍ଦର୍ଯ୍ୟର ଆନନ୍ଦ ନେବା। ସହର ଜୀବନଠାରୁ ଦୂରରେ ଶାନ୍ତ ବାତାବରଣ ସହିତ ନିଜର ପ୍ରିୟଜନଙ୍କ ସହିତ ମିଶି ଭୋଜିର ମଜା ନେବା ଏବଂ ପରସ୍ପର ମଧ୍ୟରେ ସ୍ନେହ ସୌହାର୍ଦ୍ଦ୍ୟ ବୃଦ୍ଧି କରିବା ଏହାର ଲକ୍ଷ୍ୟ।

ପିକ୍‌ନିକ୍ ଶବ୍ଦର ଉତ୍ପତ୍ତି ଫ୍ରେଞ୍ଚ ଶବ୍ଦ 'ପିକ୍-ନିକ୍'ରୁ ହୋଇଛି। ଏହାର ଅର୍ଥ ଏକ ସାମାଜିକ କାର୍ଯ୍ୟକ୍ରମ ଯେଉଁଠାରେ ଯେକୌଣସି ଲୋକ ନିଜର ଭୋଜନ କରିପାରିବ ଏବଂ ପରସ୍ପର ସହିତ ଏହାକୁ ବାଣ୍ଟି ପାରିବେ। ଲୋକକଥା ଅନୁଯାୟୀ, ପିକ୍‌ନିକ୍‌ର ଆରମ୍ଭ ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗ ତଥା ଫ୍ରାନ୍ସ ବିପ୍ଳବ ପରେ ହୋଇଥିଲା। ସେ ସମୟରେ ଏହା ଏକ ଅନୌପଚାରିକ ଭୋଜନ ଭାବେ ହେଉଥିଲା। ଗିନିଜ୍ ବୁକ୍ ଅଫ୍ ଓ୍ୱାର୍ଲ୍ଡ ରେକର୍ଡ ଅନୁଯାୟୀ ସବୁଠାରୁ ବଡ ପିକ୍‌ନିକ୍ ପର୍ତ୍ତୁଗାଲରେ ହୋଇଥିଲା। ଏଥିରେ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ଭାଗ ନେଇଥିଲେ।

- ବନ୍ଦନା ସେଠୀ,ଭୁବନେଶ୍ୱର

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରର ପ୍ରତ୍ୟେକ ପରିସ୍ଥିତିକୁ କୌଶଳରେ ସଜାଡ଼ି ନେବେ। ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାରେ କମ୍ ସମ୍ଭାବନାକୁ ଦେଖି ଚିନ୍ତା ବଢ଼ିଯିବ। ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ। ଭାବପ୍ରବଣତାରେ ଭାସିଯାଇ ହାତରୁ ଖାଇ ପର ପାଇଁ ଖଟିବେ ଓ ପରେ ଅନୁତାପ କରିବେ।

**ବୃଷ** ବହୁତ ଦିନ ହେଲା ଯାହା ପାଇବାକୁ ଚେଷ୍ଟା କରି ପାଇ ନ ଥିଲେ ଆଜି ତାହା ପାଇଯିବେ। ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେଇପାରନ୍ତି। ମୃଗଶିରା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ପରିବହନରେ ଉନ୍ନତ ଫଳ ପାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ମିଥୁନ** ସମ୍ପର୍କୀୟଙ୍କ ସହ ମିତ୍ରତା ବଢ଼ାଇବାକୁ ଚେଷ୍ଟା କଲେ ମଧ୍ୟ ସେମାନେ ଅସ୍ୱୀକାର କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ପ୍ରସ୍ତୁତି ଆରମ୍ଭ କରିବେ। ପାରିବାରିକ ସମ୍ପର୍କ ମନ୍ଦ ହେବନି। ପୁନର୍ବସୁ ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟାଦି ମନ୍ଦ ହେବନାହିଁ।

**କର୍କଟ** ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରି ଉପକୃତ ହେବେ। ପୁଷ୍ୟା ନକ୍ଷତ୍ର ଅଭାବ ନ ଥିଲେ ମଧ୍ୟ ଖୋଲା ମନନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ସ୍ତରରେ ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** ପରିସ୍ଥିତିର ତାଡନାରେ କଠିନ ପରିଶ୍ରମଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ପୂର୍ବାଫାଲଗୁନୀ ନକ୍ଷତ୍ର ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନଙ୍କ ସମସ୍ୟା ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ ଆତ୍ମୀୟତାର କାମ କରି ପ୍ରଶଂସିତ ହେବେ।

**କନ୍ୟା** ଉତ୍ତରାଫାଲଗୁନୀ ନକ୍ଷତ୍ର ନୂତନ କାମଟି ପାଇଁ ପ୍ରସ୍ତୁତି ଜୋର୍‌ସୋର୍‌ରେ ଆରମ୍ଭ କରିବାକୁ ମନସ୍ଥ କରିବେ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତାଗ୍ରସ୍ତ ହେବେ। ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ନିଜର ଫାଇଦା ହାସଲ ପାଇଁ ଅପଚେଷ୍ଟା କରିବେ।

**ତୁଳା** ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ଚିତ୍ରା ନକ୍ଷତ୍ର ସକାଶେ ବ୍ୟବସାୟ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। କଚେରି ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁତା ହଠାତ୍ ପ୍ରଶମିତ ନ ହୋଇପାରେ କିନ୍ତୁ କିଛି ସମୟ ପାଇଁ ମଳିନ ରହିବ।

**ବିଛା** ଅନୁରାଧା ନକ୍ଷତ୍ରର ବହୁତ କାମ ଅସମ୍ପୂର୍ଣ୍ଣ ରହିଯାଇଥିବା କାରଣରୁ ବିଚଳିତ ବୋଧ କରିପାରନ୍ତି। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ସବୁକଥାରେ ନୀରବ ସମର୍ଥନ ଦେବେ। ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ହେବେ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ର ଆଜି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ସନ୍ତାନଙ୍କ ଦୁର୍ବଳସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟାକରିପାରନ୍ତି। ଦୂରଭ୍ରମଣ ପରିପ୍ରେକ୍ଷୀରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତି ଅନୁଭବ କରିବେ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ ବିନା ବାଧାବିଘ୍ନରେ ସମାପନ ହେବ। ଧନିଷ୍ଠା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ । ବ୍ୟବସାୟ କ୍ଷେତ୍ରରେ ଚେଷ୍ଟା ଆଂଶିକ ସଫଳ ହେବ। ଅନ୍ୟମାନଙ୍କର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ଜନହିତକର କାର୍ଯ୍ୟରେ ନିଜକୁ ଲଗାଇ ପାରନ୍ତି।

**କୁମ୍ଭ** ବନ୍ଧୁଙ୍କ ନିକଟରୁ କିଛି ଖରାପ ଖବର ପାଇ ବିବ୍ରତ ହୋଇପାରନ୍ତି। ରୋଗଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ପୂର୍ବଭାଦ୍ର ନକ୍ଷତ୍ରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟ ଯୋଗୁ ବ୍ୟସ୍ତ ରହି ପାରନ୍ତି। ଉତ୍ତମ ବୁଝାମଣା ପରିପ୍ରେକ୍ଷୀରେ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବାର ସୂଚନା ରହିଛି।

**ମୀନ** ଆଜି ଉତ୍ତରଭାଦ୍ର ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଖୁସି ରହିବେ। ବିବାଦୀୟ କ୍ଷେତ୍ର କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇପାରନ୍ତି। ପରିବାରର ଖର୍ଚ୍ଚ ଦିଗୁଣା ହୋଇପାରେ, ଏଣୁ ସରକାରୀସ୍ତରରୁ ଋଣ ଆଣିବାକୁ ମନ ବଳାଇ ପାରନ୍ତି। ପରୋକ୍ଷ ଶତ୍ରୁତାରୁ ପ୍ରତ୍ୟେକ କାର୍ଯ୍ୟରେ ସମସ୍ୟା ଲାଗି ରହିବ।

ଆଜି ଜୁନ୍ ୧୮ ତାରିଖ, ଅନ୍ତର୍ଜାତୀୟ ବଣ ଭୋଜି ଦିବସ, ଆଷାଢ଼ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର। ରାଶିନକ୍ଷତ୍ର-ପୂର୍ବଭାଦ୍ର/କୁମ୍ଭ, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୦ମି. ଗତେ ଘ.୦୮.୨୯ମି. ମଧ୍ୟେ, ଘ.୧୦.୦୮ମି. ଗତେ ଘ.୧୧.୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୭ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁ କାଳ।

ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଜୁନ୍ ୧୮/୨୦୨୫ | Bhubaneswar, Wednesday, June 18/2025 | ପୃଷ୍ଠା-୧

DADLS-32
ବର୍ଷ ଏକ ଉପଲବ୍ଧି ଅନେକ
ସୁଶାସନ ଓ ସାମାଜିକ ସୁରକ୍ଷା
• ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓ ୮୦%ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ମାନଙ୍କୁ ବର୍ଦ୍ଧିତ ହାରରେ ୩୫୦୦ ଟଙ୍କା ଭତ୍ତା ପ୍ରଦାନ
• ପ୍ରାୟ ୭ ଲକ୍ଷରୁ ଅଧିକ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ଼ ପ୍ରଦାନ
OIPR-15001/13/0708/2526



# ପ୍ରଯୁକ୍ତି ବଳରେ ସଶକ୍ତ ହେବେ ଚାଷୀ



ବଲାଙ୍ଗୀର ପଥରଚେପାଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଲଙ୍ଗଳ ଉପହାର ଦେଉଛନ୍ତି। ନିକଟରେ ସ୍ଥାନୀୟ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ନେତୃବୃନ୍ଦ।

**ଓଡ଼ିଶାର କୃଷକମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରଯୁକ୍ତି ଓ ଯାନ୍ତ୍ରିକ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ନୂତନ ଜ୍ଞାନକୌଶଳର ଉପଯୋଗ କରି କୃଷକମାନେ ଆର୍ଥିକ ଦୃଷ୍ଟିରୁ ଅଧିକ ସଶକ୍ତ ହୋଇପାରିବେ ବୋଲି ବଲାଙ୍ଗୀରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ପାଳନ ଉପଲକ୍ଷେ ଆୟୋଜିତ କୃଷକ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଗଠନରେ କୃଷି ଓ କୃଷକଙ୍କ ବଳିଷ୍ଠ ଭୂମିକାକୁ ପ୍ରଶଂସା କରିଛନ୍ତି। ସରକାର ନିର୍ବାଚନ ସମୟର ପ୍ରତିଶ୍ରୁତି ପୂରଣ କରି ଚାଷୀଙ୍କୁ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପ୍ରଦାନ କରିଥିବା କହିଛନ୍ତି।**

## ବଲାଙ୍ଗୀରରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ

### ରବି ଧାନ ଇନ୍‌ପୁଟ ସହାୟତା ଦେଇ ଓଡ଼ିଶା ରେକର୍ଡ କରିଛି: ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର,୧୭।୬
(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ମଙ୍ଗଳବାର ବଲାଙ୍ଗୀର ସହର ସନ୍ନିକଟ ପଥରଚେପାଠାରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲବ୍ଧି ସମ୍ପର୍କରେ ସୂଚନା ଦେବା ସହ ବିକଶିତ ଓଡ଼ିଶା ଗଠନରେ କୃଷି ଓ କୃଷକଙ୍କ ବଳିଷ୍ଠ ଭୂମିକା ରହିଛି ବୋଲି କହିଥିଲେ। ରାଜ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ସରକାର ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ସହାୟତା ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ସମୟରେ ଯାହା ମୁଖ୍ୟ ପ୍ରତିଶ୍ରୁତି ଥିଲା, ତାହା ପୂରଣ କରି ରାଜ୍ୟର ଲକ୍ଷାଧିକ ଚାଷୀଙ୍କୁ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପ୍ରଦାନ କରିଥିବା କହିଥିଲେ। କେବଳ ଖରିଫ ଧାନ ନୁହେଁ, ରବି ଧାନ ପାଇଁ ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ଦେଇ ସାରା ଦେଶରେ ଓଡ଼ିଶା ରେକର୍ଡ କରିଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ବଲାଙ୍ଗୀର ଜିଲାରୁ ଏବେ ଦୁଇଜଣ ମନ୍ତ୍ରୀ ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଏଠାରେ ଏବେ ଡବଲ ଇଞ୍ଜିନ ନୁହେଁ, ଟ୍ରିପଲ୍ ଇଞ୍ଜିନ ସରକାର ଚାଲିଛି। ଜିଲାର ବିକାଶ ବି ତିନିଗୁଣ ବେଗରେ ଚାଲୁଛି ଓ ଏହି ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟର ପ୍ରାୟ ୬୦%ରୁ ଅଧିକ ଲୋକ କୃଷି ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ। ମେ' ମାସ ସୁଦ୍ଧା ୭୮ ହଜାର ୬୮୧ କୃଷି ଯନ୍ତ୍ରପାତି ଯୋଗାଣ ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**
**ହଇଜା ଆସିଲା**

# ଏୟାର ଇଣ୍ଡିଆ: ବିମାନ ବିଭ୍ରାଟ



**ଜୁନ୍ ୧୨ରେ ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ୧୭୧ ଉଡ଼ାଣ କରିବା ମାତ୍ରେ ୮୨୫ ଫୁଟ୍ ଉଚ୍ଚତାରୁ ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଅନ୍ୟୂନ ୨୭୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘାତକ ବିମାନ ଦୁର୍ଘଟଣା ପରଠୁ ଏୟାର ଇଣ୍ଡିଆ ଫ୍ଲାଇଟ୍‌ଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ସମେତ ବିଭିନ୍ନ କାରଣରୁ ଅନେକ ଫ୍ଲାଇଟ୍‌ର ଉଡ଼ାଣ ବାତିଲ କରାଯାଇଛି। ଏପରି କି କେତେକ ବିମାନର ଜରୁରୀ ଅବତରଣ ମଧ୍ୟ କରାଯାଇଛି। ମଙ୍ଗଳବାର ଏୟାର ଇଣ୍ଡିଆର ୭ଟି ବିମାନର ଗନ୍ତବ୍ୟସ୍ଥଳକୁ ଉଡ଼ାଣ କରିପାରି ନାହିଁ। ଏଥିଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେବା ସହ ଏହାର ପରିଚାଳନାକାରୀ କମ୍ପାନୀ ଟାଟା ଗ୍ରୁପ୍ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୧ ଅକ୍ଟୋବର ୮ରେ ଟାଟା ଗ୍ରୁପ୍ ଭାରତ ସରକାରଙ୍କଠାରୁ ଏୟାର ଇଣ୍ଡିଆ ଲିମିଟେଡ୍‌କୁ ୧୮,୦୦୦ କୋଟି ଟଙ୍କାରେ କିଣିଥିଲା। ଏୟାର ଇଣ୍ଡିଆର ୭୪.୯% ଅଂଶଧନ ଟାଟା ଗ୍ରୁପ୍ ନିକଟରେ ଥିବାବେଳେ ଅବଶିଷ୍ଟ ୨୫.୧% ଶେୟାର ସିଙ୍ଗାପୁର ଏୟାରଲାଇନ୍ସ ହାତରେ ରହିଛି। ତେବେ ଟାଟା ଏହାକୁ ଅଧିଗ୍ରହଣ କରିବା ପରଠୁ ବିମାନଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରୁ ନ ଥିବାରୁ ବାରମ୍ବାର ଏଭଳି ସ୍ଥିତି ଉପୁଜୁଥିବା ଅଭିଯୋଗ ହେଉଛି।**

## ଦିନକରେ ୭ ଉଡ଼ାଣ ବାତିଲ

ନୂଆଦିଲ୍ଲୀ/ଅହମଦାବାଦ, ୧୭।୬(ଏଜେନ୍ସି)

ଗତ ୧୨ ତାରିଖରେ ଅହମଦାବାଦ-ଲଣ୍ଡନ ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର୍ ବିମାନ ଉଡ଼ାଣର ୫ ମିନିଟ ପରେ ଦୁର୍ଘଟଣା ଘଟି ୨୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ଏହାର କିଛି ଦିନ ମଧ୍ୟରେ ଅନେକ ଭାରତୀୟ ବିମାନରେ ଯାନ୍ତ୍ରିକ ତ୍ରୁଟି ସମସ୍ୟା ପରିଲକ୍ଷିତ ହୋଇଛି। ଫଳରେ ବିମାନଗୁଡ଼ିକୁ ଆକାଶରେ ୟୁ ଟର୍ନ ନେବାକୁ ପଡ଼ିଛି କିମ୍ବା ନିକଟସ୍ଥ ଏୟାରପୋର୍ଟରେ ଜରୁରୀ ଅବତରଣ କରିବାକୁ ପଡ଼ିଛି। ☞ପୃଷ୍ଠା-୬

NIIS INSTITUTE OF ENGINEERING & TECHNOLOGY
(Approved by AICTE, Govt. of India, Affiliated to BPUT & SCTE&VT, Govt. of Odisha)
Member institute of NIIS Group of Institutions
Celebrating 26 Years of Excellence in Education @ NIIS
B.Tech.
Civil Engineering
Electrical Engineering
Mechanical Engineering
Computer Science Engineering (CSE)
Electrical and Electronic Engineering (EEE)
Electronics and Computer Engineering (ECE)
Artificial Intelligence & Machine Learning (AI&ML)
Diploma
Civil
Electrical
Mechanical
Computer Science
MCA
Few Lateral seat in B.Tech & Diploma also available
Special scholarship for Meritorious students.
Reservation for Girl Students.
In campus Hostel facilities.
Campus: At/Po- Chhatabar, Bhubaneswar-752054
E.mail - contactus@niisgroup.org I Visitus: www.niisgroup.org
Contact: 9778899990 / 9778899991

# ୩ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା

### ସାରା ରାଜ୍ୟକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର,୧୭।୬
(ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଏବଂ ଏହାର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ବର୍ଷା କରାଇବ। ଅନ୍ୟପଟେ ମଙ୍ଗଳବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ରାଜ୍ୟକୁ ଛୁଇଁଥିବାରୁ ସବୁ ଜିଲାରେ ବର୍ଷା ଜାରି ରହିଛି। ଆସନ୍ତା ୩ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିଥିବାରୁ ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ବର୍ଷା ସମୟରେ ବଜ୍ରପାତ ପାଇଁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ☞ପୃଷ୍ଠା-୬

# ଗୋପାଳପୁର ଗଣବଳାତ୍କାର: ରିପୋର୍ଟ ମାଗିଲେ ଏନ୍‌ସିଡବ୍ଲ୍ୟୁ

### ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୬
(ସତ୍ୟଜିତ୍ ରାଉତ/ସୁନିତ୍ ମିଶ୍ର)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ସୋମବାର ସନ୍ଧ୍ୟାରେ ଜଣେ ୨୦ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ)। କମିଶନ ନିଜ ଆଡୁ ମାମଲା ରୁଜୁ କରି ଓଡ଼ିଶା ସରକାରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ୩ ଦିନ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ବିଜୟା ରାହତକର ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କୁ ଏନେଇ ଚିଠି ଲେଖିବା ସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରିତ କରିବାକୁ କହିଛନ୍ତି। ପୀଡ଼ିତାଙ୍କୁ ମାଗଣା ଚିକିତ୍ସା ସହ ମନସ୍ତାତ୍ତ୍ୱିକ ସହାୟତା ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍)ର ଧାରା ୩୯୬ ଅନୁସାରେ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି।

ଅନ୍ୟପକ୍ଷେ ଏହି ଘଟଣାରେ ଅପରାଧୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ମାନବତା ବିରୋଧରେ ଏକ ଅପରାଧ। ଏଥିରେ ସମ୍ପୃକ୍ତ କୌଣସି ଅପରାଧୀଙ୍କୁ ଛଡ଼ାଯିବ ନାହିଁ। ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ। ମୁଖ୍ୟମନ୍ତ୍ରୀ ପୋଲିସକୁ ସମସ୍ତ ସନ୍ଦିଗ୍ଧ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ଥାନୀୟ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି।

# ଅନ୍‌ଲାଇନରେ ମିଳିବ ଆମ୍ବୁଲାନ୍ସ ସେବା

ଭୁବନେଶ୍ୱର,୧୭।୬(ବନ୍ଦନା ସେଠୀ)




ଏଣିକି ଅନ୍‌ଲାଇନରେ ମିଳିବ ଆମ୍ବୁଲାନ୍ସ ସେବା। ଓଡ଼ିଶା ଯାତ୍ରୀ ଆପ୍‌ରେ ଆମ୍ବୁଲାନ୍ସ ସେବା ଯୋଡ଼ିହେବ। ଘରୋଇ ଆମ୍ବୁଲାନ୍ସଗୁଡ଼ିକ ଓଡ଼ିଶା ଯାତ୍ରୀ ସହ ଯୋଡ଼ି ହେବେ ଏବଂ ଅନ୍‌ଲାଇନରେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଆମ୍ବୁଲାନ୍ସ ବୁକ୍ କରିପାରିବେ। ଏନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ସେହିପରି ଆମ୍ବୁଲାନ୍ସ ସଂରକ୍ଷଣର ଦାୟିତ୍ୱ ପରିବହନ ବିଭାଗ ନେଇଥିବାବେଳେ କ୍ୟୁଟ୍ ସହାୟତାରେ ଏହାକୁ ପରିଚାଳନା କରାଯିବ। ଅଟୋ, ଟ୍ୟାକ୍ସି ପରେ ଘରୋଇ ଆମ୍ବୁଲାନ୍ସକୁ ଓଡ଼ିଶା ଯାତ୍ରୀ ଆପ୍ ସହ ଯୋଡ଼ାଯିବ। ଆମ୍ବୁଲାନ୍ସ ସେବା ଦର ସରକାର ନିର୍ଦ୍ଧାରଣ କରିବେ। ଏହାଦ୍ୱାରା ସରକାରୀ ଆମ୍ବୁଲାନ୍ସ ସହ ସାଧାରଣ ଲୋକ ଘରୋଇ ଆମ୍ବୁଲାନ୍ସ ସେବା ମଧ୍ୟ ପାଇପାରିବେ। ଏନେଇ ପରିବହନ ବିଭାଗ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଥିବା ପରିବହନ ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।

SIKSHA 'O' ANUSANDHAN
SAAT-2025
Empowering students for a brighter future
LAW PROGRAMMES OFFERED
BA LLB (H) - Integrated Law
BBA LLB (H) - Integrated Law
LLB (H) - 3 Years Law
LLM
APPROVAL & RECOGNITIONS
Approved by UGC and BCI
Re-accredited by NAAC with A++ Grade
Granted with Category-1 Graded Autonomy by UGC
NIRF INDIA RANKINGS 2024
09th Best in Law Category
14th Best in University Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

-ଶରଣ ଶେଷ



# ହଇଜା ଆସିଲା

ଚିକିତ୍ସା କ୍ଷେତ୍ରରେ ବ୍ୟାପକ ଯୋଜନା ସତ୍ତ୍ୱେ ବାରମ୍ବାର ଡାଇରିଆ ବ୍ୟାପୁଛି। ଏହାକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ଏବେ ଯାଜପୁର ଜିଲାରେ ଏହାର ସଂକ୍ରମଣ ଉଦ୍‌ବେଗର କାରଣ ହୋଇଛି ଏବଂ ଜିଲାର ବିଭିନ୍ନ ସ୍ଥାନରେ ୧୯ ଜଣଙ୍କର ମୃତ୍ୟୁ ହେବା ସହ ୨୦୦ରୁ ଊର୍ଦ୍ଧ୍ୱ ଚିକିତ୍ସାଧୀନ ଅଛନ୍ତି। ୧୪ ଜଣିଆ କେନ୍ଦ୍ରୀୟ ଟିମ୍‌ର ରିପୋର୍ଟ ଅନୁଯାୟୀ ଯାଜପୁରରେ ଡାଇରିଆ ସହ ହଇଜା (କଲେରା) ବ୍ୟାପିଛି। ବାସ୍ତବରେ ଏବକାର ଉନ୍ନତ ଚିକିତ୍ସା ପରିସରରେ ହଇଜାର ପ୍ରବେଶ ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ଆହ୍ୱାନ। ଯାଜପୁର ବ୍ୟତୀତ କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା ଜିଲା ସମେତ ଭୁବନେଶ୍ୱରରେ ଡାଇରିଆ ବ୍ୟାପୁଥିବା ଜଣାପଡ଼ିଛି। ଡାଇରିଆ ଭୂତାଣୁ ସାଧାରଣତଃ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପିଥାଏ। ଦୁର୍ବଳ ପରିମଳ ଓ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା ଏହି ସଂକ୍ରମଣର ବଡ଼ କାରଣ। ରାଜ୍ୟରେ ବର୍ତ୍ତମାନ ଦେଖାଯାଇଥିବା ଡାଇରିଆ ନୂଆ ନୁହେଁ। ସମୟକ୍ରମେ ଏହା ଥରକୁ ଥର ବିଭିନ୍ନ ଅଞ୍ଚଳରେ ଦେଖାଯାଇଛି। ୨୦୨୩ ଡିସେମ୍ବରରେ ରାଉରକେଲାରେ ସଂକ୍ରମଣ ଯୋଗୁ ୧୦ ଜଣଙ୍କର ମୃତ୍ୟୁ ହେବା ସହ ପାଖାପାଖି ୫୦୦ ଆକ୍ରାନ୍ତ ହୋଇଥିଲେ। ୨୦୨୪ ଜୁନ୍‌ରେ ରାୟଗଡ଼ା ବିଷମକଟକ ବ୍ଲକ୍ ଗଇଲକଣା ଗ୍ରାମରେ ଡାଇରିଆ ବ୍ୟାପି ଜଣଙ୍କର ମୃତ୍ୟୁହେବା ସହ ଏକାଧିକ ଆକ୍ରାନ୍ତ ହୋଇଥିଲେ। ସଂକ୍ରମଣର କାରଣ ଦୂଷିତ ଜଳ ଥିଲା ବୋଲି ସରକାରୀ ଭାବେ କୁହାଯାଇଥିଲା। କେବଳ ରାୟଗଡ଼ା ନୁହେଁ, ବିଭିନ୍ନ ସମୟରେ ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ଫୁଲବାଣୀ, କନ୍ଧମାଳ ଆଦି ଜିଲାରେ ଡାଇରିଆ ବ୍ୟାପିଥିବା ଦେଖାଯାଇଛି। ସାମ୍ପ୍ରତିକ ସ୍ଥିତିରେ ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ଗ୍ରାମାଞ୍ଚଳର ଦୁର୍ବଳ ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛ ପାନୀୟ ଜଳ ଅଭାବ କାରଣରୁ ଯାଜପୁର ଭଳି ସ୍ଥିତି ଉପୁଜିବା ଅଧିକ ଆଶଙ୍କା ରହିଛି। ଏମିତିକି ସ୍ୱଚ୍ଛ କୁହାଯାଉଥିବା ସହରଗୁଡ଼ିକର ପରିମଳ ସ୍ଥିତିକୁ ଲକ୍ଷ୍ୟକଲେ ସଂକ୍ରମଣ ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ବାହାରେ ମଳତ୍ୟାଗ, ଅଳିଆପାହାଡ଼ର ସମସ୍ୟା ଓ ପାଇପ୍ ଫାଟି ବାହାର ପାଣି ପ୍ରବେଶ କରିବା ଖବର ବହୁ ସମୟରେ ପ୍ରକାଶ ପାଉଛି। ବିଶେଷକରି ଏବେ ବର୍ଷାଋତୁ ଆରମ୍ଭ ହୋଇଥିବା ଫଳରେ ପାଇପ୍ ଯୋଗେ ପାନୀୟ ଜଳର ବିଶୁଦ୍ଧତା ବିରାଟ ପ୍ରଶ୍ନବାଚୀରେ ଆସିଗଲାଣି। ସହର ନିକଟସ୍ଥ ବିଭିନ୍ନ ନଦୀନାଳକୁ ସ୍ୱେରେଜ ଓ କଳକାରଖାନାର ଦୂଷିତ ପାଣି ଛଡ଼ାଯାଉଛି ଏବଂ ଏହା ଯୋଗୁ ଭୂତଳ ଜଳ ଦୂଷିତ ହେବାରେ ଲାଗିଛି। ଉଦାହରଣ ସ୍ୱରୂପ କେନ୍ଦ୍ରୀୟ ଭୂତଳ ଜଳ ପରିଷଦ (ସିଜିଡବ୍ଲ୍ୟୁବି) ସର୍ଭେ ଅନୁଯାୟୀ ଭୁବନେଶ୍ୱର ଭୂତଳଜଳ ଏବେ ସେମି କ୍ରିଟିକାଲ ସ୍ତରରେ ରହିଛି। ଅନେକ ବ୍ଲକ୍‌ରେ ଭୂତଳ ଜଳ ଖରାପ ସ୍ଥିତିରେ ଥିଲେ ମଧ୍ୟ ପଞ୍ଚାୟତ ସ୍ତରରେ ପାଇପ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ କିମ୍ବା ନଳକୂପ ପାଣିର ଗୁଣବତ୍ତା ଉପରେ ନିୟମିତ ପରୀକ୍ଷା କରାଯାଉନାହିଁ। ଏହା ବ୍ୟତୀତ ସହରରେ କିମ୍ବା ଗ୍ରାମାଞ୍ଚଳର ଛକର ରାସ୍ତାକଡ଼ ଖୋଲା ଖାଦ୍ୟ ପସରା ଉପରେ କାହାର ନିୟନ୍ତ୍ରଣ ନାହିଁ। ସେଠାରେ ଯେଉଁସବୁ ଖାଦ୍ୟ ବିକ୍ରି ହେଉଛି କିମ୍ବା ପାଣି ପିଇବାକୁ ଦିଆଯାଉଛି ସେଗୁଡ଼ିକର ମାନ ନିୟମିତ ଭାବେ ଯାଞ୍ଚ କରାଯାଏ ନାହିଁ। କେବଳ ପର୍ବପର୍ବାଣି ସମୟରେ ରାସ୍ତାକଡ଼ ଦୋକାନୀଙ୍କ ଉପରେ କାଁ ଭାଁ ଚଢ଼ାଉକରି ମ୍ୟୁନିସିପାଲିଟି ସ୍ୱାସ୍ଥ୍ୟ ଇନ୍ସପେକ୍ଟର ହାତ ବାନ୍ଧି ବସିଯାନ୍ତି। ଏଭଳି ସ୍ଥିତିରେ ଡାଇରିଆ ଓ ହଇଜା ହେବା ଥୟ। ପୂର୍ବରୁ ଓଡ଼ିଶାର ଗ୍ରାମାଞ୍ଚଳରେ ହାଣ୍ଡିଏ ଦିହାଣ୍ଡି ପାଣିକୁ ଫୁଟାଇ ଦିନ ଭିତରେ ପରିବାରର ସମସ୍ତେ ପାନ କରୁଥିଲେ। ଢଗ ଅଛି 'ପାଣି ପିଇବ ଛାଣି, ପଇସା ନେବ ଗଣି'। ସେହି ଛାଣିବା ସହିତ ପାଣିକୁ ଆଞ୍ଚରେ ବସାଇ ଫୁଟାଉଥିଲେ। ସେହିସବୁ ସ୍ୱାସ୍ଥ୍ୟକର ଅଭ୍ୟାସ ଏବେ ଅଧିକାଂଶ ପରିବାରରେ ଲୋପହୋଇଗଲାଣି। ପ୍ଲାଷ୍ଟିକ୍ ବୋତଲରେ ମିଳୁଥିବା ପାଣି ମଧ୍ୟ ବିଶୁଦ୍ଧ ନୁହେଁ ବୋଲି ଅନେକ ଥର ପ୍ରମାଣିତ ହେବା ସତ୍ତ୍ୱେ ସାଧାରଣରେ ସମସ୍ତେ ଫେଶନ ଭାବେ ତାହାକୁ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି।

> ସହରରେ କିମ୍ବା ଗ୍ରାମାଞ୍ଚଳର ଛକର ରାସ୍ତାକଡ଼ ଖୋଲା ଖାଦ୍ୟ ପସରା ଉପରେ କାହାର ନିୟନ୍ତ୍ରଣ ନାହିଁ। ସେଠାରେ ଯେଉଁସବୁ ଖାଦ୍ୟ ବିକ୍ରି ହେଉଛି କିମ୍ବା ପାଣି ପିଇବାକୁ ଦିଆଯାଉଛି ସେଗୁଡ଼ିକର ମାନ ନିୟମିତ ଭାବେ ଯାଞ୍ଚ କରାଯାଏ ନାହିଁ। କେବଳ ପର୍ବପର୍ବାଣି ସମୟରେ ରାସ୍ତାକଡ଼ ଦୋକାନୀଙ୍କ ଉପରେ କାଁ ଭାଁ ଚଢ଼ାଉକରି ମ୍ୟୁନିସିପାଲିଟି ସ୍ୱାସ୍ଥ୍ୟ ଇନ୍ସପେକ୍ଟର ହାତ ବାନ୍ଧି ବସିଯାନ୍ତି। ଏଭଳି ସ୍ଥିତିରେ ଡାଇରିଆ ଓ ହଇଜା ହେବା ଥୟ।

ଡାଇରିଆ ବ୍ୟାପିବା ସ୍ୱଚ୍ଛ ଭାରତ ଯୋଜନା ଓ ଘରେ ଘରେ ପିଇବା ପାଣି ଯୋଗାଣର ସଫଳତା ଉପରେ ପ୍ରଶ୍ନ ଉଠାଇଛି। ଦେଖାଯାଉଛି, ଗାଁରେ ନିର୍ମାଣ କରାଯାଇଥିବା ପାଇଖାନାଗୁଡ଼ିକ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତରୁ ଅଧିକ ବ୍ୟବହାରଯୋଗ୍ୟ ନୁହେଁ। ପାଇଖାନା ନ କରି ହିତାଧିକାରୀ ଟଙ୍କା ନେଇଯାଇଥିବା ବିଷୟ ସମସ୍ତେ ଜାଣନ୍ତି। ଅଧିକାଂଶ ଲୋକ ଏବେ ମଧ୍ୟ ବାହାରେ ମଳତ୍ୟାଗ କରୁଛନ୍ତି। ଅନ୍ୟପକ୍ଷରେ ଗାଁ ଗାଁକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଲୋକେ ନଦୀ, ଝରଣା ପାଣି ବ୍ୟବହାର କରୁଛନ୍ତି। ଏସବୁ ଦୃଷ୍ଟିରୁ ଡାଇରିଆ ଓ ହଇଜାକୁ ଆୟତ୍ତ କରିବାକୁ ହେଲେ ଉନ୍ନତ ପରିମଳ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ଉପରେ ଗୁରୁତ୍ୱ ଦିଆଯିବା ଦରକାର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 9 | |
| 1 | 7 | | 2 | 8 | | | | |
| | 9 | | | 3 | | 6 | 2 | |
| | | 1 | | | | | | |
| | 4 | | | | | | 5 | |
| 7 | 2 | | | 4 | | | | 6 |
| 2 | | | 3 | 6 | | | | 4 |
| | 1 | 3 | | | | | | |
| 8 | | | | | 1 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 7 | 3 | 8 | 9 | 1 | 2 |
| 1 | 8 | 3 | 9 | 6 | 2 | 4 | 5 | 7 |
| 9 | 7 | 2 | 1 | 4 | 5 | 3 | 8 | 6 |
| 8 | 4 | 6 | 3 | 5 | 7 | 2 | 9 | 1 |
| 3 | 2 | 9 | 4 | 1 | 6 | 5 | 7 | 8 |
| 7 | 5 | 1 | 2 | 8 | 9 | 6 | 3 | 4 |
| 6 | 1 | 4 | 5 | 7 | 3 | 8 | 2 | 9 |
| 5 | 9 | 8 | 6 | 2 | 1 | 7 | 4 | 3 |
| 2 | 3 | 7 | 8 | 9 | 4 | 1 | 6 | 5 |

ଗତକାଲିର ଉତ୍ତର

# ସମବାୟରେ କୃଷିର ବିକାଶ



ପ୍ରତାପ ଚନ୍ଦ୍ର ସାମଲ

ସ୍ୱାଧୀନତା ପରେ ଭାରତ ଖାଦ୍ୟଶସ୍ୟରେ ନିଅଣ୍ଟ ଥିବାରୁ ସମସ୍ତଙ୍କୁ ଦୁଇଓଳି ଖାଦ୍ୟ ଦେବା ପାଇଁ ସରକାର 'ମାର୍ଶାଲ' ଯୋଜନାରେ 'ପିଏଲ୍ଏ ୪୮୦' ଚୁକ୍ତି ଅନୁଯାୟୀ ଦେଶର ବୈଦେଶିକ ମୁଦ୍ରା ବିନିମୟରେ ଆମେରିକାରୁ ବାର୍ଷିକ ୨୦ରୁ ୫୦ ଲକ୍ଷ ଟନ୍ ଚାଉଳ ଓ ଗହମ ଆମଦାନି କରିଥିଲେ। ଦେଶର ବିଭିନ୍ନ ଅଞ୍ଚଳରେ ଗୋଦାମ ଘରେ ଖାଦ୍ୟଶସ୍ୟ ଗଚ୍ଛିତ ରଖି ନିଅଣ୍ଟିଆ ସମୟରେ ସାଧାରଣ ବଣ୍ଟନ ଜରିଆରେ ସରକାର ଉଚିତ ଦରରେ ଖାଦ୍ୟ ବିକ୍ରୟ କଲେ। ସରକାର ପ୍ରାକୃତିକ ବିପର୍ଯ୍ୟୟରେ ବ୍ୟାପକ ରିଲିଫ୍ ଚାଷୀମାନଙ୍କୁ ଯୋଗାଇଲେ। ଭାରତ ସରକାର ବଡ଼ ବଡ଼ ଜଳସେଚନ ଯୋଜନା ନିର୍ମାଣ ସହ ଖାଦ୍ୟରେ ସ୍ୱାବଲମ୍ବୀ କରିବା ପାଇଁ ୧୯୫୨ରୁ ପଞ୍ଚବାର୍ଷିକ ଯୋଜନା ପ୍ରବର୍ତ୍ତନ କରିଥିଲେ। ଲଙ୍ଗଳ ଯାହାର ଜମି ତାହାର ନୀତିରେ ବ୍ୟାପକ ଭୂସଂସ୍କାର ଯୋଜନା ଆରମ୍ଭ କରାଯାଇଥିଲା। ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଜାପାନ ଚାଷ ପ୍ରଣାଳୀ ଅନୁଯାୟୀ ବହୁଳ ଉତ୍ପାଦିତ ବିହନ, କୀଟନାଶକ ଓ ସାର ଇତ୍ୟାଦି ପ୍ରୟୋଗରେ ଅତ୍ୟାଧୁନିକ ଚାଷ ପ୍ରବର୍ତ୍ତନ କରାଗଲା। ୧୯୪୮ ମସିହାରେ ଓଡ଼ିଶା ସରକାର ବହୁବିଧ ହୀରାକୁଦ ବନ୍ଧ ନିର୍ମାଣ ଆରମ୍ଭ କରିଥିଲେ। ଫଳରେ ମହାନଦୀର ବନ୍ୟା ନିୟନ୍ତ୍ରଣ, ବିଜୁଳି ଉତ୍ପାଦନ, ଶିଳ୍ପ କାରଖାନା ନିର୍ମାଣ ସହ ସମ୍ବଲପୁର, ବଲାଙ୍ଗୀର, କଟକ ଓ ପୁରୀ ଜିଲାର ବହୁ ଅଞ୍ଚଳର ଜମିକୁ ଜଳସେଚିତ କରାଇ ଦିଆଗଲା। ଗ୍ରାମ ଗୋଷ୍ଠୀ ଯୋଜନାରେ କୃଷକମାନଙ୍କୁ ଆଧୁନିକ ପ୍ରଣାଳୀରେ ଚାଷରେ ଅଧିକ ଉତ୍ପାଦନ ପାଇଁ ତାଲିମ ଦିଆଗଲା।

୧୯୫୦-୫୧ ମସିହାରେ ଶତକଡ଼ା ୩ ଭାଗ ଚାଷୀ ସମବାୟ ବ୍ୟାଙ୍କ ଓ ସମବାୟ ସମିତିରୁ କୃଷିଋଣ ପାଉଥିଲେ। ୧୯୫୪ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗ୍ରାମ ତନଖି କମିଟି ସୁପାରିସରେ କୃଷକମାନଙ୍କୁ ନଗଦ ଟଙ୍କା, ବହୁଳ ଉତ୍ପାଦିତ ବିହନ, କୀଟନାଶକ ଓ ସାର ପ୍ରଭୃତି ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ କୃଷିଋଣ ଦେବାପାଇଁ ସମବାୟ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଗଲା। ସମବାୟ ସମିତିଗୁଡ଼ିକ ଗ୍ରାମାଞ୍ଚଳରେ ଖାଦ୍ୟପଦାର୍ଥ ସାଙ୍ଗକୁ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ଶସ୍ତା ଦରରେ ଚାଷୀମାନଙ୍କୁ ଯୋଗାଇଲେ।

୧୯୫୪ରେ ଓଡ଼ିଶା ସରକାର ଜମିଦାରି ଉଚ୍ଛେଦ ଆଇନ ପ୍ରବର୍ତ୍ତନ କଲେ। ଭାଗଚାଷୀଙ୍କୁ ଜମିର ମାଲିକ କରିବାର ଆଇନରେ ବ୍ୟବସ୍ଥା କଲେ। ୧୯୫୮-୫୯ ମସିହାରେ ପରିବାର ପିଛା ଜମିର ସର୍ବୋଚ୍ଚ ପରିମାଣ ୧୫ ଷ୍ଟାଣ୍ଡାର୍ଡ ଏକରରେ ସୀମାବଦ୍ଧ ଆଇନ ଗୃହୀତ କରାଗଲା। ଫଳରେ ପ୍ରକୃତ ଚାଷୀ ଜମିର ମାଲିକ ହେଲେ ଓ ବଳକା ଜମି ସରକାର ଭୂମିହୀନଙ୍କୁ ବାଣ୍ଟିଦେଲେ। ଭୂସଂସ୍କାର ଫଳରେ ଜମିଦାର ଓ ରାଜାମାନେ ଆଉ ଅଧିକ ଜମି ରଖିବାକୁ ନ ଚାହିଁ ପରନ୍ତୁ ଜମି ବିକ୍ରି କରିବାକୁ ବାଧହେଲେ। କେନ୍ଦ୍ର ସରକାର ୧୯୬୨ରେ କୃଷି ଋଣ ପୁନଃ ଲଗାଣ ନିଗମ ପ୍ରତିଷ୍ଠା କଲେ। ତାହା ଦ୍ୱାରା କୃଷକମାନେ ଜମି ବନ୍ଧକ ରଖି ମଧ୍ୟବର୍ତ୍ତିକାଳୀନ ଋଣ ପାଇଲେ। କେନ୍ଦ୍ର ସରକାର କୃଷି ଋଣର ପୁନଃ ସମୀକ୍ଷା ପାଇଁ ୧୯୬୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଏକ କମିଟି ବସାଇ ସମବାୟ ବ୍ୟାଙ୍କ ସହ ଅନ୍ୟାନ୍ୟ ୧୪ ଗୋଟି ବାଣିଜ୍ୟିକ ବ୍ୟାଙ୍କ କୃଷି ଋଣ ଦେବା ପାଇଁ ସୁପାରିସ କଲେ। ଆଦିବାସୀ ଚାଷୀଙ୍କୁ ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଶତକଡ଼ା ୪ ସୁଧରେ କୃଷିଋଣ ଯୋଗାଇଲେ। ୧୯୭୧ରେ ରିଜର୍ଭ ବ୍ୟାଙ୍କର 'ଦାତେ କମିଟି' କୃଷିଋଣ ଛାଡ଼ ପାଇଁ ସୁପାରିସ କଲେ। ରାଜ୍ୟ ସରକାରମାନେ ଉକ୍ତ କୃଷିଋଣ ଛାଡ଼ ଟଙ୍କା ସମବାୟ ବ୍ୟାଙ୍କକୁ ଶୁଝିଲେ ଓ କେନ୍ଦ୍ର ସରକାର ବ୍ୟାପକ କୃଷିର ଉନ୍ନତି ପାଇଁ ୧୯୭୨ରେ କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ଗଠନ କଲେ।



ସେତେବେଳେ ସମବାୟ ସମିତି ପରିଚାଳନା ପରିଷଦ କମିଟିକୁ ଉଚ୍ଚଶ୍ରେଣୀର ଲୋକମାନେ ନିର୍ବାଚିତ ହେଉଥିବାରୁ ଦୁର୍ବଳ ତଥା ଗରିବ ଚାଷୀଙ୍କୁ କୃଷିଋଣ ଦେବାପାଇଁ ପରିଚାଳନା ପରିଷଦ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ସମବାୟ ବ୍ୟାଙ୍କମାନେ କୃଷି ଋଣ ଠିକ୍ ଭାବରେ ଯୋଗାଇ ନ ପାରିବାରୁ କୃଷି ଋଣ ଅଭାବ ଦୂରକରିବା ପାଇଁ ୧୯୭୫ରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ସହଭାଗିତାରେ ଅଂଶଧନ ଦେଇ ଗ୍ରାମ୍ୟବ୍ୟାଙ୍କ ଗଠନକଲେ ଓ ଗ୍ରାମ୍ୟବ୍ୟାଙ୍କ ମାଧ୍ୟମରେ ଦୁର୍ବଳ ଓ ଗରିବ ଚାଷୀମାନଙ୍କୁ କୃଷିଋଣ ଦେଲେ। କୃଷକମାନେ ଗୋଟିଏ ବ୍ୟାଙ୍କରୁ ସମସ୍ତ ପ୍ରକାର ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘକାଳୀନ କୃଷିଋଣ ପାଇବା ପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପ୍ରତିଷ୍ଠାକରି ଏହାଦ୍ୱାରା ସମବାୟ ବ୍ୟାଙ୍କଗୁଡ଼ିକୁ ପୁନଃ କୃଷିଋଣ ଲଗାଣକରି କୃଷକଙ୍କର ବ୍ୟାପକ ବିକାଶରେ ସାହାଯ୍ୟକଲେ। କେନ୍ଦ୍ର ସରକାର ୧୯୮୫ରେ ଚାଷୀମାନଙ୍କୁ ଦୈବଦୁର୍ବିପାକ ଦାଉରୁ ରକ୍ଷା କରିବା ପାଇଁ ଫସଲବୀମା ଯୋଜନା ପ୍ରବର୍ତ୍ତନ କଲେ। ଫସଲବୀମା କରିଥିବା ବୀମା କମ୍ପାନୀରୁ ଫସଲ କ୍ଷତି ଅନୁଯାୟୀ ଚାଷୀ ଆବଶ୍ୟକ ଟଙ୍କା ପାଇ କୃଷିଋଣ ଶୁଝିଲେ ଏବଂ ଋଣ ଖିଲାପିରୁ ମୁକ୍ତ ହୋଇ ପୁନଃ ଫସଲ ପାଇଁ କୃଷିଋଣ ପାଇଲେ।

ଦେଶ ସ୍ୱାଧୀନ ହେବା ପରେ ସରକାରଙ୍କ ଭୂସଂସ୍କାର ଆଇନ ପ୍ରଚଳନ ଫଳରେ ଜଳସେଚନ ଓ ସଘନ ଚାଷ ପ୍ରବର୍ତ୍ତନରେ ଫସଲ ଉତ୍ପାଦନ ୫ ଗୁଣକୁ ବୃଦ୍ଧି ପାଇଲା। ଫଳରେ କୃଷି ଓ କୃଷକର ବିକାଶ ହୋଇଛି। ଚାଷୀ ଉଚିତ ଦରରେ ଫସଲ ବିକିବା ପାଇଁ ସରକାର ସମବାୟ ସମିତି, ବାଣିଜ୍ୟ ସମବାୟ ସମିତି, ଭାରତୀୟ ଖାଦ୍ୟ ନିଗମ, ନାଫେଡ୍, ମାର୍କଫେଡ୍, ରେଗୁଲେଟେଡ୍ ମାର୍କେଟ କମିଟି ଗଠନକରି ଚାଷୀମାନଙ୍କଠାରୁ ଉତ୍ପାଦିତ ଫସଲକୁ ଉଚିତ ଦରରେ କିଣିଲେ। ବର୍ତ୍ତମାନ କୃଷି ଉତ୍ପାଦନରେ ନିର୍ଭରଶୀଳ ଲୋକସଂଖ୍ୟା ଶତକଡ଼ା ୯୮ରୁ ୭୦ ଭାଗକୁ କମିଆସିଛି। ତୈଳବୀଜରେ ଦେଶ ଆତ୍ମନିର୍ଭରଶୀଳ ହେବାପାଇଁ କେନ୍ଦ୍ର ସରକାର ୧୯୯୨ ମସିହାରୁ ନାବାର୍ଡ ଜରିଆରେ ସ୍ୱତନ୍ତ୍ର ଭାବରେ ଚିନାବାଦାମ ଉତ୍ପାଦନ ପାଇଁ ପଦକ୍ଷେପ ନେଲେ ଏବଂ ଓଡ଼ିଶାରେ ତୈଳବୀଜ ଉତ୍ପାଦନକାରୀ ସମବାୟ ସଂଘ ପ୍ରତିଷ୍ଠାକରି ଚାଷୀମାନଙ୍କୁ ଚିନାବାଦାମ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇଦେବାରୁ ବାଦାମଚାଷର ବହୁଳ ପ୍ରସାରହେବା ଫଳରେ ସମବାୟ ଭିତ୍ତିରେ ରାଜ୍ୟ ସରକାର ଖୋର୍ଦ୍ଧା ନିକଟରେ 'ଅର୍ପଣ' ବ୍ରାଣ୍ଡ୍‌ରେ ବାଦାମ ତେଲ କାରଖାନା ପ୍ରତିଷ୍ଠା କରିଥିଲେ। ଉକ୍ତ ତେଲର ମାନ ଯଥେଷ୍ଟ ଉନ୍ନତ ଥିବାରୁ ଖାଉଟିଙ୍କର ବ୍ୟବହାର ବୃଦ୍ଧି ପାଇଲା। ମାତ୍ର ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ, ପରିଚାଳନା ପରିଷଦର ଅର୍ଥ ତୋସରପାତ, କର୍ମଚାରୀମାନଙ୍କ ମଧ୍ୟରେ ବିଶୃଙ୍ଖଳା ପାଇଁ ତାହା ବନ୍ଦ ହୋଇଗଲା।

ଓଡ଼ିଶା ଆଜି କାଜୁ ଓ ନଡ଼ିଆଚାଷ କ୍ଷେତ୍ରରେ ଆଗେଇ ପାରିଛି। ଫସଲ ଉତ୍ପାଦନ ବୃଦ୍ଧି ପାଇବାରୁ ଭାରତ ଅନ୍ୟାନ୍ୟ ଦେଶକୁ ଚାଉଳ, ଗହମ, ଫଳ ଓ ପନିପରିବା ରପ୍ତାନି କରିଛି। ଶିକ୍ଷିତ ବେକାରମାନଙ୍କୁ ନିଯୁକ୍ତି ଦେବା ପାଇଁ ଇସ୍ରାଏଲ ଦେଶ ପରି ବ୍ୟାପକ କୃଷି ଶିଳ୍ପ କାରଖାନା ବସାଇବା ନିମନ୍ତେ ଯୋଜନା ଉପରେ ଯୋଜନା କରିଚାଲିଛି। ଉପରୋକ୍ତ ପୂର୍ବ ପ୍ରାଚ୍ୟ ଦେଶଗୁଡ଼ିକ ସହ ଧାନ ଉତ୍ପାଦନରେ ସମକକ୍ଷ ହେବା ପାଇଁ ଭାରତ ତଥା ଓଡ଼ିଶା କୃଷି ବିକାଶରେ ସମବାୟ ବ୍ୟାଙ୍କ ଓ ଅନୁଷ୍ଠାନଗୁଡ଼ିକ ନିଷ୍ଠାର ସହ ଧ୍ୟାନଦେବା ଆବଶ୍ୟକ। ଏହାକୁ ରାଜ୍ୟ ସରକାର ଗମ୍ଭୀରତାର ସହ ବିଚାରକରି କାର୍ଯ୍ୟଧାରାକୁ ଆଗେଇ ନେଇପାରିଲେ ଓଡ଼ିଶା ଖାଦ୍ୟ ଉତ୍ପାଦନରେ ବିକାଶଶୀଳ ରାଜ୍ୟଭାବେ ପରିଗଣିତ ହୋଇପାରିବ। ନୂତନ ସରକାର ପାଇଁ ଏହା ଏକ ସାଧୁବାଦ କାର୍ଯ୍ୟ ରୂପେ ପରିଗଣିତ ହୋଇ ସରକାରଙ୍କର ସୁନାମ ବୃଦ୍ଧି ପାଇବ। ସମବାୟରେ ଏହା ଏକ ଉତ୍ତମ ସଂସ୍କାର।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଭବିଷ୍ୟତ କେତେ ସୁରକ୍ଷିତ



ଶ୍ରୀଧର ପଟ୍ଟନାୟକ

ଆମେ ସଭିଏଁ ଜାଣୁ ବୃଦ୍ଧି ଓ ବିକାଶ ସଜୀବର ଏକ ଲକ୍ଷଣ। ପ୍ରାଣୀ ହେଉ କି ଉଦ୍ଭିଦ ଏମାନେ ଛୋଟରୁ ବଡ଼ ହୁଅନ୍ତି। କିନ୍ତୁ ନିର୍ଜୀବର ଏ ଲକ୍ଷଣ ନ ଥାଏ। ଛୋଟ ପଥରଟିଏ ସମୟ କ୍ରମରେ ବଡ଼ ଶିଳା ଖଣ୍ଡରେ ପରିଣତ ହେବନାହିଁ। ତେବେ ୨ ଦିନ ତଳେ ସହରର ଏକ ବ୍ୟସ୍ତବହୁଳ ଗଳିରେ ଯାଉ ଯାଉ ଆଗରେ ଯାଉଥିବା ଗୋଟିଏ ଅଟୋ ରିକ୍ସାର ପଛପଟେ ଲେଖାଥିବା ଧାଡ଼ିଟେ ଉପରେ ନଜର ପଡ଼ିଲା। ଲେଖାଥିଲା, 'ମୁଁ ବି ଦିନେ ବଡ଼ ହେବି'। ମନେହେଲା ଅଟୋରିକ୍ସା ଦିନେ ବଡ଼ ହୋଇ ଟାକ୍ସିରେ ବିବର୍ତ୍ତିତ ହୋଇଯିବ କି ଆଉ! କିଛି ଘଣ୍ଟା ଧରି ଏଇ କଥାଟି ବେଶ୍ ମନକୁ ଆନ୍ଦୋଳିତ କଲା। ଅବଶ୍ୟ ଏକଥା ବି ସତ ଯେ, ଅଟୋରିକ୍ସା ନୁହେଁ; ବରଂ ଅଟୋ ଚାଳକର ହିଁ ଏ ସ୍ୱପ୍ନ ଅଛି। ନିଜର କଠିନ ପରିଶ୍ରମ ଉପରେ ତା'ର ଭରସା ଅଛି। ଦିନ ଆସିବ ତା' ଦୁଃଖ ଉଭେଇଯିବ, ଏଇ ତ ଆଉ କ'ଣ ? ଇଏ ହିଁ ବାସ୍ତବିକତା। ସମସ୍ତଙ୍କର କିଛି ସ୍ୱପ୍ନ ଥାଏ, ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଖୁବ୍ ଲଢ଼େଇ କରିବାକୁ ପଡ଼େ କେବେ ନିଜ ସହ, ଆଉ କେବେ ଆଖପାଖର ସମସ୍ୟା ସହ; ଆଉ କେବେ ପ୍ରକୃତି ସହ। ଲଢ଼େଇ ନିଶ୍ଚିତ, ପରିଣାମ ଯାହା ହେଉ। ରାଜାପୁଅ ଅବା ରଙ୍କପୁଅ ସମସ୍ତଙ୍କ ପାଇଁ ଏ ନିୟମ ଲାଗୁ ; ଲଢ଼େଇ ଯଦିଓ ଭିନ୍ନ ଭିନ୍ନ ସ୍ୱାଦର, ଭିନ୍ନ ଭିନ୍ନ ପ୍ରକାରର। ଏଇ ତ ଜୀବନ।

ସଫଳତା ହାସଲ କରିବା ଲାଗି ପରିଶ୍ରମର କୌଣସି ବିକଳ୍ପ ନାହିଁ। ବିଶ୍ୱର ଯେକୌଣସି ଧର୍ମଶାସ୍ତ୍ର ଏ କଥା କହେ। ତେବେ ଏହା ସତ ଯେ କେବଳ ପରିଶ୍ରମ ଦ୍ୱାରା ସଫଳତାର ଉତ୍ତୁଙ୍ଗ ସୌଧ ନିର୍ମାଣ ସମ୍ଭବ ନୁହେଁ। ଏଥିପାଇଁ କଠୋର ଅଧ୍ୟବସାୟ, ଆବଶ୍ୟକ ସାଧନ, ଉପଯୋଗୀ ସମ୍ବଳର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅବଶ୍ୟ ସାଧନ ଓ ସମ୍ବଳ ଶୂନ୍ୟ ଆକାଶରୁ ଗଳି ପଡ଼େନା। ଏଥିପାଇଁ ସୁଦ୍ଧା ବୁଦ୍ଧି ଖଟାଇବାକୁ ପଡ଼େ, ସଂଘର୍ଷ କରିବାକୁ ହୁଏ। ଅର୍ଥାତ୍ ଜୀବନରେ ଜଣେ ସଫଳ ମଣିଷ ହେବାକୁ ହେଲେ ଗୋଟିଏ ନିରନ୍ତର କଠୋର ପ୍ରକ୍ରିୟା ଦେଇ ଯିବାକୁ ହୁଏ। ଅଧରାତିରେ ସ୍ୱପ୍ନ ଦେଖି ସକାଳୁ କେହି ଡାଲ୍‌ଟନ ଅବା କଲାମ ହୋଇପାରନ୍ତି ନାହିଁ। ମୋହନରୁ ମହାତ୍ମା ହେବା ଲାଗି କିମ୍ବା ସିଦ୍ଧାର୍ଥରୁ ବୁଦ୍ଧ ହେବା ଲାଗି ଦୀର୍ଘ ବର୍ଷର ସାଧନା ଓ ନିରୁତା ତ୍ୟାଗ ଲୋଡ଼ା ପଡ଼ିଥିଲା।

ଅଥଚ ଅଧୁନା ଦେଖାଯାଉଛି ସେକାଳ ପଖାଳ ଆଉ ନାହିଁ। ସଫଳତାର ସଂଜ୍ଞା, ସ୍ୱରୂପ ଓ ପରିସର ଢେର ମାତ୍ରାରେ ବଦଳିଯାଇଛି। ତ୍ୱରିତ ପ୍ରସିଦ୍ଧି, ରାତିଅଧିଆ ଲୋକପ୍ରିୟତା ଏବେ ସଫଳତାର ମାପକାଠି। ପରିଶ୍ରମ ତ ଦୂରର କଥା, ସମୂହ ପ୍ରକ୍ରିୟାରେ ସାମାନ୍ୟତମ ସମ୍ପୃକ୍ତି ବିନା ସଫଳତାର ଶ୍ରେୟ ନେବାକୁ ଓ ପରିଣାମ ଭୋଗ କରିବାକୁ ଆଧୁନିକ ମଣିଷ କୁଣ୍ଠାବୋଧ କରୁନାହିଁ।



ସମାଜର ସବୁ କ୍ଷେତ୍ରରେ ଗଳାବାଟ ଖୋଜି ଚତୁର ବୋଲାଉଥିବା ଅବିବେକୀ ମଣିଷ ଏବେ ସଫଳ ବୋଲି ଉଦ୍‌ଘୋଷଣା କଲାଣି। ଯେଉଁଠି ଯାହାକୁ ପାଇଲା ତାକୁ ଶିଡ଼ି ବନେଇ ଉପରେ ଚଢ଼ିବାକୁ ଉଦ୍ୟମ କଲାଣି। ଯଦିଓ ଜୀବନ ସଂଗ୍ରାମରେ ଏଇ ପ୍ରକ୍ରିୟାକୁ ସହଜ ଓ ସ୍ୱାଭାବିକ କୁହାଯାଇପାରେ, ତଥାପି ମଣିଷ ଭଳି ଶ୍ରେଷ୍ଠ ଜୀବ ଲାଗି ଏଇ ଶସ୍ତା ମାଧ୍ୟମ ଆଦୌ ଗ୍ରହଣୀୟ ହେଉନାହିଁ।

ଭୋଗବାଦ, ବସ୍ତୁବାଦ ଜୀବନର ମୂଳମନ୍ତ୍ର ହେଲାଣି। ପ୍ରଚୁର ଅର୍ଥ ଆୟ,ଯାବତୀୟ ଆଭିଜାତ୍ୟଭରା ଜୀବନଶୈଳୀ ଆଜିର ମଣିଷ ପାଇଁ ଏକମାତ୍ର ଲକ୍ଷ୍ୟରେ ପରିଣତ ହେଲାଣି। ଏଥିପାଇଁ ଯେତେସବୁ ସୁଲଭ ଗଳାବାଟ ମିଳିବାର ସମ୍ଭାବନା ଅଛି, ତାକୁ ଖୋଜି ଖୋଜି ମଣିଷ ଆପଣେଇଲାଣି । ଧୂର୍ତ୍ତପଣ ଓ ବୁଦ୍ଧିମତ୍ତା ମଧ୍ୟରେ କିଛି ପ୍ରଭେଦ ଜଣାପଡୁନାହିଁ। ଯିଏ ଯେତେ ଧୂର୍ତ୍ତ, ସେ ସେତେ ବୁଦ୍ଧିଆ କୁହାଗଲାଣି। ବିଦ୍ୟାଳୟ ସ୍ତରରୁ ବୋଧହୁଏ ପିଲାଙ୍କ ମଧ୍ୟରେ ଏଭଳି କୁତ୍ସିତ ଭାବନା ଧସେଇ ପଶିଲାଣି ଯେ ଜ୍ଞାନାର୍ଜନ ଲାଗି ଅଧ୍ୟୟନ ନୁହେଁ ; ବରଂ ଅର୍ଥ ଉପାର୍ଜନ ଲାଗି ଅଧ୍ୟୟନ ଆବଶ୍ୟକ ମନେକଲେଣି। ପରୀକ୍ଷାରେ ଅସାଧୁ ଉପାୟ, ଯେନତେନ ଅଧିକରୁ ଅଧିକ ନମ୍ବର/ଗ୍ରେଡ୍ ହାସଲ କରିବା ଇତ୍ୟାଦି ଅସ୍ୱାଭାବିକ ମନେହେଉନାହିଁ। ବୃତ୍ତିଗତ କ୍ଷେତ୍ରରେ ଉତ୍କୋଚ ବ୍ୟବସ୍ଥା, ବାଣିଜ୍ୟ ବ୍ୟବସାୟରେ ଆଶାତୀତ ଲାଭର ଲୋଭ, ତଜ୍ଜନିତ କାରଣରୁ କଳାବଜାର ଅପମିଶ୍ରଣ ଇତ୍ୟାଦି ସମାଜର ସାଧାରଣ ଘଟଣାରେ ପରିଣତ ହେଲାଣି। ରାଜନୀତିକୁ ଶ୍ରେଷ୍ଠ ନୀତି କୁହାଯାଉଥିବା ଆମ ଦେଶରେ ରାଜନୈତିକ ନେତୃବୃନ୍ଦ ସାଧାରଣ ଜନତାର ବିଶ୍ୱାସ ଓ ଭରସାର ଆଧାରହୋଇ ଗ୍ରହଣୀୟ ହେବା ବିରଳ ହେଲାଣି।

କଳା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା, ଯେଉଁ ସଫଳତାର ଚିତ୍ର ଆଙ୍କେ; ତାହା ସମୟକୁ ଅତିକ୍ରମକରି ସମାଜରେ ସ୍ୱତଃ ଛାପ ଛାଡ଼ିଦିଏ। ଅଥଚ ଆଜିର ମଣିଷ ସେଗୁଡ଼ିକୁ ଶସ୍ତା ଲୋକପ୍ରିୟତା ହାସଲର ମାଧ୍ୟମ ଭାବେ ଗ୍ରହଣ କଲାଣି। ପୁରସ୍କାର, ପ୍ରସିଦ୍ଧି, ଲୋକପ୍ରିୟତା, ମାଳମାଳ ମାନପତ୍ର ଉପଢୌକନର ଭିଡ଼ ଭିତରେ ଅସଲି ସାଧନା ମୁହଁ ଲୁଚେଇଲାଣି। ସମାଜର ଏମିତି କୌଣସି ପରିସର ନାହିଁ ଯାହା ଏତାଦୃଶ ପ୍ରଦୂଷଣର ଶିକାର ହୋଇନାହିଁ। ଅନୀତି, ଅନାଚାର, ଶୋଷଣ, ପ୍ରିୟାପ୍ରୀତିତୋଷଣ ମୁରବି ଶ୍ରେଣୀର ଲୋକଙ୍କ ଅଳଙ୍କାର ହେବା ବେଳକୁ ଯୁବପିଢ଼ି ମଧ୍ୟରେ ଉଚ୍ଚବିଚାର ମହତପଣର ଉଡ଼ାଣ ଭରିବା ଲାଗି ଦୃଷ୍ଟାନ୍ତର ଘୋର ଅଭାବ ପରିଦୃଷ୍ଟ ହେଲାଣି। ସମାଜ ଏଭଳି ଏକ ସନ୍ଧିକ୍ଷଣ ମଧ୍ୟ ଦେଇ ଗତି କରୁଛି ଯେ ଅତୀତ ପଶ୍ଚାତମୁଖୀ ହୋଇ ମୁହଁ ଲୁଚେଇଲାଣି ତ ବର୍ତ୍ତମାନ ଏଭଳି ହୀନ ଜୀବନାଦର୍ଶର ଶିକାର ହୋଇ କର୍ଦ୍ଦମାକ୍ତ ହେଲାଣି। ଭବିଷ୍ୟତର ଭବିଷ୍ୟତ କେତେ ସୁରକ୍ଷିତ ଓ ସନ୍ଦିହାନ, ଏ ବିଚାର କେବଳ ଆପଣଙ୍କର!

**କଲ୍ୟାଣସିଂହପୁର, ରାୟଗଡ଼ା**
**ମୋ:୮୨୪୯୧୨୧୦୬୦**

## ଏଇ ଭାରତରେ

ପେସାରେ ଡାକ୍ତର, କିନ୍ତୁ ସେ ରହୁଥିବା ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାର କଲୋନିକୁ ବର୍ଜ୍ୟମୁକ୍ତ କରିପାରିଛନ୍ତି। ଏହି ମହିଳା ଡାକ୍ତର ଜଣକ ହେଉଛନ୍ତି ଡା. ରୁବି ମାଖିଜା। ସେହି କଲୋନିରେ ୨୮୦ ପରିବାର ରହୁଛନ୍ତି। ସେମାନେ ଘର ସାମ୍ନାରେ ବର୍ଜ୍ୟବସ୍ତୁ ଠୁଳକରି ରଖିବା ଯୋଗୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲା। ରୁବି ରେସିଡେନସିଆଲ ୱେଲ୍‌ଫେୟାର ଆସୋସିଏଶନର ସମ୍ପାଦିକା ହେବା ପରେ ୬ ବର୍ଷର ନିରନ୍ତର ପ୍ରୟାସ ଯୋଗୁ କଲୋନିକୁ ଶୂନ୍ୟ ବର୍ଜ୍ୟର ସ୍ଥାନ କରିପାରିଛନ୍ତି। ରୁବି ପ୍ରତିଦିନ ସକାଳେ ତାଙ୍କ ଟିମ୍ ସହ ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ କରିବା ପରେ ସେଗୁଡ଼ିକୁ ଶୁଖିଲା, ଓଦା ଓ ବିପଜ୍ଜନକ ବର୍ଜ୍ୟ ଭାବେ ଅଲଗା କରାଯାଏ। ରୁବି ଏହା ଆରମ୍ଭ କରିବା ବେଳେ ସହଯୋଗ ମିଳି ନ ଥିଲା। ପରେ କଲୋନିବାସୀଙ୍କୁ ବର୍ଜ୍ୟର ପ୍ରଭାବ ସମ୍ପର୍କରେ ଅବଗତକରି ସେମାନଙ୍କୁ ସାମିଲ କରିପାରିଥିଲେ। ଏବେ ପ୍ରତିଦିନ ୧୨୫ କେଜି ବର୍ଜ୍ୟକୁ ଖତ କରାଯାଉଛି। ଏହାବ୍ୟତୀତ ପ୍ଲାଷ୍ଟିକ୍, କାଚ ଓ କାଗଜ ବର୍ଜ୍ୟକୁ ରିସାଇକେଲ୍ ସେଣ୍ଟରକୁ ପଠାଯାଉଛି। ଏବେ ସୁଦ୍ଧା ୧୭ ଟନ୍ ପ୍ଲାଷ୍ଟିକ୍ ଏବଂ ୩ କୁଇଣ୍ଟାଲ ଇ-ବର୍ଜ୍ୟ ସଂଗ୍ରହ କରାଯାଇ ରିସାଇକେଲ କେନ୍ଦ୍ରକୁ ଯାଇସାରିଲାଣି। ରୁବି ଓ ତାଙ୍କ ଟିମ୍ ଟ୍ରିପୁଲ ଆର୍ ସେଣ୍ଟର ନାମକ ଏନ୍‌ଜିଓ ଗଠନକରି ଅସହାୟଙ୍କୁ ଲୁଗାପଟା, ବିଭିନ୍ନ ପ୍ରକାର ଫର୍ନିଚର ଓ ଗ୍ୟାସ୍ ସିଲିଣ୍ଡର ଦାନ କରିସାରିଲେଣି। କେବଳ ଏତିକି ନୁହେଁ, କଲୋନିର ସମସ୍ତେ ବର୍ଷାଜଳ ସଂରକ୍ଷଣ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୭୬

- ରାଷ୍ଟ୍ରପତି ଫକିରୁଦ୍ଦିନ ଅଲୀ ମହମ୍ମଦ ଆଭ୍ୟନ୍ତରୀଣ ନିରାପତ୍ତା ଆଇନ ବା 'ମିସା'ର ସଂଶୋଧନ କରି ଏକ ଅର୍ଡିନାନ୍ସ ଜାରି କରିଛନ୍ତି।
- ସୋଭିଏତ୍ ରୁଷିଆ ଗୋଟିଏ ରକେଟ ଯୋଗେ ୮ଟି ଛୋଟ ଛୋଟ କୃତ୍ରିମ ଉପଗ୍ରହ ମହାକାଶକୁ ପ୍ରେରଣ କରିଛି।

## ଚିରନ୍ତନୀ

ହୋଇଛି ଶୀତଳ ପୂତ ବିରଚି
ବିରାଟ ଇତିହାସ
ସଂଖ୍ୟାହୀନ ସ୍ମୃତିସ୍ତମ୍ଭ ଯୁଗାନ୍ତ
ସଞ୍ଚିତ ଅଭିଳାଷ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କିନ୍ନରଙ୍କୁ ଆର୍ଥିକ ସହାୟତା ମିଳୁ

ମହାଶୟ,

କିନ୍ନରଙ୍କ ସୁରକ୍ଷା, କଲ୍ୟାଣ ଓ ଅଧିକାରକୁ ଗୁରୁତ୍ୱ ଦେଇ ମନ୍ତ୍ରୀଙ୍କ ସମେତ ୧୬ ଜଣ ସଦସ୍ୟଙ୍କୁ ନେଇ ଏକ କଲ୍ୟାଣ ବୋର୍ଡ ହେବାର ଖବର ପ୍ରକାଶ ପାଇଛି। କିନ୍ନରମାନେ ସମାଜରେ ପ୍ରାୟ ଅବହେଳିତ ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କ୍ୱଚିତ୍ ଶିକ୍ଷାଲାଭ କରିଥିବା ବେଳେ ଆଉ ପ୍ରାୟ ସମସ୍ତେ ସେଥିରୁ ବଞ୍ଚିତ। ଜୀବନ ଧାରଣ ପାଇଁ ସେମାନଙ୍କର ନିର୍ଦ୍ଦିଷ୍ଟ କର୍ମଯୋଜନା ନାହିଁ।। ଟ୍ରେନ୍‌ରେ ଯାତ୍ରୀମାନଙ୍କ ଠାରୁ ଅର୍ଥ ଆଦାୟ କରିବା ପ୍ରାୟ ଦେଖାଯାଏ। ସରକାର ସେମାନଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ କରିବା ଏକ ମହତ୍ କାର୍ଯ୍ୟ ହେଲେ ମଧ୍ୟ ସେମାନଙ୍କ ରହିବା ଓ ଖାଦ୍ୟ ପାନୀୟର ସୁବିଧା ନିମନ୍ତେ ମାସିକ କିଛି ଅର୍ଥ ପ୍ରଦାନ କରାଯାଉ। ରାଜ୍ୟରେ କେତେ କିନ୍ନର ଅଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରି କିଭଳି ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଇ ହେବ ତା' ପାଇଁ ଯୋଜନା ନିର୍ଦ୍ଧାରଣ ହେଉ। ବୋର୍ଡ ଗଠନର ଉଦ୍ଦେଶ୍ୟ ମହତ, କିନ୍ତୁ ସେମାନଙ୍କର ଆର୍ଥିକ ବିକାଶ କିପରି ହେବ ସେଥିପ୍ରତି ଧ୍ୟାନ ଦିଆଯାଉ। ନଚେତ୍ ସେହିପରି ବେସାହାରା ହୋଇ ଭିକ୍ଷାବୃତ୍ତି କରି ପେଟ ପୋଷି ସମାଜରେ ରହିବେ।

**-ହରମୋହନ ମହାନ୍ତି, ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଓୟୁଏଟିର ନୂଆ ୫ ଅଣଧାନ କିସମ ଲୋକାର୍ପିତ

## ଅନୁମୋଦନ ଦେଲା ରାଜ୍ୟସ୍ତରୀୟ କିସମ ଅନୁମୋଦନ କମିଟି

ଭୁବନେଶ୍ୱର,୧୭।୬ (ସୁଚିସ୍ମିତା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଦ୍ୱାରା ବିକଶିତ ୫ଟି ଅଣଧାନ ଫସଲ କିସମକୁ ରାଜ୍ୟସ୍ତରୀୟ କିସମ ଅନୁମୋଦନ କମିଟି ଅନୁମୋଦନ ଦେଇଛି। ଏଥିସହ ଏସବୁ କିସମକୁ କୃଷକଙ୍କ ସେବାରେ ଲୋକାର୍ପିତ କରାଯାଇଛି। ଏହି କିସମଗୁଡ଼ିକ ହେଲା ମାଣ୍ଡିଆ (ଶ୍ରୀ ନିଧି), ବିରି (ଶ୍ରୀୟା), ଅଳସୀ (ପ୍ରଭାତ), ଜଡ଼ା (ମାଣିକ) ଓ ତୋରିଆ (ଜୟନ୍ତୀ)। ଅଧିକ ଅମଳ ଦେବା ସହ ରୋଗପୋକ ସହନଶୀଳ ଭାବେ ରାଜ୍ୟ ସରକାରଙ୍କ ଫସଲ ବିବିଧିକରଣ ଯୋଜନାକୁ ତ୍ୱରାନ୍ୱିତ କରିବାରେ ଏହା ସହାୟକ ହେବ। ନିଜସ୍ୱ ସ୍ୱତନ୍ତ୍ର ବିଶେଷତା ଯୋଗୁ ଚାଷୀଙ୍କ ମଧ୍ୟରେ ଆଦୃତ ହେବ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କରିଛନ୍ତି। ମଧ୍ୟମ ଅବଧି ବିଶିଷ୍ଟ ମାଣ୍ଡିଆ କିସମ 'ଶ୍ରୀ ନିଧି' ର ହାରାହାରି ଅମଳ ହେକ୍ଟର ପ୍ରତି ୨୫.୨୦ କୁଇଣ୍ଟାଲ ରହିଛି। ଏଥିରେ ପୁଷ୍ଟିସାର, ଆଇରନ ଓ ଜିଙ୍କ୍ ଆଦି ପୋଷକତତ୍ତ୍ୱର ମାତ୍ରା ଅଧିକ ରହୁଥିବାରୁ ଏହି ଲଘୁ ଶସ୍ୟ କିସମଟି ରାଜ୍ୟର ଖାଦ୍ୟ ଓ ପୋଷଣ ସୁରକ୍ଷାରେ ବ୍ୟାପକ ଭୂମିକା ଗ୍ରହଣ କରିବ। ସେହିପରି ସାହେବି ଓ ପତ୍ରମୋଡା ରୋଗ ଏବଂ ଧଳା ମାଛି, ପତ୍ର ଉକୁଣି ଓ ଛୁଇଁ ବିନ୍ଧା ପୋକ ସହନଶୀଳ ମଧ୍ୟମ ଅବଧିର ବିରି କିସମ 'ଶ୍ରୀୟା' ଧାନ ପରବର୍ତ୍ତୀ ପଡିଆ ଜମିର ସଫଳ ପରିଚାଳନା ପାଇଁ ଉପଯୋଗୀ ହେବ। ହେକ୍ଟର ପ୍ରତି ହାରାହାରି ୧୫.୦ କୁଇଣ୍ଟାଲ ଅମଳ ଦେବ। ଏହି ବିରି କିସମରେ ପର୍ଯ୍ୟାପ୍ତ ପରିମାଣରେ ପୁଷ୍ଟିସାର ସହ ଆଇରନ, ଜିଙ୍କ୍ ଓ କପର ଆଦି ଆବଶ୍ୟକ ଖାଦ୍ୟ ଉପାଦାନ ଭରି ରହିଛି। ସ୍ୱଳ୍ପ ଅବଧିର ତୋରିଆ କିସମ 'ଜୟନ୍ତୀ' ରାଜ୍ୟର ଉଭୟ ଉପକୂଳବର୍ତ୍ତୀ ଓ ଆଭ୍ୟନ୍ତରୀଣ ଅଞ୍ଚଳର ଧାନ ପର୍ଯ୍ୟବସିତ ଫସଲ। ଚାଷୀର ଆୟ ଦ୍ୱିଗୁଣିତ କରିବା ସହ ଖାଇବା ତେଲ ଉତ୍ପାଦନରେ ସ୍ୱାବଲମ୍ବୀ ହେବାରେ ସହାୟକ ହେବ । ଏଥିରେ ୪୦%ରୁ ଊର୍ଦ୍ଧ୍ୱ ତୈଳାଂଶ ରହିବା ସହ ପତ୍ରପୋଡା, ପାଉଁଶିଆ ଓ ଜଉ ପୋକ ବିରୋଧରେ ମଧ୍ୟମ ଧରଣର ସହନଶୀଳତା ରହିଛି। ସେହିପରି ଅଧିକ ଅମଳକ୍ଷମ, ମଧ୍ୟମ ଅବଧି, ଉଭୟ ଖରିଫ ଓ ପ୍ରାକ୍ ରବି ଚାଷ ପାଇଁ ଉପଯୋଗୀ ଅଳସୀ କିସମ 'ପ୍ରଭାତ' କୋରାପୁଟ, ମାଲକାନଗିରି ଓ କେନ୍ଦୁଝର ପରି ଆଦିବାସୀ ବହୁଳ ଅଞ୍ଚଳର ଚାଷୀଙ୍କ ପାଇଁ ବେଶ ଆଦୃତ ହୋଇପାରିବ। ରାଜ୍ୟ ସରକାର ରେଶମ ଚାଷକୁ ପ୍ରୋତ୍ସାହନ ଦେଉଥିଲା ବେଳେ ଏରି ରେଶମ କୀଟର ପୋଷକ ଫସଲ ଜଡ଼ା ଚାଷକୁ ମଧ୍ୟ ପ୍ରାଥମିକତା ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ତରଫରୁ ରାଜ୍ୟର ପ୍ରଥମ ସଙ୍କର ଜଡ଼ା କିସମ 'ମାଣିକ' ବିକଶିତ ହୋଇଛି । ଏହା ମୂଳଶଢା ଭଳି ପ୍ରମୁଖ କ୍ଷତିକାରକ ରୋଗ ବିରୋଧରେ ସହନଶୀଳ ରହିବା ସହ ଏହାର ପତ୍ର ସ୍ୱଳ୍ପ ପରିମାଣ ମହମଯୁକ୍ତ ହୋଇଥିବାରୁ ଏରି ରେଶମ କୀଟର ଖାଦ୍ୟ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ରାଜ୍ୟର ଆର୍ଥିକ ପ୍ରଗତିରେ ଏହିସବୁ ଫସଲ କିସମ ସହାୟକ ହେବ। ଏହି ଅବସରରେ କୁଳପତି ପ୍ରଫେସର ରାଉଳ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




# ଲକ୍ଷ୍ମୀ ବସ୍ ନାଁ ହେବ 'ମୁଖ୍ୟମନ୍ତ୍ରୀ ବସ୍ ସେବା'

ଭୁବନେଶ୍ୱର, ୧୭।୬ (ସୁନିତ୍ ମିଶ୍ର)

**ରାଜ୍ୟରେ ନିର୍ମାଣ ହେବାକୁ ଥିବା ୧୩୩ ବସ୍‌ଷ୍ଟାଣ୍ଡର ନାମ 'ଅଟଳ ବସ୍‌ଷ୍ଟାଣ୍ଡ' ରଖାଯିବ**

କିଛିଦିନ ଭିତରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଯାଉଥିବାର ସୂଚନା ମିଳିଛି। ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକ୍ ଏବଂ ଜିଲା ମୁଖ୍ୟାଳୟକୁ ଗଡୁଥିବା ଲକ୍ଷ୍ମୀ ବସ୍‌ର ନାଁ ପରିବର୍ତ୍ତନ ହେବ। ଏହି ବସ୍ ସେବାର ନାମ ମୁଖ୍ୟମନ୍ତ୍ରୀ ବସ୍ ସେବା ରଖାଯିବ ବୋଲି ଜଣାପଡିଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇ ନ ଥିଲେ ମଧ୍ୟ ପ୍ରାଥମିକ ସ୍ତରରେ ସବୁ ପ୍ରକାର ଆଲୋଚନା ସରିଥିବା ଜଣାପଡ଼ିଛି। ବେସରକାରୀ ଭାବେ ସରକାରୀ ଅଧିକାରୀମାନଙ୍କୁ ମଧ୍ୟ ଏନେଇ ଏକ ପ୍ରକାର ସୂଚନା ମିଳିଛି। ଖୁବ୍‌ଶୀଘ୍ର କ୍ୟାବିନେଟ୍‌ରେ ଏ ସମ୍ପର୍କିତ ପ୍ରସ୍ତାବ ପାରିତ ହେବାପରେ ଲକ୍ଷ୍ମୀ ଯୋଜନାରେ ଚାଲୁଥିବା ବସ୍ ସେବାର ନାମ ବଦଳିଯାଇ ମୁଖ୍ୟମନ୍ତ୍ରୀ ବସ୍ ସେବା ରଖାଯିବ।

ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ଆସିବା ପରେ ୧୩୩ଟି ବ୍ଲକ୍‌ରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ନେଇ ପ୍ରସ୍ତାବ ପାରିତ ହୋଇସାରିଛି। ଖୁବ୍‌ଶୀଘ୍ର ଏହି ୧୩୩ଟି ନୂଆ ବସ୍ ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସରକାର ଲକ୍ଷ୍ୟ ମଧ୍ୟ ରଖିଛନ୍ତି। ଏହିସବୁ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନକୁ ଦିଆଯାଇଛି। ସେଥିମଧ୍ୟରୁ ପ୍ରାୟ ୧୨୩ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଲାଣି। ସେଥିମଧ୍ୟରୁ ୯୫ଟି ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇସାରିଥିବା ଓ ଏ ସ୍ ଆ । ର୍ ଟି ସି ( ଓ ଡ଼ି ଶା । ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ)ର ବିଲ୍ଡିଂ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଜଣାପଡ଼ିଛି। ତେବେ ନିର୍ମାଣ ହେବାକୁ ଥିବା ଏହିସବୁ ବସ୍‌ଷ୍ଟାଣ୍ଡର ନାମ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ କରାଯିବ ବୋଲି ସୂଚନା ମିଳିଛି। ଏହି ବସ୍‌ଷ୍ଟାଣ୍ଡ ଗୁଡିକର ନାମ 'ଅଟଳ ବସ୍ ଷ୍ଟାଣ୍ଡ' ରଖାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

## ଅଭୟ ସାହୁ କିଷାନ କଂଗ୍ରେସ ଅଧ୍ୟକ୍ଷ

ଭୁବନେଶ୍ୱର,୧୭।୬ (ରବିନାରାୟଣ ଜେନା)

ଅଭୟ ସାହୁଙ୍କୁ ରାଜ୍ୟ କିଷାନ କଂଗ୍ରେସ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏକ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ଏଆଇସିସି ସଭାପତିଙ୍କ ଅନୁମୋଦନକ୍ରମେ ଅଭୟ ସାହୁଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି।

# ଯାଜପୁର ଜିଲାରେ ଡାଇରିଆ ସଂକ୍ରମଣ କମୁଛି

ଯାଜପୁର,୧୭।୬ (ହର୍ଷବର୍ଦ୍ଧନ ବେହେରା)

- ୧୯୩ ରୋଗୀ ଚିକିତ୍ସାଧୀନ, ୧୫ ଜଣଙ୍କୁ ରେଫର
- ଜିଲାପାଳଙ୍କ ସହ କେନ୍ଦ୍ରୀୟ ଟିମ୍‌ର ସମୀକ୍ଷା

ଯାଜପୁର ଜିଲାରେ ଡାଇରିଆ ସହିତ ହଇଜା(କଲେରା) କେତେକାଂଶରେ ନିୟନ୍ତ୍ରଣକୁ ଆସିଛି। ମଙ୍ଗଳବାର ଡାଇରିଆରେ କୌଣସି ରୋଗୀଙ୍କ ମୃତ୍ୟୁ ଘଟିନାହିଁ । ମୃତକଙ୍କ ସଂଖ୍ୟା ୧୮ରେ ସୀମିତ ରହିଛି। ଅନ୍ୟପକ୍ଷେ ୧୮୫ ଜଣ ନୂତନ ରୋଗୀ ଜିଲାର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ରୋଗୀଙ୍କୁ ରେଫର ଏବଂ ୧୭୨ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଛି। ତେବେ ଜିଲାର ଧର୍ମଶାଳା ବ୍ଲକ ଅଞ୍ଚଳର ସ୍ଥିତି ସାଂଘାତିକ ରହିଛି। ଏହି ବ୍ଲକ ଅଞ୍ଚଳରେ ଏବେ ବି ୪୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଜିଲାରେ ସୋମବାର ୨୫୬ ଜଣ ରୋଗୀ ଚିକିତ୍ସାଧୀନ ଥିଲାବେଳେ ମଙ୍ଗଳବାର ସନ୍ଧ୍ୟା ପର୍ଯ୍ୟନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟାନ୍ୟ ଚିକିତ୍ସାଳୟରେ ମୋଟ ୧୯୩ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହାବାଦ୍ ଏକ ୮ ଜଣିଆ କେନ୍ଦ୍ରୀୟ ଟିମ୍ ଯାଜପୁର ଜିଲାର ଡାଇରିଆ ପ୍ରବଣ ଅଞ୍ଚଳ ସ୍ଥିତି ଅନୁଧ୍ୟାନ କରିବା ସହ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ବିଜୟ କୁମାର ମିଶ୍ରଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଜିଲାପାଳ ରେଡ୍ଡୀ କହିଛନ୍ତି, ଡାଇରିଆ ନିରାକରଣ ଏବଂ ଏହା ରୋକିବା କ୍ଷେତ୍ରରେ ଜିଲା ପ୍ରଶାସନ ଠୋସ ପଦକ୍ଷେପ ଗ୍ରହଣ କରୁଛି। ସ୍ଥିତି ଉପରେ କେନ୍ଦ୍ରୀୟ ଟିମ୍ ସନ୍ତୋଷ ପ୍ରକାଶ କରିବା ସହ ଏହା ଠିକ୍ ପ୍ରକ୍ରିୟା ବୋଲି ମତ ରଖିଥିଲେ। ପ୍ରତିଦିନ କେତେ ନୂଆ ସଂକ୍ରମିତ ରୋଗୀ ଆସୁଛନ୍ତି ଏହାର ଅନୁଧ୍ୟାନ କରାଯାଉଛି। ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଟିମ୍ ଦ୍ୱାରା ବିଶୋଧନ ପ୍ରକ୍ରିୟା ଚାଲିଛି। ଏହା ମଧ୍ୟ ଆଗକୁ ଚାଲୁ ରହିବ। ଆଶା, ଅଙ୍ଗନୱାଡି କର୍ମୀ, ଏସ୍ଏଚ୍‌ଜି, ଶିକ୍ଷୟିତ୍ରୀ ଶିକ୍ଷକ ସମସ୍ତେ ଘର ଘର ବୁଲି ଫୁଟା ପାଣି ପିଇବା, ନିୟମିତ ଭାବେ ସାବୁନରେ ହାତ ଧୋଇବା, ପୋଖରୀ ପାଣିରେ ନ ଗାଧୋଇବା କିମ୍ବା ପୋଖରୀ ପାଣିକୁ କୌଣସି କାର୍ଯ୍ୟରେ ବ୍ୟବହାର ନ କରିବାକୁ ପରାମର୍ଶ ଦେବା ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ପରାମର୍ଶ ଦେଉଛନ୍ତି। ଏହା ସହିତ ଓଆର୍‌ଏସ୍, ହାଲୋଜେନ ବଟିକା, ବ୍ଲିଚିଂ ପାଉଡ଼ର ଇତ୍ୟାଦି ଘର ଘର ବଣ୍ଟନ କରାଯାଉଛି। ବୁଧବାର ପ୍ରତି ପରିବାର ପାଇଁ ୨ଟି ସାବୁନ ପ୍ରଦାନ କରାଯିବ । ଗୋଟିଏ ସାବୁନରେ ପରିବାର ଲୋକେ ଖାଇବା ପୂର୍ବରୁ ହାତ ଧୋଇବେ । ଅନ୍ୟ ସାବୁନ୍‌କୁ ମଳତ୍ୟାଗ ପରେ ହାତ ଧୋଇବା ପାଇଁ ବ୍ୟବହାର କରିବେ । ଏଥିସହିତ ଯେଉଁ ଗ୍ରାମର ଜଳ ଯୋଗାଣ ପ୍ରକଳ୍ପରେ ବିଶୋଧନ ବ୍ୟବସ୍ଥା ଅଚଳ ଅଛି, ସେଠାକୁ ଟ୍ୟାଙ୍କର ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି । ବାସି ଖାଦ୍ୟ ଏବଂ ଦୂଷିତ ପାନୀୟ ଜଳ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପରାମର୍ଶ ଦିଆଯିବା ସହିତ ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରୟ ହେଉଥିବା ଖାଦ୍ୟ ଦୋକାନରେ ଚଢ଼ାଉ କରାଯାଉଛି। କେନ୍ଦ୍ରୀୟ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ଅନ୍ୟାନ୍ୟ ଡାଇରିଆ ପ୍ରବଣ ଅଞ୍ଚଳ ପରିଦର୍ଶନ କରିବେ ଏବଂ ସ୍ଥିତି ଅନୁଧ୍ୟାନ କରି ତଥ୍ୟ ପ୍ରକାଶ କରିବେ ବୋଲି ଜିଲାପାଳ କହିଛନ୍ତି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା,୧୭।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିବେ। କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ପାଳନର ଉଦ୍‌ଯାପନୀ ଉତ୍ସବରେ ସେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବାରିପଦାସ୍ଥିତ ଛଉ ପଡ଼ିଆରେ ଆୟୋଜିତ ବିକାଶ ମେଳାରେ ଉପସ୍ଥିତ ରହି ଉଭୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ଉଦ୍‌ବୋଧନ ଦେବେ। ବାରିପଦା ଭଞ୍ଜପୁରସ୍ଥିତ ରିଜର୍ଭ ପୋଲିସ ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ୧୦ଟା୪୫ରେ ଅବତରଣ କରିବେ। ସେଠାରୁ ସଡ଼କ ପଥରେ ଯାଇ ସମାବେଶରେ ଯୋଗଦେବା ପରେ ସର୍କିଟ ହାଉସରେ ବିଶ୍ରାମ ନେବେ। ପରେ ଅପରାହ୍ନ ୩ଟା ୩୦ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଜିଲାପାଳ ହେମକାନ୍ତ ସୟ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ଅଗ୍ରଗତି ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଲୋଚନା କରିଛନ୍ତି।



# ସାମାଜିକ କର୍ମୀ ଅବନ୍ତୀ କରଙ୍କ ପରଲୋକ

**ଭଦ୍ରକ,୧୭।୬(ରବିନାରାୟଣ ଖିଲାର)**

ଭଦ୍ରକ ନାରାୟଣ ପ୍ରସାଦ କର ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ, ସାମାଜିକ କର୍ମୀ ଅବନ୍ତୀ କର(୭୩)ଙ୍କ ସୋମବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ସେ ଡାଇରିଆରେ ଆକ୍ରାନ୍ତ ହୋଇ ସୋର ବ୍ଲକର ଅନନ୍ତପୁର ସିଏଚ୍‌ସିରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଯାଇଥିଲେ। ମାତ୍ର ଚିକିତ୍ସା ଅବସ୍ଥାରେ ତାଙ୍କ ଫୁସ୍‌ଫୁସ୍‌ରେ ପାଣି ଜମିବାରୁ ନିଃଶ୍ୱାସ ନେଇ ନ ପାରି ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସାନପୁଅ ନୟନ, ମଝିଆ


ଅବନ୍ତୀ କର।

ବୋହୂ ସରୋଜିନୀଙ୍କ ସମେତ ସମ୍ପର୍କୀୟ ଉପସ୍ଥିତ ଥିଲେ। ଭଦ୍ରକ ସହରର ମୋଟେଲ ଛକରେ ତାଙ୍କ ଘର। ସେ କବି, ସାହିତ୍ୟିକ, ବାସ୍ତୁଶାସ୍ତ୍ର ଓ ଜ୍ୟୋତିର୍ବିଦ୍ ସ୍ୱର୍ଗତ ନାରାୟଣ ପ୍ରସାଦ କରଙ୍କ ସ୍ତ୍ରୀ ଏବଂ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନୀହାର ରଞ୍ଜନ କରଙ୍କ ମା'। ତାଙ୍କ ମୃତ୍ୟୁ ଖବର ପାଇ ବଡ଼ପୁଅ ନୀହାର ଓ ମଧ୍ୟମ ପୁଅ ନୀରଦ ମରଶରୀର ପାଖରେ ପହଞ୍ଚିଥିଲେ। ନାରାୟଣ ପ୍ରସାଦ କର ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଡା. ଅନିଲ କୁମାର ଦାଶ, ପୂର୍ବତନ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା, ଚିତ୍ରଶିଳ୍ପୀ ନିରଞ୍ଜନ ନାୟକ, କବି ନାରାୟଣ ପାଢ଼ୀ, ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢୀ, ସଂଯୁକ୍ତା ବଳ, ବଳରାମ ପାଢ଼ୀ ପ୍ରମୁଖ ଶେଷଦର୍ଶନ କରିଥିଲେ।

# 'ମହିଳାଙ୍କୁ ଶକ୍ତିଶାଳୀ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ'


ମଞ୍ଚରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ 'ବିକାଶ ପଥେ ଭଦ୍ରକ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭଦ୍ରକ,୧୭।୬ (ସନାତନ ରାଉତ)**

## ଜିଲାସ୍ତରୀୟ ବିକାଶ ମେଳା

ସୁଭଦ୍ରା ଯୋଜନା ନାରୀ ଶକ୍ତିର ସଫଳତା। ବିକାଶ କ୍ଷେତ୍ରରେ ମହିଳାମାନେ ଅଧିକ ସକ୍ରିୟ। ମହିଳାଙ୍କୁ ଶକ୍ତିଶାଳୀ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଅଛନ୍ତି ବୋଲି ଭଦ୍ରକ ଜିଲାସ୍ତରୀୟ ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ-୨୦୨୫ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ରାଜ୍ୟରେ ଭାଜପା ସରକାରଙ୍କ ୧ ବର୍ଷ ଓ କେନ୍ଦ୍ରରେ ୧୧ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ବିକାଶ ମେଳାର ୬ଷ୍ଠ ଦିନରେ ମଙ୍ଗଳବାର ମଧ୍ୟାହ୍ନରେ ଉପମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଚଳିତବର୍ଷ ୧୬ ଲକ୍ଷ ୪୦ ହଜାର ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି। ଆସନ୍ତାବର୍ଷ ଏହା ୨୨ ଲକ୍ଷରେ ପହଞ୍ଚିବ। ଭଦ୍ରକ ଜିଲାରେ ୮୩ ହଜାର ୭୩୭ ମହିଳା ଲକ୍ଷପତି ଦିଦି ହୋଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିବା ସହ ବିକଶିତ ଓଡ଼ିଶା ଏବଂ ବିକଶିତ ଭଦ୍ରକ ଗଠନରେ ସରକାରଙ୍କ ଆଭିମୁଖ୍ୟ ସମ୍ବନ୍ଧରେ ପ୍ରକାଶ କରିଥିଲେ। ଭୁବନେଶ୍ୱରରେ ମେଗା ଫୁଡ୍ ଫେଷ୍ଟିଭାଲ ଆୟୋଜନ ହେବ। ମହିଳାଙ୍କ ହାତ ତିଆରି ଖାଦ୍ୟ ଖାଇବା ପାଇଁ ବିଦେଶୀ ପର୍ଯ୍ୟଟକମାନେ ଆସିବେ। ଏହି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ମହିଳା ଗୋଷ୍ଠୀକୁ ହୋଟେଲ କରିବାକୁ ରାଜ୍ୟ ସରକାର ସୁଯୋଗ ପ୍ରଦାନ କରିବେ। ପୂର୍ବରୁ ମହିଳା ଗୋଷ୍ଠୀକୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଥିବା ବେଳେ ତାହାକୁ ବୃଦ୍ଧି କରାଯାଇ ୩୦ ହଜାର ଟଙ୍କା କରାଯାଇଛି। ସେହିପରି ସିଆଇଏଫ୍ ୩୫ ଲକ୍ଷରୁ ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଭଦ୍ରକ ଜିଲାର ଆଖଣ୍ଡଳମଣି ପୀଠର ଉନ୍ନତି ପାଇଁ ୧୦ କୋଟି, ଗୋହିରାଟିକିରିରେ ମୁକୁନ୍ଦଦେବ ମେମୋରିଆଲ ପାର୍କ ଓ କନ୍‌ଭେନ୍‌ସନ ସେଣ୍ଟର ଲାଗି ୧୦ କୋଟି, ପାଳିଆର ବିରଞ୍ଚି ନାରାୟଣ ମନ୍ଦିର ପାଇଁ ୫୦ ଲକ୍ଷ, ଶହୀଦ ପୀଠ ଇରମ ଲାଗି ୧ କୋଟି, ଭଦ୍ରକାଳୀ ପୀଠ ନିମନ୍ତେ ୨ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ।

ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ 'ବର୍ଷ ଏକ ଉପଲବ୍ଧି ଅନେକ' ଜିଲାସ୍ତରୀୟ ସମ୍ମିଳନୀରେ ଅନ୍ୟତମ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ୧ ବର୍ଷରେ ହୋଇଥିବା ବିକାଶ, ଉପଲବ୍ଧି ବିଷୟରେ ବକ୍ତବ୍ୟ ରଖିବା ସହ ଭଦ୍ରକକୁ ୧ ନମ୍ବର କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଜିଲାପାଳଙ୍କ ପରାମର୍ଶକ୍ରମେ ଅବସରପ୍ରାପ୍ତ ଅଧ୍ୟକ୍ଷ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସମ୍ପାଦନାରେ ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ବିକାଶ ପଥେ ଭଦ୍ରକ' ପୁସ୍ତକ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଜିଲାସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବିଜେତା, ଲକ୍ଷପତି ଦିଦି, ଶିକ୍ଷା, ସ୍ୱଳ୍ପ ସଞ୍ଚୟ, ଜିଲା ସାମାଜିକ ସୁରକ୍ଷା, ଶ୍ରମ, ସମାଜ ମଙ୍ଗଳ ବିଭାଗ, ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଚୟନ ହୋଇଥିବା ହିତାଧିକାରୀ ଓ ପ୍ରତିଭାମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଥମେ ମେଳାରେ ପଡ଼ିଥିବା ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରିବା ସହ ଶ୍ରମ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଡେପୁଟି କଲେକ୍ଟର ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ପରିଚାଳନାରେ ଜୟଶ୍ରୀ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ପିଡିଏସ୍ ସେଣ୍ଟରରୁ ଚାଉଳ ଚୋରି

**ଧୁଷୁରୀ, ୧୭।୬ (ଦୀପ୍ତି ରଞ୍ଜନ ନାୟକ)**

ଧୁଷୁରୀ ଥାନା ଅଧୀନ ଗ୍ୱାଲକ୍ରିଷ୍ଟ ନଗର ଗ୍ରାମ ନିକଟରେ ଭଦ୍ରକ-ଆରଡ଼ି ରାସ୍ତା ପାର୍ଶ୍ୱରେ ଥିବା ଓମ୍ ସାଇ ନାଥ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ପିଡିଏସ୍ ସେଣ୍ଟରରୁ ସୋମବାର ବିଳମ୍ବିତ ରାତିରେ ୩୫ ବସ୍ତା ଚାଉଳ ସହ କିରୋସିନ ବିକ୍ରିରୁ ମିଳିଥିବା ୧୫ ହଜାର ଟଙ୍କା ଚୋରି ହୋଇଛି। ଏନେଇ ଗୋଷ୍ଠୀର ସମ୍ପାଦିକା ଇତିଶ୍ରୀ ଦାସ ମଙ୍ଗଳବାର ସକାଳ ୯ଟାରେ ଧୁଷୁରୀ ଥାନାରେ ଏତଲା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସୋମବାର ଅପରାହ୍ନ ୪ଟାରେ ସେ ସେଣ୍ଟରରେ ତାଲା ପକାଇ ଘରକୁ ଯାଇଥିଲେ। ପରଦିନ ସକାଳେ ତାଙ୍କ ସ୍ୱାମୀ ଅପୂର୍ବ ରଞ୍ଜନ ଗୋସ୍ୱାମୀ ପିଡିଏସ୍ ଚାଉଳ ହିତାଧିକାରୀଙ୍କୁ ଦେବା ପାଇଁ ସେଣ୍ଟର ଖୋଲିବାକୁ ଯିବା ବେଳେ ଏହାର ମୁଖ୍ୟ ଗ୍ରୀଲ୍ ଓ ଶଟର ଭଙ୍ଗା ଯାଇଥିବା ଦେଖିଥିଲେ। ଚାଉଳ ଓ ଟଙ୍କା ଚୋରି ହୋଇଥିବା ଜାଣି ଏ ବିଷୟରେ ପୋଲିସକୁ ଜଣାଇଥିଲେ। ଏନେଇ ଧୁଷୁରୀ ଥାନା ପୋଲିସ ଏକ ମାମଲା (ନଂ.୨୮୪/୨୫) ରୁଜୁ କରି ତଦନ୍ତ ଚଳାଇଛି।

# ରଜ ମହୋତ୍ସବର ମହତ୍ତ୍ୱକୁ ପାଳନ କରିବାକୁ ପଡ଼ିବ: ନିରଞ୍ଜନ


ରଜ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ମେଧାବୀ ବିଦ୍ୟାର୍ଥୀ।

**ବନ୍ତ,୧୭।୬(ହରିନାରାୟଣ ମହାନ୍ତି)**

ରଜ ମହୋତ୍ସବର ମହତ୍ତ୍ୱକୁ ପାଳନ କରିବାକୁ ପଡ଼ିବ ବୋଲି ବନ୍ତ ବ୍ଲକର କପାଳୀକ୍ଷେତ୍ର ନିମାପଡ଼ାଠାରେ ଚାଲିଥିବା ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ସୋମବାର ୪ର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। କମିଟି ସଭାପତି ଡ.ଶୁଭେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ଚଳଚ୍ଚିତ୍ର ଅଭିନେତା ପ୍ରଶାନ୍ତ ନନ୍ଦ, ମୁଖ୍ୟବକ୍ତା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାଏ, ସମ୍ମାନିତ ଅତିଥି ଭାବେ ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ ଓ ଯୁବନେତା ଜ୍ୟୋତି ରଞ୍ଜନ ନାୟକ ଯୋଗ ଦେଇଥିଲେ। କମିଟି ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ବିବରଣୀ ପାଠ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବନ୍ତ ବ୍ଲକ ଟପ୍ପର ହୋଇଥିବା ଛାତ୍ର ସାଇକ୍ରିଷ୍ଣା ଜେନା, ଭଣ୍ଡାରିପୋଖରୀ ବ୍ଲକ ଟପ୍ପର ଛାତ୍ରୀ ତପସ୍ୱିନୀ ନାଥ, ସିବିଏସ୍‌ଇ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ଟପ୍ପର ହୋଇଥିବା ବନ୍ତ ବ୍ଲକର ଛାତ୍ର କାବ୍ୟରଞ୍ଜନ ମାଝୀ ଏବଂ ସର୍ବଭାରତୀୟ ଡାକ୍ତରୀ ପରୀକ୍ଷାରେ ସଫଳତା ହାସଲ କରିଥିବା ବନ୍ତ ବ୍ଲକର ଛାତ୍ରୀ ଶ୍ରୀୟା ଶିବଦର୍ଶନୀ ପଣ୍ଡାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ମୁଖ୍ୟଅତିଥିଙ୍କ ପକ୍ଷରୁ ଦୁଇ ବ୍ଲକ ଟପ୍ପରଙ୍କୁ ୧୦ ହଜାର ଲେଖାଏ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ଟପ୍ପରଙ୍କୁ ୩୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଶିକ୍ଷକ ରମାକାନ୍ତ ଜେନା ଓ ଦାଶରଥି ଜେନା ମଞ୍ଚ ସଂଯୋଜନା କରିଥିଲେ। ଶେଷରେ କଟକର ଗୀତ ସଙ୍ଗୀତ ମେଲୋଡ଼ି ଦଳ ପକ୍ଷରୁ ରଙ୍ଗାରଙ୍ଗ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ଉପଦେଷ୍ଟା ସୂର୍ଯ୍ୟମଣି ବିଶ୍ୱାଳ, ନାରାୟଣ ଚନ୍ଦ୍ର ସାମଲ, ଗଣେଶ ପ୍ରସାଦ କରଶର୍ମା, ପୂର୍ଣ୍ଣଚନ୍ଦ୍ର ବାରିକ, ଉପସଭାପତି ହୃଷୀକେଶ ମିଶ୍ର, କୋଷାଧ୍ୟକ୍ଷ ସନାତନ ସେଠୀ, ବରିଷ୍ଠ ସଦସ୍ୟ ଆଶିଷ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଶିକ୍ଷାବିତ୍ ବାବାଜୀଙ୍କ ଅବଦାନ ଅତୁଳନୀୟ'


ସ୍ମୃତିସଭାରେ ଉପସ୍ଥିତ ଅତିଥି।

**ଧାମନଗର,୧୭।୬ (ଦେବେନ୍ଦ୍ର ଆଣ୍ଡିଆ)**

ଧାମନଗର ବ୍ଲକ ଅଧୀନ ଦୋବଲ ପଞ୍ଚାୟତର ବାହୁବଳେନ୍ଦ୍ରସାହିର ଦିବଂଗତ ସାମାଜିକ କର୍ମୀ, ଶିକ୍ଷାବିତ୍ ବାବାଜୀ ଚରଣ ନାୟକଙ୍କ ଏକାଦଶାହ ଅବସରରେ ସୋମବାର ତାଙ୍କ ବାସଭବନଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିନୋଦ ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଆଇନଜୀବୀ ଦେବାଶିଷ ସାମଲ, ରଞ୍ଜିତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ବିଳାସ ପାଗଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଅଶୋକ ପଣ୍ଡା, ଶିକ୍ଷାବିତ୍ ହୃଦାନନ୍ଦ କର, ହେମେନ୍ଦ୍ର ମହାନ୍ତି, ନିରାକାର ଧଳ, ପ୍ରମୋଦ ନାୟକ, ଯାଜପୁରର ଏବିଇଓ ମନୋଜ କୁମାର ଜେନା, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉମେଶ ମହାନ୍ତି, ଘନଶ୍ୟାମ ଥାଟୋଇ, ଭୋଳାନାଥ ସାହୁ, ମହେଶ୍ୱର ସ୍ୱାଇଁ, ରାମଚନ୍ଦ୍ର ସାହୁ, ଶରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅନେକ ଛାତ୍ରୀଛାତ୍ରଙ୍କୁ ମଣିଷ କରିବାରେ ସ୍ୱର୍ଗତ ନାୟକଙ୍କ ଅବଦାନ ଅତୁଳନୀୟ। ଅବସର ପରେ ପଞ୍ଚାୟତର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ କରି ସେ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସାମାଜିକ କର୍ମୀ କୃତିବାସ ତ୍ରିପାଠୀ ସଂଯୋଜନା କରିଥିଲେ। ସ୍ୱର୍ଗତ ନାୟକଙ୍କ ପୁଅ ତପନ କୁମାର ନାୟକ, ବିପିନ ବିହାରୀ ନାୟକ, ପ୍ରସନ୍ନ ନାୟକ, ନିକୁଞ୍ଜ ବିହାରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଡାଇରିଆ ୱାର୍ଡ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

**ଭଦ୍ରକ,୧୭।୬ (ସନାତନ ରାଉତ)**

## ଜିଲା ମୁଖ୍ୟ ଚିକିତ୍ସାଳୟ

ଯାଜପୁର ପରେ ଭଦ୍ରକ ଜିଲାରେ ଡାଇରିଆ ବ୍ୟାପି ଚାଲିଛି। ଭଦ୍ରକ ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଅପରାହ୍ନ ୨ଟା ୩୦ରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାଇରିଆ ୱାର୍ଡ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଜିଲାର ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସେ ପଚାରି ବୁଝିଥିଲେ। ଡାଇରିଆ ନିରାକରଣ ପାଇଁ ଲୋକଙ୍କୁ ସଚେତନ କରାଯିବା ସହ ସମସ୍ତ ପଦକ୍ଷେପ ନିଆଯାଉଛି। କେନ୍ଦ୍ରୀୟ ଟିମ୍ ସଂକ୍ରମଣ ହୋଇଥିବା ଅଞ୍ଚଳ ପରିଦର୍ଶନ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପରିଦର୍ଶନ ସମୟରେ ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଇରିଆ ୱାର୍ଡ ପରିଦର୍ଶନ କରୁଛନ୍ତି।

# ଶ୍ୱଶୁର ଘରେ ଜ୍ୱାଇଁ ମୃତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଭଦ୍ରକ,୧୭।୬(ସନାତନ ରାଉତ)**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତଳାଙ୍ଗ ଗ୍ରାମରେ ଶ୍ୱଶୁର ଘରେ ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ଜେମାଦେଇପୁର ଗ୍ରାମର ସଂଗ୍ରାମ ବଳ(୨୦)। ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଥିବା ବେଳେ ସଂଗ୍ରାମଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ମୃତ ସଂଗ୍ରାମଙ୍କ ବାପା ସଞ୍ଜୟ ବଳଙ୍କ ଲିଖିତ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା (ନଂ.୩୧୩/୨୫) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ୫ ମାସ ତଳେ ସଂଗ୍ରାମଙ୍କର ତଳାଙ୍ଗ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ହୋଇ ଥାନା ପର୍ଯ୍ୟନ୍ତ କଥା ଯାଇଥିଲା। ସ୍ୱାମୀ ସ୍ତ୍ରୀ ୨ମାସ ଅଲଗା ରହିବାକୁ ଥାନାରେ ଉଭୟ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ୩ ଦିନ ତଳେ ସଂଗ୍ରାମ ସ୍ତ୍ରୀଙ୍କୁ ନେବା ପାଇଁ ଶ୍ୱଶୁର ଘରକୁ ଆସିଥିଲେ। ସ୍ତ୍ରୀ ସାଙ୍ଗରେ ଯିବାକୁ ରାଜି ହୋଇ ନ ଥିଲେ। ସଂଗ୍ରାମ ୩ ଦିନ ଧରି ଶ୍ୱଶୁର ଘରେ ଥିବାବେଳେ ମଙ୍ଗଳବାର ସକାଳେ ନିକଟସ୍ଥ ଏକ ଗଛରେ ଶାଢ଼ିରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

# ପ୍ରେମିକାଙ୍କୁ ବଳାତ୍କାର ଅଭିଯୋଗରେ ପ୍ରେମିକ ଗିରଫ

**ତିହିଡ଼ି,୧୭।୬ (ସଞ୍ଜିତ ବଳ)**

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଈଶ୍ୱରପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୫୫/୨୫) ରୁଜୁ କରି ଅଭିଯୁକ୍ତ ପ୍ରେମିକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ପ୍ରେମିକ ହେଲେ ଧୁଷୁରୀ ଥାନା ଅଧୀନ ଦୋହରାପାଟଣା ଗ୍ରାମର ରଶ୍ମିରଞ୍ଜନ ମଲିକ। ଅଭିଯୋଗ ଅନୁଯାୟୀ, ଉକ୍ତ ଯୁବତୀଙ୍କ ସହ ରଶ୍ମିରଞ୍ଜନଙ୍କର ବର୍ଷେ ହେଲା ପ୍ରେମ ସମ୍ପର୍କ ଥିଲା। ରଶ୍ମିରଞ୍ଜନ ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ବିବାହ ପାଇଁ ରଶ୍ମିରଞ୍ଜନଙ୍କୁ କହିବାରୁ ସେ ଏଥିରେ ଅରାଜି ହୋଇଥିଲେ। ଯୁବତୀଙ୍କ ବାପା ସୋମବାର ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ହୋଟେଲ, ରେଷ୍ଟୁରାଣ୍ଟରେ ଚଢ଼ାଉ

**ଧାମନଗର,୧୭।୬ (ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ଗତ କିଛିଦିନ ଧରି ଡାଇରିଆ ରୋଗୀଙ୍କ ସଂଖ୍ୟା କ୍ରମଶଃ ବଢ଼ି ଚାଲିଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ଭଦ୍ରକ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ଧାମନଗର ବଜାରରେ ଥିବା ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରେ ଚଢ଼ାଉ କରାଯାଇଛି। ପ୍ରଥମେ ଯାଜପୁର, ପରେ ପଡ଼ୋଶୀ ଭଦ୍ରକ ଜିଲାର ଧାମନଗର ଓ ଭଣ୍ଡାରିପୋଖରୀ ଅଞ୍ଚଳରେ ମଧ୍ୟ ଡାଇରିଆ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ଲାଗି ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଧାମନଗର ବଜାରରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢ଼ାଉ କରି ଖାଦ୍ୟ ଯାଞ୍ଚ କରିଛନ୍ତି।

ଏକ ହୋଟେଲରେ ବିଭିନ୍ନ ଖାଦ୍ୟର ମାନ ପରୀକ୍ଷା କରାଯାଇଥିଲା। ଏଠାରେ ଫ୍ରିଜ୍‌ରେ ଥିବା ବାସିଖାଦ୍ୟ ଓ ରନ୍ଧାଖାଦ୍ୟର ମାନ ନିମ୍ନମାନର ଜଣାପଡ଼ିବା ପରେ ଜବତ ଖାଦ୍ୟକୁ ଫିଙ୍ଗିବାକୁ କହିଥିଲେ। ଏହାସହ ହୋଟେଲ ପରିସରରେ ଅପରିଷ୍କାର ହେଉଥିବା ନେଇ ମଧ୍ୟ ଦେଖିଥିଲେ। ଉକ୍ତ ସ୍ଥାନଟି ଖାଦ୍ୟ ଉପଯୋଗୀ ନୁହେଁ ବୋଲି ଅନୁଭବ କରିବା ସହ ହୋଟେଲ ମାଲିକଙ୍କୁ ପରିଷ୍କାର ରଖିବାକୁ ତାଗିଦ୍ କରି ୧ ହଜାର ଟଙ୍କା ଜରିମାନା କରାଯାଇଥିଲା। ଏହାପରେ ଅଧିକାରୀମାନେ ଅନ୍ୟ ଏକ ହୋଟେଲକୁ ଯାଇ ଖାଦ୍ୟ ସବୁ ଯାଞ୍ଚ କରିଥିଲେ। ଚଢ଼ାଉ ଖବର ଜାଣି ପାରି ଧାମନଗର ବଜାରସ୍ଥିତ ଅନ୍ୟ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକ ତାଲା ପକାଇ ପଳାଇ ଯାଇଥିଲେ। ମୋଟ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ କହିଛନ୍ତି। ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ଦାସ, ବସନ୍ତ ବେହେରା, ଏନ୍‌ଏସି ଅଧିକାରୀଙ୍କ ସମେତ ଧାମନଗର ପୋଲିସ ଚଢ଼ାଉରେ ସାମିଲ ଥିଲେ।


ଧାମନଗର ବଜାରରେ ଏକ ହୋଟେଲରେ ଯାଞ୍ଚ କରୁଛନ୍ତି ଅଧିକାରୀ।

# ବୁଲିଲା ହଇଜା ନିରାକରଣ ସଚେତନତା ରଥ


ବ୍ଲକ କାର୍ଯ୍ୟାଳୟ ପରିସରରେ ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

**ତିହିଡ଼ି, ୧୭।୬ (ସଞ୍ଜିତ ବଳ)**

ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ହଇଜା ନିରାକରଣ ସଚେତନତା ରଥ ପରିକ୍ରମା କରିଛି। ୨ଟି ରଥ ୨ଦିନ ଧରି ବ୍ଲକ ଅଧୀନ ୩୧ ପଞ୍ଚାୟତରେ ବୁଲି ହଇଜା ନିରାକରଣ ନେଇ ସଚେତନତା ବାର୍ତ୍ତା ଦେବ। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ନିରଞ୍ଜନ ବାରିକ ଏହି ରଥକୁ ଉଦ୍‌ଘାଟନ କରିଥିଲେ। ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, କନିଷ୍ଠ ଯନ୍ତ୍ରୀ ଭୀଷ୍ମଦେବ ଶତପଥୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅରୁଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଅଞ୍ଚଳରେ ହଇଜା ବ୍ୟାପିବା ପରେ ଏହାର ନିରାକରଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

# ୧୨ ଦୋକାନ ବନ୍ଦ କଲା ପ୍ରଶାସନ


ରାସ୍ତାକଡ଼ ଏକ ଗୁପ୍‌ଚୁପ୍ ବେପାରୀଙ୍କୁ ଅଧିକାରୀ ତାଗିଦ୍ କରୁଛନ୍ତି।

**ବାସୁଦେବପୁର,୧୭।୬ (କାଳିପଦ ରାୟ)**

ବାସୁଦେବପୁର ପୌରାଞ୍ଚଳ ଅଧୀନ ଅଟଳ ବିହାରୀ ହାଇସ୍କୁଲ ଛକଠାରୁ ମନ୍ଦାରୀ ଚାଟେରୀ ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ବିକ୍ରି ହେଉଥିବା ଖାଦ୍ୟ ଓ ବିଭିନ୍ନ ହୋଟେଲରେ ସୋମବାର ଚଢ଼ାଉ କରିଛି ବ୍ଲକ୍ ପ୍ରଶାସନ। ଯାଜପୁର ଓ ଭଦ୍ରକ ଜିଲାରେ ହଇଜା ବ୍ୟାପୁଥିବାରୁ ଏହାର ଆଶୁ ପ୍ରତିକାର ପାଇଁ ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଚଢ଼ାଉ ବେଳେ ୧୨ଟି ଦୋକାନକୁ ପ୍ରଶାସନ ବନ୍ଦ କରିଥିବା ବେଳେ ବିନା ଖାଦ୍ୟ ନିରାପତ୍ତା ପ୍ରମାଣପତ୍ରରେ ଦୋକାନଗୁଡ଼ିକ ବନ୍ଦ କରିବା ପାଇଁ ଚେତାବନୀ ଦେଇଛି। ବିଭିନ୍ନ ହୋଟେଲ, ଫାଷ୍ଟଫୁଡ୍ ଦୋକାନରେ ଯାଞ୍ଚ ବେଳେ ବାସି ଓ ରଙ୍ଗଯୁକ୍ତ ଖାଦ୍ୟ ବିକ୍ରି ହେଉଥିବା ଦେଖି ସେଗୁଡ଼ିକୁ ନଷ୍ଟ କରି ଦିଆଯାଇଛି। ଏଥିସହ ଫ୍ରିଜ୍‌ରେ ଥିବା ପାଣି, ଅଣ୍ଡା ଓ ବିଭିନ୍ନ ଖାଦ୍ୟ ସାମଗ୍ରୀର ତିଆରି, ଅବଧି ତାରିଖ ଯାଞ୍ଚ କରାଯାଇଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ କୌଣସି ଉଠାଦୋକାନ ରାସ୍ତାକଡ଼ରେ ଖାଦ୍ୟ ବିକ୍ରି କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଓ ଥାନା କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ

ସୋର, ୧୭।୬(ଜନ୍ମେଜୟ ମିଶ୍ର)

ରାସ୍ତା ନିର୍ମାଣ କମ୍ପାନୀର ଖାମାଖିଆଲି ନୀତି ଯୋଗୁ ମଙ୍ଗଳବାର ଏକ ଜୀବନ ଯାଇଛି। ବିନା ସୂଚନାରେ ଏକପାଖିଆ ରାସ୍ତା କାରଣରୁ ଏକ ଅଜଣା ଟ୍ରକ ଧକ୍କାରେ ଜଣେ ବାଇକ ଅରୋହୀଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ସୋର ପୌରପାଳିକା ଅଧୀନ କମାଣପୁର ଗ୍ରାମର ହରିଶ ଚନ୍ଦ୍ର ମହାନ୍ତି (୨୧) ତାଙ୍କ ବାଇକ ଯୋଗେ ୧୬ ନଂ. ଜାତୀୟ ରାଜପଥ ଛପୁଲିଆ ନିକଟରେ ଥିବା ନିଜ ଇଟା ଫ୍ୟାକ୍ଟ୍ରିକୁ ଯାଉଥିଲେ। କୌଣସି ସୂଚନା ନ ଥାଇ ଏକପାଖିଆ ରାସ୍ତା ପାଇଁ ସେ ରାସ୍ତା ପାର୍ ହେଉଥିବା ବେଳେ ଏକ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ହରିଶଙ୍କର ମୃତ୍ୟୁ ହୋଇଥିବା ବେଳେ ପରିବାର ଲୋକେ ରାସ୍ତା ଉପରେ ମୃତଦେହ ରଖି ଧାରଣାରେ ବସିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ହରିଶଙ୍କରଙ୍କ ପରିବାର ଲୋକେ ଧାରଣାରେ ବସିଥିବା ବେଳେ ଉଭୟ ପାର୍ଶ୍ୱ ରାସ୍ତା ସମ୍ପୂର୍ଣ୍ଣ ଭାବେ ଜାମ୍ ଥିବା ଦେଖିବାକୁ ମିଳିଛି। ଖବର ପାଇ ସୋର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛି।

### ନିଟ୍ ପରୀକ୍ଷାରେ ଭୋଗରାଇର ୪ ଛାତ୍ରୀଛାତ୍ର ସଫଳ

ଭୋଗରାଇ, ୧୭।୬(ପ୍ରଦୀପ ଦାସ)

ସର୍ବଭାରତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ନିଟ୍ ୟୁଜିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ୪ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଗୋବିନ୍ଦପୁର ଗ୍ରାମର ମୋନାଲିସା ବାରିକ ୭୨୦ମାର୍କରୁ ୫୬୨ ପାଇଥିବା ବେଳେ ଗୋପାଳପୁର ଗ୍ରାମର ଅଭିନ ପାତ୍ର ୫୫୪, ଚଣ୍ଡୀପୁର ଗ୍ରାମର ମନୋଜ ସେନାପତି ୫୮୫ ଏବଂ ସୁନ୍ଦରଆଡି ଗ୍ରାମର କହ୍ନାଇ ଚରଣ ଗିରି ୫୭୦ମାର୍କ ରଖି ନିଟ୍‌ରେ କୃତିତ୍ୱ ହାସଲ କରିଛନ୍ତି। ମେଧାବୀ ୪ ଛାତ୍ରୀଛାତ୍ରଙ୍କ ସଫଳତା ନିମନ୍ତେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ସହିତ ବହୁ ଶିକ୍ଷାପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।

# ମହିଳାଙ୍କ ବିନା ଓଡ଼ିଶାର ବିକାଶ ଅସମ୍ଭବ

## ଜିଲାସ୍ତରୀୟ ବିକାଶ ମେଳା-୨୦୨୫

ବାଲେଶ୍ୱର, ୧୭।୬(ବାଞ୍ଛାନିଧି ଦେ)



ଏସ୍‌ଏଚ୍‌ଜିକୁ ପୁରସ୍କାର ରାଶି ପ୍ରଦାନ କରାଯାଉଛି।

ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆଠାରେ ଜିଲାସ୍ତରୀୟ ବିକାଶ ମେଳା-୨୦୨୫ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ବିଭିନ୍ନ ବିକାଶର ହିସାବ ଦେଇ ବର୍ଷ ଏକ, ଉପଲବ୍ଧି ଅନେକ। ରାଜ୍ୟରେ ବିକାଶର ମିଟର ବଢ଼ୁଛି ବୋଲି କହିଥିଲେ। ବର୍ଷକ ମଧ୍ୟରେ ସାଢ଼େ ୩ ଲକ୍ଷ ଲୋକଙ୍କର ମତାମତ ନେଇ ଜନସାଧାରଣଙ୍କ ପାଇଁ ସୁଦୀର୍ଘ ଭିଜନ୍ ଡକ୍ୟୁମେଣ୍ଟ ତିଆରି କରାଯାଇଥିବା କହିଥିଲେ। ୨୮ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ୧କୋଟି ୨ଲକ୍ଷ ୬୦ହଜାର ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଛନ୍ତି। ୧୬ଲକ୍ଷ ୬୦ହଜାରରୁ ଊର୍ଦ୍ଧ୍ୱ ମହିଳା ଲକ୍ଷପତି ଦିଦି ସୃଷ୍ଟି ହୋଇ ସମଗ୍ର ଭାରତରେ ଓଡ଼ିଶା ଏକ ନମ୍ବର ସ୍ଥାନ ହାସଲ କରିଛି। ମହିଳା ସଶକ୍ତିକରଣ, ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ଓ ଆର୍ଥିକ ଅଭିବୃଦ୍ଧି ଘଟିଛି। ଯାହାକି ମହିଳାଙ୍କ ବିନା ଓଡ଼ିଶାର ବିକାଶ ଅସମ୍ଭବ ବୋଲି କହିଥିଲେ। ରିଭଲଭିଂ ଫଣ୍ଡ ୧୫ହଜାରରୁ ୩୦ହଜାରକୁ ବୃଦ୍ଧି, ସିଆଇଏଫ୍ ଫଣ୍ଡ ୩୫ଲକ୍ଷରୁ ୬୦ଲକ୍ଷକୁ ବୃଦ୍ଧି, ଚାଷୀଙ୍କୁ ୮ଶହ ଟଙ୍କା ଇନ୍‌ପୁଟ୍ ସହାୟତା, ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର, ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏଥିସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ହୋଇଛି। ସ୍ୱାଧୀନତା ଆନ୍ଦୋଳନରେ ବଳିଷ୍ଠ ଉତ୍ସର୍ଗ ଦେଇଥିବା ବାଲେଶ୍ୱରକୁ ପର୍ଯ୍ୟଟନର ହବ୍ କରିବା ଲକ୍ଷ୍ୟ ଦେଇ ତାଳସାରୀ, ବିଚିତ୍ରପୁର, ଚାନ୍ଦିପୁର, ଡଗରା ବେଳାଭୂମି ସହ ଓ କ୍ଷୀରଚୋରା ଗୋପୀନାଥ ମନ୍ଦିରର ବିକାଶ କରାଯିବ। ବିକଶିତ ଓଡ଼ିଶା ୨୦୩୬, ବିକଶିତ ଭାରତ ୨୦୪୭ର ଆଭିମୁଖ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ସଂଳାପକୁ ଦୋହରାଇ 'ଏତ ହୋଇନି କିଛି, ଦେଖ ଆଗକୁ କ'ଣ ହେଉଛି' ବୋଲି ସେ କହିଥିଲେ।

ଏହି ଉତ୍ସବରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରି ସରକାରଙ୍କ ବିଭିନ୍ନ ବିକାଶ ମୂଳକ ଯୋଜନାର ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ବିକଶିତ ଓଡ଼ିଶା ଭିଜନରେ ଓଡ଼ିଶାକୁ ସଶକ୍ତ କରିବାରେ ରାଜ୍ୟ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମିଶନ ଶକ୍ତି ମା' ମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶାକୁ ନେଇ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶେଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କୋଟସାହିରେ ବିକାଶ ରଥକୁ ସ୍ୱାଗତ

ଜଳେଶ୍ୱର, ୧୭।୬(ନବୀନ ସାହୁ)

ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିକାଶ ରଥ ଗଡ଼ିବା ଆରମ୍ଭ କରିଛି। ମଙ୍ଗଳବାର ଅପରାହ୍ନରେ ଜଳେଶ୍ୱର ବ୍ଲକ କୋଟସାହି ପଞ୍ଚାୟତ ପକ୍ଷରୁ ବିକାଶ ରଥକୁ ବାଦ୍ୟର ତାଳେ ତାଳେ ଏକ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ପଞ୍ଚାୟତ ଅଫିସ୍‌ଠାରେ ଆୟୋଜିତ ସଭାରେ ବରିଷ୍ଠ ଭାଜପା ନେତା ବ୍ରଜମୋହନ ପ୍ରଧାନ ପରିଚାଳନାରେ ସଭା କାର୍ଯ୍ୟ ଓ ଏଲ୍‌ଇଡି ମାଧ୍ୟମରେ ବିକାଶର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀଣୀ ସଲିମା ରାଉତ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ବିକଳାଙ୍ଗ ଭତ୍ତା, ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟାଦେଶ, ଖାଦ୍ୟ ସୁରକ୍ଷା କାର୍ଡ, ଶ୍ରମିକ କାର୍ଡ ଆଦି ବଣ୍ଟନ କରିଥିଲେ। ଏକ ବର୍ଷର ମୋହନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ଉପଲବ୍ଧି, ପାରଦର୍ଶିତା, ଭବିଷ୍ୟତ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଅବଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା କାଳୀଚରଣ ଦାସ, ରାଜେଶ ଖଟୁଆ ଏବଂ ବ୍ଲକ ଗ୍ରାମ କାର୍ଯ୍ୟନିର୍ବାହୀ ଅଧିକାରୀ ଦିନେଶ ସେଠୀ, ଏଡ଼ିଇଓ ନିମାଇଁ ଚରଣ ମହାନ୍ତି, କୃଷକ ସାଥୀ, ପଞ୍ଚାୟତ ଏମ୍‌ବିକେ, ଆଶା ସହିତ ଏସ୍‌ଏଚ୍‌ଜି ମହିଳା ଏବଂ ୫ ଶହ ପାଖାପାଖି ପଞ୍ଚାୟତବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମୁକ୍ତିକାନ୍ତଙ୍କୁ ମିଳିଲା ଯୋଗ ବିଭୂଷଣ ସମ୍ମାନ


ଅତିଥିମାନେ ମୁକ୍ତିକାନ୍ତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।


ଖଇରା, ୧୭।୬(ଉତ୍କଳବନ୍ଧୁ ପଣ୍ଡା)

### ୩୪ବର୍ଷ ସାଧନାର ଫଳ

ବାଲେଶ୍ୱର ଜିଲା ସମେତ ଖଇରା ବ୍ଲକର ଘରେ ଘରେ ଏବଂ ବିଭିନ୍ନ ଅନୁଷ୍ଠାନରେ ଯୋଗ ପ୍ରଶିକ୍ଷଣକୁ ନିୟମିତ କରାଇଥିବା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଭୋଗୁପୁର ଗ୍ରାମର ମୁକ୍ତିକାନ୍ତ ପାଣିଗ୍ରାହୀଙ୍କୁ ତାଙ୍କର ୩୪ବର୍ଷ ସାଧନାର ଫଳ ମିଳିଛି। ଏହି ନିରବିଚ୍ଛିନ୍ନ ସେବା ପାଇଁ ଅଖିଳ ଭାରତୀୟ ଯୋଗ ମହାସଂଘ ଦ୍ୱାରା ନୂଆଦିଲ୍ଲୀର ଲାଜପତ ଭବନ ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଯୋଗ ବିଭୂଷଣ ସମ୍ମାନ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଯୋଗ ମହାସଂଘର ରାଷ୍ଟ୍ରୀୟ ସଚିବ ମଙ୍ଗୋସ ଦ୍ୱିବେଦୀ, ବରିଷ୍ଠ ପତ୍ରକାର ଦୀପକ ଚୌରାସିଆ, ଡାକ୍ତର ଅଭିଷେକ ବର୍ମାଙ୍କ ସମେତ ବହୁ ସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନ ମିଳିଛି। ଏଭଳି ଖବର ବାଲେଶ୍ୱର ଜିଲାର ଯୋଗପ୍ରେମୀଙ୍କୁ ଆନନ୍ଦିତ କରିଛି। ବ୍ରହ୍ମଚାରୀ ଭାବେ ଜୀବନ ଅତିବାହିତ କରୁଥିବା ମୁକ୍ତିକାନ୍ତ ହରିଦ୍ୱାର ପତଞ୍ଜଳି ଆଶ୍ରମରେ ରାମଦେବଙ୍କୁ ନିଜର ଗୁରୁ କରି ଯୋଗଶିକ୍ଷା କରିବା ପରେ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି ଯୋଗଶିକ୍ଷା ପ୍ରଦାନ କରିବା ସହ ଜଡିବୁଟି ଚାରା ମଧ୍ୟ ବଣ୍ଟନ କରିଥାନ୍ତି। ଯୋଗ ପ୍ରଚାର ପାଇଁ ସେ ଭାରତର ୨୮ ରାଜ୍ୟ ଗସ୍ତ କରିସାରିଛନ୍ତି। ଏଭଳି ସମ୍ମାନ ଓ ସମ୍ବର୍ଦ୍ଧନା ତାଙ୍କୁ ଆହୁରି ଆଗକୁ ନେବା ପାଇଁ ପ୍ରେରଣା ଯୋଗାଇବ ବୋଲି ଏହି ଯୋଗ ପ୍ରଚାରକ ଜଣକ ପ୍ରକାଶ କରିଛନ୍ତି।

## ପ୍ରଫେସର ଅନିଲ ମହାପାତ୍ର 'ଭାରତୀୟ ବହିର୍ଦ୍ଦେଶ ଚେୟାର' ମନୋନୀତ

ବାଲେଶ୍ୱର, ୧୭।୬(ବାଞ୍ଛାନିଧି ଦେ)


ପ୍ରଫେସର ଅନିଲ ମହାପାତ୍ର।

ଭାରତର ବୈଦେଶିକ ମନ୍ତ୍ରଣାଳୟ ଅଧୀନ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ତରଫରୁ ପ୍ରଫେସର ଅନିଲ କୁମାର ମହାପାତ୍ରଙ୍କୁ ସମ୍ମାନଜନକ 'ଭାରତୀୟ ବହିର୍ଦ୍ଦେଶ ଚେୟାର' ଭାବେ ମନୋନୀତ କରାଯାଇଛି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ପ୍ରଫେସର ମହାପାତ୍ର ଏହି ସମ୍ମାନ ପାଇ ସମଗ୍ର ରାଜ୍ୟରେ ଗୌରବ ଅର୍ଜନ କରିଛନ୍ତି।

ଭାରତ ସରକାର ୩୨ଟି ଦେଶ ସହ ବୁଝାମଣାପତ୍ର ସ୍ୱାକ୍ଷର କରି ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ୪୭ଗୋଟି ଚେୟାର ପ୍ରତିଷ୍ଠା କରିଛନ୍ତି। ଏଥିରେ ଯେଉଁମାନେ ଚୟନ ହୋଇଥାନ୍ତି ସେମାନେ ବର୍ଷେ କି ଦୁଇବର୍ଷ ବୁଝାମଣା ସ୍ୱାକ୍ଷରିତ ହୋଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆବାସିକ ଭାବେ ରହି ଭାରତର ସଂସ୍କୃତି, ରାଜନୈତିକ ଓ ସାମାଜିକ ବ୍ୟବସ୍ଥା ଆଦି ଉପରେ ବକ୍ତବ୍ୟ ରଖିବା, ଲେଖିବା, ଗବେଷଣାରେ ସହାୟତା କରିବା ଓ ସମ୍ମାନରେ ଭାଗ ନେବା ଭଳି କାର୍ଯ୍ୟ କରିଥାନ୍ତି। ସେହି କ୍ରମରେ ପ୍ରଫେସର ଅନିଲ ମହାପାତ୍ର କାଠମାଣ୍ଡୁର ତ୍ରିଭୁବନ ବିଶ୍ୱବିଦ୍ୟାଳୟରେ 'ଭାରତୀୟ ଅଧ୍ୟୟନ' ଚେୟାର ମଣ୍ଡନ କରିବେ। ଏହି କୃତିତ୍ୱ ପାଇଁ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଏଫ୍‌ଏମ୍‌ୟୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଓସମାନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ରାମ ରେଡ୍ଡୀ, ଇନ୍ଦିରା ଗାନ୍ଧୀ ମୁକ୍ତ ବିଦ୍ୟାଳୟର ପ୍ରଫେସର ଶତୀଶ କୁମାରଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଓ ଅବସରପ୍ରାପ୍ତ କୁଳପତି ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## କୁଳଡିହାରେ ମାଈ ହାତୀର ଗଳିତ ମୃତଦେହ

ନୀଳଗିରି, ୧୭।୬(ପ୍ରଶାନ୍ତ ବିଶ୍ୱାଳ)


ହାତୀର ଗଳିତ ମୃତଦେହ।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ଅଭୟାରଣ୍ୟରେ ଏକ ମାଈ ହାତୀର ଗଳିତ ମୃତଦେହ ଜବତ ହୋଇଛି। ୪/୫ଦିନ ହେବ ମାଈହାତୀର ମୃତଦେହ ଅଭୟାରଣ୍ୟ ପାଦଦେଶ ପୁଟିବନ୍ଧ ଉପରଭାଗରେ ପଡ଼ିଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସ୍ଥାନୀୟ ଲୋକେ ମଙ୍ଗଳବାର ଛେଳି ଚରାଇବାକୁ ଯାଇ ଦୁର୍ଗନ୍ଧ ହେବାରୁ ଖୋଜାଖୋଜି କରିବା ପରେ ହାତୀର ମୃତଦେହ ପଡିଥିବା ବୋଲି ଜାଣିବାକୁ ପାଇଥିଲେ। ଘଟଣା ପ୍ରଚାରିତ ହେବା ପରେ ବନବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ କୁଲଡ଼ିହା ରେଞ୍ଜର ସୁବ୍ରତ ବେହେରା, ବାଲେଶ୍ୱର ଭାରପ୍ରାପ୍ତ ଡିଏଫ୍‌ଓଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ପରେ ସମସ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ତେବେ କୁଲଡ଼ିହା ଅଭୟାରଣ୍ୟରେ ବନ ବିଭାଗ ପକ୍ଷରୁ ଅହରହ ପାଟ୍ରୋଲିଂ ଚାଲିଥିବା ବେଳେ ହାତୀ ମୃତ୍ୟୁ ସମ୍ପର୍କରେ କିପରି ଜାଣି ପାରିଲା ନାହିଁ ବୋଲି ତାହା ଚର୍ଚ୍ଚା ହେଉଛି। ଡିଏଫ୍‌ଓଙ୍କ ସମେତ, ଏସିଏଫ୍‌ଓ, ନୀଳଗିରି ଅତିରିକ୍ତ ତହସିଲଦାର, ରେଞ୍ଜର, ପ୍ରାଣୀ ଚିକିତ୍ସକଙ୍କ ସମେତ ବରହମପୁର ପୋଲିସ ଉପସ୍ଥିତ ଥିଲେ।

## 'ରେମୁଣାର ତୀର୍ଥସ୍ଥଳୀଗୁଡ଼ିକୁ ନେଇ ପର୍ଯ୍ୟଟନ କରିଡର ହେଉ'

ରେମୁଣା, ୧୭।୬(ରବୀନ୍ଦ୍ର ମହାକୁଡ଼)

ରେମୁଣାରେ ଥିବା ବିଭିନ୍ନ ଐତିହାସିକ, ପୌରାଣିକ ଓ ଆଧ୍ୟାତ୍ମିକ ପୀଠସ୍ଥଳୀର ବିକାଶ ସହିତ ଏକ କରିଡ଼ର ବ୍ୟବସ୍ଥା କରିବାକୁ 'ପର୍ଯ୍ୟଟନ ବିକାଶ ମଞ୍ଚ' ରେମୁଣା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଆଲୋଚନା କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ସଭାପତି ଖବରଦାତା ଲକ୍ଷ୍ମୀଧର ଗା'ଣ ଓ ସମ୍ପାଦକ ଅଦ୍ୱୈତ କୁମାର ଦାସଙ୍କ ନେତୃତ୍ୱରେ ଶିଳ୍ପୀ କେଶୁ ଦାସ, ହରେକୃଷ୍ଣ ଗିରି, ପ୍ରଦୀପ ଜେନା, ବିନୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଦେବେନ୍ଦ୍ର ମଣ୍ଡଳ, ଉମେଶ ଚନ୍ଦ୍ର ମଣ୍ଡଳ, ଅଚ୍ୟୁତ ଦାସ, ସାମ୍ବାଦିକ ସୁରେଶ ଦାସ ପ୍ରମୁଖ ସାମିଲ ଥିଲେ। ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ହୋଇଥିବା ଆଲୋଚନା ବେଶ ସକାରାତ୍ମକ ଥିଲା। ଏନେଇ ପ୍ରକଳ୍ପ ଖସଡ଼ା (ଡିପିଆର) ପ୍ରସ୍ତୁତ ପାଇଁ ଜିଲାପାଳଙ୍କୁ କୁହାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

## ସିମୁଳିଆରେ ଝାଡ଼ାବାନ୍ତି, ୫ ଆକ୍ରାନ୍ତ

ସିମୁଳିଆ, ୧୭।୬(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ୍ ୫ଜଣ ରୋଗୀ ଚିକିତ୍ସାଧୀନ ଥିବା ବେଳେ ଜଣେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାଯାଇଛି। ଅନ୍ୟ ୪ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ସମ୍ବିତ ଦାଶ ସୂଚନା ଦେଇଛନ୍ତି। ଖାଦ୍ୟ, ପାନୀୟ ପ୍ରତି ସଚେତନ ରହିବା ଅତ୍ୟନ୍ତ ଜରୁରୀ ବୋଲି ଡା. ଦାଶ ସୂଚନା ଦେଇଛନ୍ତି।

## ପଞ୍ଚସଖା ଯାତ୍ରା ଏକାଡେମୀର ଯାତ୍ରା ପ୍ରତିଭା ସମ୍ମାନ ସମାରୋହ

ବାହାନଗା, ୧୭।୬(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡଶାଳଠାରେ ଥିବା ପଞ୍ଚସଖା ଯାତ୍ରା ଏକାଡେମୀର ୨୪ତମ ଯାତ୍ରା ପ୍ରତିଭା ସମ୍ମାନ ସମାରୋହ ସୋମବାର ଗୋପାଳପୁରଠାରେ ଥିବା ସତ୍ୟଭାମା କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି। ଓଡ଼ିଆ ଯାତ୍ରା ଜଗତର ପ୍ରତିଭାଧାରୀ କଳାକାରଙ୍କୁ ସମ୍ମାନିତ କରୁଥିବା ଏକମାତ୍ର ଅନୁଷ୍ଠାନ ଭାବେ ପରିଚିତ ପାଞ୍ଚସଖା ଯାତ୍ରା ଏକାଡେମୀ ପରିଚିତ। ଗୋପାଳପୁରଠାରେ ଥିବା ସତ୍ୟଭାମା କଲ୍ୟାଣ ମଣ୍ଡପଠାରେ ସକାଳ ୧୦ଟାରେ ଅନୁଷ୍ଠାନ ସଭାପତି ବିଶ୍ୱନାଥ ମିଶ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ୨୦୧୯ରୁ ୨୦୨୫ ଯାଏ ଓଡିଶା ଯାତ୍ରା ଗୌରବ ସମ୍ମାନ ପାଇଁ ଯଥାକ୍ରମେ ମଣିଭଦ୍ର ବିଶ୍ୱାଳ, ସୁଧାକର ନାୟକ, କରୁଣାକର ମଲ୍ଲିକ, ଉଦୟନାଥ ସାହୁ, ଗଜେନ୍ଦ୍ର ପତି, ରାମନାରାୟଣ ତ୍ରିପାଠୀ, ହରିହର ଦାସଙ୍କୁ ସମ୍ମାନିତ କରାଯାଇଛି। ।ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସମ୍ମାନ ରେ ଗଜେନ୍ଦ୍ର ଚନ୍ଦ୍ର ବିଶ୍ୱାଳ, ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର ସମ୍ମାନ, ରାଧାକୃଷ୍ଣ ଗିରି, ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟ ସମ୍ମାନ ଯୋଗେନ୍ଦ୍ର ପରିଡା, ପଲ୍ଲିକବି କୃଷ୍ଣ ଚନ୍ଦ୍ର ବେହେରା ସମ୍ମାନ କାର୍ତ୍ତିକ ଚନ୍ଦ୍ର ସାଥୁଆଙ୍କୁ ସମ୍ମାନିତ କରାଯାଇଛି।

ସେହିପରି ନାଟ୍ୟକାର ଭାବରେ ସନ୍ତୋଷ ନାରାୟଣ ଦାସ, ନିର୍ଦ୍ଦେଶକ ଭାବରେ ତାପସ କୁମାର ସ୍ୱାଇଁ, ସଙ୍ଗୀତ ପାଇଁ ମାନସ ଜେନା, ଶ୍ରେଷ୍ଠ ଅଭିନେତା ଭାବରେ ବୈକୁଣ୍ଠ ବାରେକ, କେଦାର ନାଥ ନାୟକ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବାସନ୍ତୀ ବାରେକ, ପ୍ରତିମା ମଲ୍ଲିକ, ହାସ୍ୟ ଅଭିନେତା ଭାବରେ ଅରୁଣ କୁମାର ନାୟକ, ଦୟାନିଧି ଉପାଧ୍ୟାୟ, ଯାତ୍ରା ସାମ୍ବାଦିକ ପାଇଁ ରାଜାରାମ ଦାସ ଓ ଏକାଡେମୀ ସମ୍ମାନ ପାଇଁ ରଘୁନାଥ ବିଶ୍ୱାଳଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ କରାଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବରେ ଦୈତାରୀ ପଣ୍ଡା, ମୁଖ୍ୟବକ୍ତା ଭାବରେ ଶରତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଅନୁଷ୍ଠାନ ଉପସଭାପତି ଲୋକନାଥ ଲେଙ୍କା ଓ ସରପଞ୍ଚ ରମାରାଣୀ ମହାରଣା, ରାଜ୍ୟ ଅପେରା କଳାକାର ମହାସଂଘର ସଂଯୋଜକ କାଳନ୍ଦୀ ମଲ୍ଲିକ, ପାଞ୍ଚସଖ ଯାତ୍ରା ଏକାଡେମୀର ସମ୍ପାଦକ ଅନିରୁଦ୍ଧ ବାରିକ ପ୍ରମୁଖ ଉପସ୍ଥିତ ରହି ପ୍ରତିଭାଧାରୀ ବର୍ଷୀୟାନ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଉପସ୍ଥିତ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ସଂଳାପ ମନମୁଗ୍ଧ କରିଥିଲା। ସଭାକୁ ରମଣୀକାନ୍ତ ମିଶ୍ର ସଂଯୋଜନା କରିଥିବା ବେଳେ ଶଙ୍କର୍ଷଣ ଜେନା ଧନ୍ୟବାଦ ଦେଇଥିଲେ।

## ପୁଣ୍ୟତିଥିରେ ପୂର୍ବତନ ବିଧାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର,୧୭।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ୫ମ ପୁଣ୍ୟତିଥି ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ସହରର ଓଟିରୋଡସ୍ଥିତ ଶୋଭାରାମପୁର ଛକଠାରେ ସ୍ୱର୍ଗତ ଦତ୍ତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ମଙ୍ଗୁ ଭାଇ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡସାହି ବିଧାୟକ ସନାତନ ବିଜୁଳି, ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ଭାଜପା ଜିଲା ସଭାପତି ଈଶ୍ୱର ବେହେରା ଓ ଉତ୍ତର ବାଲେଶ୍ୱର ସାଙ୍ଗଠନିକ ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମଙ୍ଗୁଭାଇଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ଡା. ସତ୍ୟଜିତ ନାୟକ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ପୁରୁଣା ଷ୍ଟାଡ଼ିଅମ୍ ପରିସରରେ ଆୟୋଜିତ ସ୍ମୃତିସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମଙ୍ଗୁ ଭାଇ ବାଲେଶ୍ୱରବାସୀଙ୍କ ପାଇଁ ନିଜ ଜୀବନକୁ ସମର୍ପିତ କରିଥିଲେ ବୋଲି କହିଥିଲେ। ମଙ୍ଗୁ ଭାଇ ସ୍ମୃତି କମିଟି ଅଧ୍ୟକ୍ଷା ସାମାଜିକ କର୍ମୀ ଅଞ୍ଜଳି ପଣ୍ଡା ଧନ୍ୟବାଦ ଦେଇଥିଲେ। ମଙ୍ଗୁ ଭାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ୬୧୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଚୋରି ଅଭିଯୋଗରେ ଯୁବକ ଗିରଫ

ଗାନ୍ଧିଛକ, ୧୭।୬(ଦିଲୀପ ପଣ୍ଡା)

ବାଲେଶ୍ୱର ଜିଲା ବସ୍ତା ଥାନା ସୋନପୁର ଗ୍ରାମରେ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ସୋନପୁର ଗ୍ରାମରେ ସୋମବାର ରାତିରେ ଗୌରହରି ବେହେରାଙ୍କ ଘରେ କିଛି ଦୁର୍ବୃତ୍ତ ପଶି ଚୋରି କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଘରଲୋକ ଉଠି ପାଟି କରିବାରୁ ଗ୍ରାମର ଉମାକାନ୍ତ ବେହେରା ଓ ରାଧାକୃଷ୍ଣ ଜେନା ଦୌଡି ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଚୋରି କରିବାକୁ ଆସିଥିବା ଯୁବକମାନେ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ କାର୍(ନଂ.ଓଡ଼ି୦୧ଏ-ଜେଡ୍‌୯୩୧୭)ରେ ଆସିଥିବା ଯୁବକଙ୍କୁ ଗ୍ରାମ ଲୋକ ଅଟକ ରଖିବାକୁ ଚେଷ୍ଟା କରିଥିଲେ। ମାତ୍ର ଗ୍ରାମବାସୀଙ୍କୁ କାର୍‌ରେ ଧକ୍କା ଦେଇ ଘଟଣାସ୍ଥଳରୁ ଯୁବକମାନେ ଖସିଯିବାକୁ ସକ୍ଷମ ହୋଇଥିଲେ। ଏନେଇ ବସ୍ତା ଥାନାରେ ଗୌରହରି ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୯୦/୨୫) ରୁଜୁ କରିବା ସହ ଜଳେଶ୍ୱର ଥାନା ମହମ୍ମଦ ପାଟନା ଗ୍ରାମର ସପନ ଦାସ (୨୭)ଙ୍କୁ ଗିରଫ କରିଛି। ଚୋରିରେ ସମ୍ପୃକ୍ତ କାର୍‌କୁ ପୋଲିସ ଜବତ କରିଛି।

## ଭେଟେରାନ୍ କର୍କବଲ କ୍ରିକେଟ୍ ଟୁର୍ନାମେଣ୍ଟ

ବାହାନଗା, ୧୭।୬(ଅରୂପ କୁମାର ଦାସ)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରଜଦେଉଳି ଗ୍ରାମ ପଡିଆରେ ରଜ ପର୍ବ ଉପଲକ୍ଷେ ବ୍ଲକ ସ୍ତରୀୟ ବରିଷ୍ଠ କ୍ରିକେଟ ପ୍ରିମିୟର ଲିଗ୍‌ର ଦୁଇଦିନିଆ ଭେଟେରାନ କର୍କବଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବାହାନଗା ଓ ସୋର ବ୍ଲକର କେତେଜଣ ବରିଷ୍ଠ କ୍ରିକେଟ ଖେଳାଳି ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ 'କର୍ତ୍ତବ୍ୟ' ଓ 'ଦିଲ୍ଲୀ ଜଗନ୍ନାଥ ପ୍ରେସ' ଦ୍ୱାରା ଆୟୋଜନ କରାଯାଇଥିଲା। ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ଏ, ବି, ସି, ଡି ନାମରେ ୪ଟି ଦଳରେ ବିଭକ୍ତ କରାଯାଇଥିଲା। ନକ୍‌ଆଉଟ ଫର୍ମାଟରେ ଖେଳାଯାଇଥିବା ଦୁଇଟି ସେମିଫାଇନାଲରେ ଏ ଓ ବି ଦଳକୁ ହରାଇ ଡି ଓ ସି ଦଳ ଫାଇନାଲ ଖେଳିଥିଲେ। ଫାଇନାଲ ମ୍ୟାଚରେ ସି ଦଳ ଡି ଦଳକୁ ତିନି ଉଇକେଟରେ ହରାଇ ବିଜୟଲାଭ କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋପାଳପୁର ପଞ୍ଚାୟତ ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି ଓ ସମ୍ମାନିତ ଅତିଥି ଭାବେ ରାକେଶ କୁମାର ପଣ୍ଡା ଯୋଗଦେଇଥିଲେ। ଏହିଅବସରରେ ପୂଜ୍ୟପୂଜାର ନିଆରା ପରମ୍ପରା ଦେଖିବାକୁ ମିଳିଥିଲା। ଏଥିରେ ଡକ୍ଟର ନିହାର ରଞ୍ଜନ ଅଗସ୍ତି ସମସ୍ତ ଖେଳାଳିଙ୍କୁ ସାଧୁବାଦ ଜଣାଇଥିଲେ। ୨୦ଜଣ ବରିଷ୍ଠ ଖେଳାଳିଙ୍କୁ ପଦକ, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ଅଭିମନ୍ୟୁ ବେହେରା, ଗଣେଶ ନାୟକ, ନିମାଇଁ କୁମାର ପରିଡ଼ା, ପ୍ରଶାନ୍ତ କୁମାର ତ୍ରିପାଠୀ ଓ ବିଶ୍ୱରଞ୍ଜନ ପୁହାଣ ସହଯୋଗ କରିଥିବା ବେଳେ ସ୍କୋରର ଅନାଦି ବେହେରା ଓ ଭାଷ୍ୟକର ଉମେଶ ଯୋଗ ଦେଇଥିଲେ। ଡକ୍ଟର ନିହାର ରଞ୍ଜନ ଅଗସ୍ତି ଧନ୍ୟବାଦ ଦେଇଥିଲେ।

# 'ରାଜ୍ୟ ଏକ ନିରନ୍ତର ବିକାଶ ଧାରାରେ ଆଗେଇଛି'

## ମୟୂରଭଞ୍ଜରେ ବିକାଶ ମେଳାର ଦ୍ୱିତୀୟ ଦିବସ




ବିକାଶ ମେଳାର ଦ୍ୱିତୀୟ ଦିବସରେ ଉପସ୍ଥିତ ଅତିଥିମାନେ।

ବାରିପଦା,୧୭।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟବାସୀଙ୍କ ସେବାରେ ସମର୍ପିତ ଭାଜପା ସରକାର। ଏକ ବର୍ଷ ମଧ୍ୟରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟର ସଫଳତା ଉପଲବ୍ଧି ମିଳିଛି। ଓଡ଼ିଶା ଏକ ନିରନ୍ତର ବିକାଶ ଧାରାରେ ଅଗ୍ରଗତି କରୁଛି ବୋଲି ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ କଲେଜ ପଡ଼ିଆରେ ମଙ୍ଗଳବାର ଆୟୋଜିତ ବିକାଶ ମେଳାର ଦ୍ୱିତୀୟ ଦିବସରେ ଜିଲା ପ୍ରଭାରୀ ତଥା ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚୀତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି। ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ଯେତେ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ନ ପହଞ୍ଚିଛି ସେପର୍ଯ୍ୟନ୍ତ ବିକାଶ ଅପୂର୍ଣ୍ଣ ରହିବ। ରାଜ୍ୟରେ ଗରିବ, ଅନ୍ନଦାତା, ମହିଳା ଓ ଯୁବ ଶକ୍ତି ଏହି ୪ଟି ବର୍ଗର ବିକାଶ ନ ହେଲେ ବିକଶିତ ଓଡ଼ିଶା ସମ୍ଭବ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ର ସବକା ସାଥ ସବକା ବିକାଶ, ସବକା ବିଶ୍ୱାସ ସବକା ପ୍ରୟାସକୁ ପାଥେୟ କରି ବିକାଶର ଧାରାକୁ ତ୍ୱରାନ୍ୱିତ କରି ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ପରିକଳ୍ପନା ସାକାର ସମ୍ଭବ ହୋଇପାରିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ସୁଭଦ୍ରା, ନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ବିକାଶ ପରିବର୍ତ୍ତନ ଆସିଛି ବୋଲି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଡ଼େଇ, ସାରସକଣା ବିଧାୟକ ଭାଦବ ହାଁସଦା, ଏସ୍‌ପି ବରୁଣ ଗୁଣ୍ଟୁପାଲି ଓ ଜିଲା ପରିଷଦ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ହେମକାନ୍ତ ସୟ ସଭାରେ ସଭାପତିତ୍ୱ କରିଥିବା ବେଳେ ବାରିପଦା ବିଧାୟକ ପ୍ରକାଶ ସୋରେନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ମତ୍ସ୍ୟ, ଜିଲା ସାମାଜିକ ସୁରକ୍ଷା, ଜିଲା ଯୋଗାଣ, ପିଡି ୱାଟର ଶେଡ ଓ ଜିଲା ସମାଜ ମଙ୍ଗଳ ଅଧିକାରୀମାନେ ନିଜସ୍ୱ ବିଭାଗର ବିଭିନ୍ନ ଯୋଜନା ଓ ବାର୍ଷିକ ଉପଲବ୍ଧି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ମତ୍ସ୍ୟ ଚାଷ ପାଇଁ ରାଣୀ ମୁର୍ମୁଙ୍କୁ ୭ଲକ୍ଷ ଟଙ୍କା ସବସିଡ଼ି, ପ୍ରତିମା ପୁଷ୍ଟିଙ୍କୁ ୭୦ହଜାର, ସାମାଜିକ ସୁରକ୍ଷା ଅଧୀନରେ ନଳିନୀ ଚନ୍ଦ୍ର ଧାର ଓ ପଦ୍ମିନୀ ଧଳଙ୍କୁ ୨ଲକ୍ଷ ୫୦ହଜାର ବିବାହ ପ୍ରୋତ୍ସାହନ ରାଶି, ଅଭିଜିତ ମିଶ୍ରଙ୍କୁ ୫୦ହଜାର ଟଙ୍କାର ଛାତ୍ର ବୃତ୍ତି, ମିଶନ ଶକ୍ତି ତରଫରୁ ଖାଦ୍ୟ ଉଦ୍ଭବ ପ୍ରତିଯୋଗିତାରେ ଖାଦ୍ୟ ପ୍ରସ୍ତୁତ କରି ଉତ୍ତମ ପ୍ରଦର୍ଶନ କରିଥିବା ମାଆ ଧାନ କ୍ଷେତ୍ରପାଳ ଏସଏଚଜି ଗ୍ରୁପକୁ ୧୦ହଜାର, ମାଆ ଭୈରବୀ ଗ୍ରୁପକୁ ୮ହଜାର, ମାଆ ଗଜବାୟାଣୀ ଗ୍ରୁପକୁ ୬ହଜାର ଏବଂ ସ୍ୱପ୍ନ ଓଡ଼ିଶା ଏବଂ ବିକଶିତ ଭାରତ ପ୍ରତିଯୋଗିତାରେ ଗ୍ରୁପ-ଏର କୃତି ଛାତ୍ରୀ ବିଦ୍ୟୁତପ୍ରିୟା ସାହୁଙ୍କୁ ୫ହଜାର, ରୀତିକା ପ୍ରିୟଦର୍ଶନୀଙ୍କୁ ୩ହଜାର, ଗ୍ରୁପ-ବିର କୃତୀ ଛାତ୍ରୀ ଶୁଭଶ୍ରୀ ଦୀକ୍ଷିତଙ୍କୁ ୫ହଜାର ଓ ସ୍ୱୟଂସିଦ୍ଧ ପରିଡ଼ାଙ୍କୁ ୩ହଜାର ଟଙ୍କା ପୁରସ୍କାର ରାଶି ଅତିଥିମାନେ ପ୍ରଦାନ କରିଥିଲେ ।

# ଜିଲାର ବିକାଶ ନେଇ ଦାବିପତ୍ର ଦେଲା ଭଞ୍ଜସେନା

ବାରିପଦା,୧୭।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଦାବିପତ୍ର ଦେବାକୁ ଆସିଥିବା ଭଞ୍ଜସେନା କାର୍ଯ୍ୟକର୍ତ୍ତାମାନେ।.

ମୟୂରଭଞ୍ଜ ଜିଲା ଅଣରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଜିଲାବାସୀଙ୍କ ସମସ୍ୟାର ସମାଧାନ ପାଇଁ ୧୦ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସଂଗଠନର କର୍ମକର୍ତ୍ତାମାନେ ଜିଲା ପ୍ରଶାସନ ଜରିଆରେ ଏହି ଦାବିପତ୍ର ଦେଇଛନ୍ତି। ଜିଲାର ପ୍ରମୁଖ ସମସ୍ୟା ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ପାନୀୟ ଜଳ, ଶିମିଳିପାଳ ଓ ପରିବେଶର ସୁରକ୍ଷା ଏବଂ ବନଜାତ ଦ୍ରବ୍ୟର ଉପଯୁକ୍ତ ବିନିଯୋଗକୁ ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲାରେ ଡାକ୍ତର ସମସ୍ୟାକୁ ନେଇ ସ୍ୱାସ୍ଥ୍ୟବ୍ୟବସ୍ଥା ବିଗିଡ଼ି ଯାଇଛି। ଡାକ୍ତର ଓ କର୍ମଚାରୀ ଅଭାବରୁ ରୋଗୀମାନଙ୍କୁ ବେସରକାରୀ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି। ଏପରିକି ଉପଖଣ୍ଡ ଓ ବ୍ଲକ ଚିକିତ୍ସାଳୟରେ ଡାକ୍ତର ସମସ୍ୟାକୁ ନେଇ ରୋଗୀମାନେ ହଇରାଣ ହରକତ ହେଉଥିବା ବେଳେ ଅନେକଙ୍କ ଜୀବନହାନି ଘଟୁଛି। ଉପଖଣ୍ଡ ଚିକିତ୍ସାଳୟକୁ ରୂପାନ୍ତର କରି ସୁପର ସ୍ପେଶାଲିଟି ହସ୍ପିଟାଲ କରିବା ସହିତ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ କରିବାକୁ ଦାବି କରାଯାଇଛି।

ସେହିପରି ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଛାତ୍ରୀଛାତ୍ରମାନେ ଅଧାରୁ ପାଠପଢ଼ା ଛାଡ଼ି ଦାଦନ ମୁହାଁ ହେଉଛନ୍ତି। ବିଭିନ୍ନ ସ୍କୁଲ ଓ କଲେଜରେ ଶିକ୍ଷକ ଓ ଅଧ୍ୟାପକ ପଦବୀ ଫାଙ୍କା ପଡ଼ିଥିବାରୁ ଘରୋଇ କିମ୍ବା ବେସରକାରୀ ସଂସ୍ଥା ଉପରେ ନିର୍ଭର କରିବାକୁ ପଡୁଛି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ମହାବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ଭାବେ ପରିଣତ କରିବା ସହିତ ଜିଲାରେ ଏକ ସୈନିକ ସ୍କୁଲ ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ସେହିପରି ଜାତୀୟ ଉଦ୍ୟାନ ଶିମିଳିପାଳର ସୁରକ୍ଷା ଦୃଷ୍ଟିରୁ ଖାଲି ପଡ଼ିଥିବା ପଦବୀ ଗୁଡିକ ପୂରଣ କରିବା ସହିତ ଶିକାର ଓ ଶିକାରୀଙ୍କ କବଳରୁ ସୁରକ୍ଷା ଦେବାକୁ କଡ଼ା ସୁରକ୍ଷା ବ୍ୟବସ୍ଥା ପାଇଁ ଦାବି ହୋଇଛି। ସେହିପରି ୧୦ବର୍ଷ ମଧ୍ୟରେ ଭୂତଳ ଜଳସ୍ତର ୨.୬ ମିଟର ହ୍ରାସ ପାଇଥିବାରୁ ଜଳ ସଙ୍କଟ ଆଶଙ୍କା ଦେଖାଦେଉଛି। ଜିଲାରେ ପ୍ରବାହିତ ଚିରସ୍ରୋତା ନଦୀନାଳଗୁଡ଼ିକ ଶୁଖିଯିବା ସହିତ ଗଛକଟା, କଂକ୍ରିଟ କରଣ ଯୋଗୁ ଏଭଳି ସଙ୍କଟ ଦେଖାଦେଇଛି। ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ପରିବେଶକୁ ସୁରକ୍ଷା ମିଳିପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ବାରିପଦା ସହରର ୨୮ଟି ୱାର୍ଡ ମଧ୍ୟରୁ ପାଖାପାଖି ୧୪ଟି ୱାର୍ଡରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ୱାଟକୋ ବିଭାଗର ଦାୟିତ୍ୱହୀନତା ପାଇଁ ଲୋକେ ଦୂଷିତ ପାନୀୟ ଜଳ ବ୍ୟବହାର କରୁଛନ୍ତି। ଏହା ସହିତ ଜିଲାର ସହର ଓ ଗ୍ରାମାଞ୍ଚଳଗୁଡ଼ିକରେ ପାନୀୟ ଜଳ ସମସ୍ୟାର ପୂରଣ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି। ପର୍ଯ୍ୟଟନ ଶିଳ୍ପର ବିକାଶ ସହିତ ବନଜାତ ଦ୍ରବ୍ୟର ସୁପରିଚାଳନା ନିମନ୍ତେ ପଦକ୍ଷେପ ଗ୍ରହଣ କରାଗଲେ ଜିଲାରୁ ଦାଦନ ଦୁଃଖ ଅପସରି ଯିବ ବୋଲି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭଞ୍ଜସେନାର ଜିଲା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପୃଷ୍ଟି, ଜିଲା ଯୁବ ଶାଖା ସଭାପତି ଏସ୍‌କେ ରାଜାଖାନ, ସଞ୍ଜୟ ମହାନ୍ତ, ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଇସ୍ତଫା ଦେଲେ ୮ ୱାର୍ଡସଭ୍ୟ

## ହାତୀଝୁରି ପଞ୍ଚାୟତ

**ବୈଶିଙ୍ଗା,୧୭।୬(ରତନ ଦାଶ):** ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ହାତୀଝୁରୀ ପଞ୍ଚାୟତର ମୋଟ ୧୧ଟି ୱାର୍ଡ ମଧ୍ୟରୁ ୮ ୱାର୍ଡସଭ୍ୟ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇଥିବା ଏହି ୱାର୍ଡସଭ୍ୟାସଭ୍ୟମାନେ ପଞ୍ଚାୟତରେ ବିକାଶର ନାମ ଗନ୍ଧ ନ ଥାଇ ସରକାରୀ ଅନୁଦାନ ଅର୍ଥ ବାଟମାରଣା ସାଙ୍ଗକୁ ପ୍ରକଳ୍ପଗୁଡିକ ସେମାନଙ୍କ ଅଗୋଚରରେ ପଞ୍ଚାୟତର ପିଇଓ, ବ୍ଲକ ସହକାରୀ ଯନ୍ତ୍ରୀ , ଜିଆର୍‌ଏସ୍, ସରପଞ୍ଚ ଓ ଶାସକ ଦଳର କୁଜି ନେତାମାନେ ମିଳିମିଶି ଚଳୁ କରୁଥିବା ଏବଂ ୨୦୨୨ଠାରୁ ଉନ୍ନୟନ ମୂଳକ ପ୍ରକଳ୍ପ ନିମନ୍ତେ ଆସିଥିବା କୋଟିକୋଟି ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ କରିଛନ୍ତି। ଇସ୍ତଫା ଦେଇଥିବା ଏହି ୱାର୍ଡସଭ୍ୟାସଭ୍ୟମାନେ ହେଲେ ୧ ନଂ. ୱାର୍ଡ ମେମ୍ବର ବସନ୍ତ ରଣା , ୩ ନଂ. ଦେବେନ୍ଦ୍ର ଦେହୁରୀ, ୬ନଂ. ବାସୁଦେବ ମାର୍ଣ୍ଡି , ୭ନଂ. ବୁଦ୍ଧିଆ ସିଂ, ୮ ନଂ. ପୂର୍ଣଚନ୍ଦ୍ର ରଣା, ୯ନଂ. ଚୁମୁକି ପାତ୍ର , ୧୦ନଂ. ଝୁନୁ ଦେହୁରୀ ,୧୧ନଂ. ଧୂମା ହେମ୍ବ୍ରମ ସୋମବାର ବେତନଟୀ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କଠାରେ ଭିଜିଲାନ୍ସ ତଦନ୍ତ ଦାବି କରି ସମୂହ ଇସ୍ତଫାପତ୍ର ପ୍ରଦାନ କରିଥିଲେ।

ଏହି ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟାମାନେ କୌଣସି ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଜାଣିବାକୁ ପାଉ ନ ଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ନୂତନ ଗୃହ ନିର୍ମାଣ ପାଇଁ ଜିଲାପାଳଙ୍କଠାରୁ ଅନୁମୋଦନ ଲାଭ କରିଥିବା ପ୍ଲଟରେ ନିର୍ମାଣ କାର୍ଯ୍ୟ କରା ନ ଯାଇ ମନଇଚ୍ଛା ଅନ୍ୟ କିସମ ଜମିରେ କାମ ଚାଲିଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ମୋ ବଗିଚା ନାମରେ କୌଣସି କାମ କରା ନ ଯାଇ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ହିତାଧିକାରୀଙ୍କ ନାମରେ ପଇସା ଉଠାଯାଇ ହରିଲୁଟ କରାଯାଇଥବା ସହ ସକପିଟ ନିର୍ମାଣରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବା ୱାର୍ଡ ସଦସ୍ୟମାନେ ଅଭିଯୋଗ କରିଥିଲେ, ଯାହା ଭିଜିଲାନ୍ସ ତଦନ୍ତ ସାପେକ୍ଷ ଅଟେ। ବିଭିନ୍ନ ୱାର୍ଡରେ ମନଇଚ୍ଛା କମ୍ୟୁନିଟି ହଲଗୁଡ଼ିକ ଅତି ନିମ୍ନମାନର ନିର୍ମାଣ କରାଯାଇ ବହୁ ଅର୍ଥ ହେରଫେର କରାଯାଇଥିବା ଅଭିଯୋଗ ହୋଇଥିବା ବେଳେ ବିଡିଓ କିନ୍ତୁ ସମସ୍ତ କାର୍ଯ୍ୟ ନିୟମ ଅନୁସାରେ କରାଯାଇଥିବା କହିଛନ୍ତି। ସରପଞ୍ଚ ସନାତନ ସିଂଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ, କୌଣସି ଉନ୍ନୟନ ମୂଳକ ପ୍ରକଳ୍ପରେ ଆର୍ଥିକ ତୋଷରପାତ କରାଯାଇନାହିଁ,ରାଜନୈତିକ ଅଭିସନ୍ଧି ରଖାଯାଇ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି।

# ଏକାଠି ହେଲେ ସାରଥି ଅନୁଗାମୀ

ଉଦଳା,୧୭।୬(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ପଦ୍ମପୋଖରୀ ଗ୍ରାମରେ ସାରଥି ଅନୁଗାମୀଙ୍କ ସତ୍‌ସଙ୍ଗ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନଖରା ସାରଥୀ ଆଶ୍ରମରୁ ପାଦୁକା ଅଣାଯାଇ ପଦଯାତ୍ରା କରାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପ୍ରଥମେ ଧ୍ୟାନ ଓ ପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଅନୁଗାମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୋଟିଏ ପଟେ ସାରଥିଙ୍କ ଉପରେ ଏବେ କୋର୍ଟ କଟକଣା ରହିଥିବା ବେଳେ ତାଙ୍କ ଅନୁଗାମୀମାନେ ଏପରି କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ସିପିଏମ୍‌ର ଶୋଭାଯାତ୍ରା

ମୋରଡ଼ା,୧୭।୬(ସ୍ମାରକ ମାଜୀ)

ଦେଶ ବ୍ୟାପୀ ସଂହତି ଦିବସ ପାଳନ ପରିପ୍ରେକ୍ଷୀରେ ରାସଗୋବିନ୍ଦପୁରଠାରେ ସିପିଆଇ (ଏମ୍) ମୟୂରଭଞ୍ଜ ଜିଲା କମିଟି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ତହସିଲ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେରାସଗୋବିନ୍ଦପୁର ବଜାରର ମୁଖ୍ୟ ଛକଠାରେ ମାନବ ଶୃଙ୍ଖଳା କରାଯାଇଥିଲା। ପାଲେଷ୍ଟାଇନ ଉପରେ ଇସ୍ରାଏଲର ସାମରିକ ଆକ୍ରମଣ ପ୍ରତିବାଦରେ ଏହି ଶୋଭାଯାତ୍ରା କରାଯାଇଥିଲା। ତେବେ ବିଶ୍ୱବ୍ୟାପୀ ଇସ୍ରାଏଲ ସରକାରଙ୍କ ବିରୋଧରେ ପ୍ରତିବାଦର ସ୍ୱର ତୀବ୍ର ହେଉଥିବା ବେଳେ ଭାରତ ସରକାର ନିରବ ରହିଛନ୍ତି ବୋଲି ସିପିଏମ୍ ଜିଲା ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ସଦସ୍ୟ ପ୍ରଶାନ୍ତ ପରିଡା, ହରିଶ୍ଚନ୍ଦ୍ର ସିଂ, ବିକର୍ତ୍ତନ କବି, ସୁନୀଲ କୁମାର ସାସମଲ ପ୍ରମୁଖ କହିଛନ୍ତି। ମାଧବାନନ୍ଦ ସିଂ, ସୁକୁଲ ହେମ୍ବ୍ରମ, ଗୋବର୍ଦ୍ଧନ ବେହେରା, ମଙ୍ଗଳ ମାର୍ଣ୍ଡି, ନିନି ଦେହୁରୀ, ଉଦୟ ହାଁସଦା, ପ୍ରମିଳା ସିଂ ପରିଚାଳନାରେ ସହଯୋଗ କରିଥିଲେ।

## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୧୮, ତାରିଖ: ୧୬।୦୬।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ. ଏବଂ ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅମାନତ ରାଶି: **(୧) ଇ-କେଜିପି-ଏଚ୍‌କ୍ୟୁ-୨୩-୨୦୨୫;** ସହକାରୀ ମଣ୍ଡଳ ଯନ୍ତ୍ରୀ/ତାମଲୁକଙ୍କ କ୍ଷେତ୍ରାଧିକାର ଅଧୀନରେ ହାଇ ସ୍ପିଡ୍ ୮ ହ୍ୱିଲର୍ ଟାୱାର କାର୍‌ଗୁଡ଼ିକର ଷ୍ଟେବଲିଂ ପାଇଁ ହଳଦିଆ ଓଏଚ୍‌ଇ ଡିପୋଠାରେ ବିଦ୍ୟମାନ ୪ ହ୍ୱିଲର୍ ଟାୱାର ୱାଗନ ଶେଡ୍‌ଗୁଡ଼ିକର କ୍ଷମତା ବୃଦ୍ଧି କରିବା; ₹୧,୪୧,୫୬,୨୪୫.୨୮; ₹୨,୨୦,୮୦୦/- । **(୨) ଇ-କେଜିପି-ୱେଷ୍ଟ-୨୪-୨୦୨୫;** ଖଡ଼ଗପୁର-ଟାଟାନଗର : ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୧୩୦ କିମି ପ୍ରତି ଘଣ୍ଟା ଏବଂ ତଦୂର୍ଦ୍ଧ୍ୱ ବେଗ ବିଶିଷ୍ଟ ବିଭିନ୍ନ ରୁଟ୍‌ଗୁଡ଼ିକ ଉପରେ ସବ୍‌ୱେର ବ୍ୟବସ୍ଥା; ₹୪୪,୧୯,୧୫,୬୨୬.୨୫; ₹୨୩,୫୯,୬୦୦/- । **(୩) ଇ-କେଜିପି-ଇଷ୍ଟ-୪୬-୨୦୨୫;** ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର ନିର୍ବାହ : ସହକାରୀ ମଣ୍ଡଳ ଯନ୍ତ୍ରୀ/ପାଂସକୁରାଙ୍କ ଅଧୀନରେ (i) ଭୋଗପୁର ୟାର୍ଡରେ ପିଏସ୍‌ଆର୍ – ୧୧୦ କିମି ପ୍ରତି ଘଣ୍ଟାକୁ ହଟାଇବା ପାଇଁ ତ୍ରୁଟିପୂର୍ଣ୍ଣ ଲେଆଉଟ୍‌ର ଉନ୍ନତୀକରଣ, ଆପ୍ରୋଚ୍‌ରେ ଡ୍ରେନେଜ୍ ପ୍ରଣାଳୀ ଏବଂ ଖରାପ ତଟର ଉନ୍ନତୀକରଣ (ii) ସେସ୍ ମରାମତି ଏବଂ ତଟ ସୁଦୃଢ଼ୀକରଣ; ₹୧୪,୩୮,୧୭,୬୩୯.୦୨; ₹୮,୬୯,୧୦୦/- । **(୪) ଇ-କେଜିପି-ଇଷ୍ଟ-୪୭-୨୦୨୫;** ସହକାରୀ ମଣ୍ଡଳ ଯନ୍ତ୍ରୀ/ପାଂସକୁରାଙ୍କ କ୍ଷେତ୍ରାଧିକାର ଅଧୀନରେ ୧୩୦ କିମି ପ୍ରତି ଘଣ୍ଟା ଏବଂ ତଦୂର୍ଦ୍ଧ୍ୱ ବେଗ ବିଶିଷ୍ଟ ରୁଟ୍‌ଗୁଡ଼ିକରେ ସେଫ୍‌ଟି ଫେନ୍ସିଂ କାର୍ଯ୍ୟ ସଂକ୍ରାନ୍ତରେ ହାଇଟ୍ ଗେଜ୍ ଏବଂ ଡ୍ରେନ୍‌ର ବ୍ୟବସ୍ଥା ସହିତ ପୁଶିଂ କୌଶଳ ଦ୍ୱାରା ଆର୍‌ସିସି ବକ୍ସର ନିର୍ମାଣ; ₹୧୨,୨୭,୫୩,୭୦୯.୭୧; ₹୭,୬୩,୮୦୦/- । **(୫) ଇ-କେଜିପି-ଇଷ୍ଟ-୪୮-୨୦୨୫;** ସହକାରୀ ମଣ୍ଡଳ ଯନ୍ତ୍ରୀ/ଶାଲିମାରଙ୍କ କ୍ଷେତ୍ରାଧିକାର ଅଧୀନରେ ୧୩୦ କିମି ପ୍ରତି ଘଣ୍ଟା ଏବଂ ତଦୂର୍ଦ୍ଧ୍ୱ ବେଗ ବିଶିଷ୍ଟ ରୁଟ୍‌ଗୁଡ଼ିକରେ ସେଫ୍‌ଟି ଫେନ୍ସିଂ କାର୍ଯ୍ୟ ସଂକ୍ରାନ୍ତରେ ହାଇଟ୍ ଗେଜ୍ ଏବଂ ଡ୍ରେନ୍‌ର ବ୍ୟବସ୍ଥା ସହିତ ପୁଶିଂ କୌଶଳ ଦ୍ୱାରା ଆର୍‌ସିସି ବକ୍ସର ନିର୍ମାଣ; ₹୧୨,୨୭,୫୩,୭୦୯.୭୧; ₹୭,୬୩,୮୦୦/- । **(୬) ଇ-କେଜିପି-ଇଷ୍ଟ-୪୯-୨୦୨୫;** ମଣ୍ଡଳ ଯନ୍ତ୍ରୀ/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ହାଓଡା-ଖଡ଼ଗପୁର ସେକ୍ସନ ମଧ୍ୟରେ ସେତୁ ନଂ. ୮୪ ଏମ୍‌ଆଇଡି, ୮୭ ୟୁପି ନିମନ୍ତେ ନଦୀ ଜଳ ସ୍ତର ମନିଟରିଂର ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ; ₹୧୨,୯୩,୧୧୫.୧୪; ₹୨୫,୯୦୦/- । **(୭) ଇ-କେଜିପି-ସାଉଥ୍-୨୯-୨୦୨୫;** ଖଡ଼ଗପୁର ମଣ୍ଡଳ ପାଇଁ ରୋଡ୍ ଅଣ୍ଡରବ୍ରିଜ୍ ଦ୍ୱାରା ଲେଭଲ କ୍ରସିଂକୁ ଉଚ୍ଛେଦ କରିବା ପାଇଁ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ତଥା ବୈଷୟିକ ସାଧ୍ୟତା ରିପୋର୍ଟ (ଟିଏଫ୍‌ଆର୍) ଏବଂ ସାଧାରଣ ବିନ୍ୟାସ ଡ୍ରଇଂ (ଜିଏଡି) ପ୍ରସ୍ତୁତ କରିବା; ₹୯୩,୫୪,୩୧୪.୧୮; ₹୧,୮୭,୧୦୦/- । **(୮) ଇ-କେଜିପି-ସାଉଥ୍-୩୦-୨୦୨୫;** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଖଡ଼ଗପୁରଙ୍କ ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ୬୦.୨୫୦ ଟିଆର୍. କିମିର ଶାଲୋ ସ୍କ୍ରିନିଂ ଏବଂ ସେସ୍ କଟିଂ; ₹୨,୪୧,୮୫,୦୪୭.୪୫; ₹୨,୭୦,୯୦୦/- । **(୯) ଇ-କେଜିପି-ସାଉଥ୍-୩୧-୨୦୨୫;** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ଖଡ଼ଗପୁରଙ୍କ ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ସେତୁ ନଂ.୨୧୫ ୟୁପି ଏବଂ ଡିଏନ୍ ଏବଂ ସେତୁ ନଂ. ୨୬୩ ୟୁପି ଓ ଡିଏନ୍‌ର ନଦୀ ଶଯ୍ୟା ମାନଚିତ୍ରଣ; ₹୧୨,୨୦,୪୮୨.୪୦; ₹୨୪,୪୦୦/- । **(୧୦) ଇ-କେଜିପି-ୱେଷ୍ଟ-୨୫-୨୦୨୫;** ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମ୍ନଲିଖିତ କାର୍ଯ୍ୟର ନିର୍ବାହ (i) ବାଲିଛକ-ଖଡ଼ଗପୁର: ଟିଆର୍‌ଆର(ପି)- ୫.୫୫୫ ଟିକେଏମ୍, ଖଡ଼ଗପୁର-ଟାଟାନଗର: ଟିଆର୍‌ଆର(ପି)- ୧.୬୬୪ ଟିକେଏମ୍, (ii) ବାଲିଛକ-ଖଡ଼ଗପୁର: ଟିଆର୍‌ଆର(ଏସ୍)- ୮.୫୨୭ ଟିକେଏମ୍, (iii) ବାଲିଛକ-ନିମପୁରା: ଟିଏଫ୍‌ଆର୍- ୭.୧ ଟିକେଏମ୍ ଏବଂ (iv) ବାଲିଛକ-ଟାଟାନଗର: ଟିବିଆର୍- ୮.୫୮୭ ଟିକେଏମ୍; ₹୨,୦୯,୩୪,୪୫୯.୨୪; ₹୨,୫୪,୭୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୦୩।୦୭।୨୦୨୫ରିଖ, କ୍ର.ସଂ. ୨ ପାଇଁ ତା୦୯।୦୭।୨୦୨୫ରିଖ, କ୍ର.ସଂ. ୩ରୁ ୯ ପାଇଁ ତା୧୦।୦୭।୨୦୨୫ରିଖ ଏବଂ କ୍ର.ସଂ. ୧୦ ପାଇଁ ତା୧୬।୦୭।୨୦୨୫ରିଖ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧, ୬, ୮, ୯ ଏବଂ ୧୦ ପାଇଁ ୧୨ ମାସ; କ୍ର.ସଂ. ୨ ପାଇଁ ୨୪ ମାସ; କ୍ର.ସଂ. ୩, ୪ ଓ ୫ ପାଇଁ ୧୮ ମାସ ଏବଂ କ୍ର.ସଂ. ୭ ପାଇଁ ୦୯ ମାସ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ ପାଇଁ ତା୧୯।୦୬।୨୦୨୫ରିଖରୁ ତା୦୩।୦୭।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; କ୍ର.ସଂ. ୨ ପାଇଁ ତା୨୫।୦୬।୨୦୨୫ରିଖରୁ ୦୯।୦୭।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; କ୍ର.ସଂ. ୩ରୁ ୯ ପାଇଁ ତା୨୬।୦୬।୨୦୨୫ରିଖରୁ ତା୧୦।୦୭।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଏବଂ କ୍ର.ସଂ. ୧୦ ପାଇଁ ତା୦୨।୦୭।୨୦୨୫ରିଖରୁ ତା୧୬।୦୭।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର. ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି ।

(PR-282)

# ଏବିଭିପିର ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

ରାଇରଙ୍ଗପୁର, ୧୭।୬(ମାନସ ମହାନ୍ତି): ରାଇରଙ୍ଗପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ କଲେଜ ପରିସରରେ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଧ୍ୟାପକ ଆଦିତ୍ୟ ଆଚାର୍ଯ୍ୟ, ସଂଗ୍ରାମ ସତପଥୀ ଏବଂ ଏବିଭିପିର ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ରାଇରଙ୍ଗପୁର ଅଞ୍ଚଳର ୧୧୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ରାଇରଙ୍ଗପୁର ଏବିଭିପି ସଂଗଠନର ସଂଯୋଜକ ଓମ୍ ମହାନ୍ତି ଏବଂ କାର୍ଯ୍ୟକର୍ତ୍ତା ଇପ୍‌ସିତ କୁମାର ମହାନ୍ତଙ୍କ ସମେତ ଛାତ୍ର ସଂଗଠନର ଲିଙ୍ଗରାଜ ସେଠୀ, ହରେକୃଷ୍ଣ ମହାନ୍ତ, ଅନୁରାଗ ନାଏକ,ଲକ୍ଷ୍ମୀ ଗୁପ୍ତାଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## GOVERNMENT OF JHARKHAND
## Office of the Executive Engineer, Irrigation Division Godda,Camp-Mahagama

**e-Procurement Tender Notice**
**Tender Reference No-WRD/ MAHAGAMA/01SBD/2025-26 Dt-17.06.2025(4th Call)**

| | | |
|---|---|---|
| 1. | Name of Work | Construction of 7 nos Bridge at RD 47.645,84.80/84.35,87.55/88.95,102.20/ 103.785,105.960/107.050,108.20/109.00 & 110.300/111.00 Under Bateshwar Asthan Ganga Pump canal Scheme |
| 2. | Estimated Cost(Rs.) | 2,56,17,300.30(Rupees Two Crore Fifty six lakh Seventeen Thousand Three Hundred and Thirty Paisa)Only |
| 3. | Time of Completion | 360 Days |
| 4. | Last Date & Time for Receipt of Bids Online | 01.07.2025 TO 21.07.2025 Up to 5:00P.M. |
| 5. | Date of Publication of Tender on website online | 01.07.2025 Up to 11:00 A.M. |
| 6. | Date of Tender Opening online | 23.07.2025,3:00 P.M |
| 7. | Earnest money and cost of tender paper | http://jharkhanders.gov.in.Cost of bidding document(For a non-refundable fee) & Bid security as indicated shall be payable online through http://jharkhanders.gov.in. adherence to the order issued vide memo no-120,date-03.10.2023 of Information Technology &e-Government Department,Govt of Jharkhand |
| 8. | Name & address of Office Inviting tender | Executive Engineer, Irrigation Division Godda,Camp-Mahagama,PinCode-814154 |
| 9. | Contact no of Procurement officer | 9801343072 |
| 10. | Helpline Number of e-Procurement cell | 06432-232477 |

Note:-Only e-Tender Will be accepted Estimated Cost may vary Futher details can be seen on website http://jharkhanders.gov.in.

*Executive Engineer,*
*Irrigation Division Godda,Camp-Mahagama,*

PR 355236 (Irrigation)25-26*D

## OFFICE OF THE EXECUTIVE ENGINEER. MINOR IRRIGATION DIVISION, GARHWA

**e-Procurement Tender Notice Two Envelope System**
**Tender Reference No:- WRD/MID/ GARHWA/B.D./S.L.I.-01/2025-26**

**Letter No:- 395** **Date:-16.06.2025**

| | | |
|---|---|---|
| 1 | Name of Work: | Construction of AdhouraSolar Lift Irrigation Scheme, Village- Adhoura, Panchyat-Kushdand, Block-Nagar Untari, District-Garhwa |
| 2 | Estimated Cost (Rs.) | 1,09,25,120.12 |
| 3 | Cost of tender document (Rs) | **Rs. 10,000.00** only(non-refundable). |
| 4 | Earnest Money Deposit (Rs.) | **Rs. 1,09,300.00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publicationof Tender on website (http://jharkhandtenders.gov.in) | Date: 02 .07.202 5, Time - 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date: - 09.07.202 5, Time :- 04.00 PM |
| 9 | Submission of Tender Fee and EMD | Start Date:- 02 .07.202 5, Time - 4.00 PM Last Date:- 09.07.202 5, Time :- 4.00 PM |
| 10 | Technical Bid Opening Date | Date: - 11.07.202 5, Time: -04.00 PM |
| 11 | Officer Inviting Bids | Executive Engineer Minor Irrigation Division Garhwa |
| 12 | (a) Contact No. of e-Procurement Officer ( (b) E-mail of e-Procurement Officer | 8789558294 eemidgarh- cemr-jhr@ nic.in |
| 13 | Help line No. of e-Procurement Cell | 0651-2214784 |

Note:- Estimated Cost may Decrease or Increase
➢Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢**Only e-Tender will be accepted.**
Further details can be seen on website http://jharkhandtenders.gov.in

PR 355303 (Minor Irrigation)25-26*D

**Executive Engineer,**
**Minor Irrigation Division,Garhwa**

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-248

**କାର୍ଯ୍ୟର ନାମ :** ସମ୍ବଲପୁର କୋଚିଙ୍ଗ୍ ଡିପୋର EOG ଟାଇପ୍ LHB AC କୋଚ୍, ପାୱାର କାର ଏବଂ ପ୍ୟାଣ୍ଟ୍ରି କାରଗୁଡ଼ିକର ସ୍ୱିଚ୍ ବୋର୍ଡ଼ କ୍ୟାବିନେଟ୍ (SBC) ପ୍ୟାନେଲର HT କମ୍ପାର୍ଟମେଣ୍ଟରେ କୃନ୍ତକ (Rodent) ପ୍ରବେଶକୁ ରୋକିବା ନିମନ୍ତେ ମଲ୍ଟି ଡାୟାମିଟର ହାଲୋଜେନ୍ ମୁକ୍ତ EPDM ମଡ୍ୟୁଲସ୍ ଦ୍ୱାରା ଫୁଲପ୍ରୁଫ୍ (Foolproof) ସୁରକ୍ଷା ପ୍ରଣାଳୀ ଏବଂ କେବୁଲ ଟ୍ରାଞ୍ଜିଟ୍ ଏଣ୍ଟ୍ରି ସିଲିଙ୍ଗ୍‌ର ଯୋଗାଣ ଏବଂ ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 14,12,927.10, EMD /ବିଡ୍ ସୁରକ୍ଷା ଜମା (ଟଙ୍କାରେ) : 28,300/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.07.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର

PR-244/Q/25-26

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

RECRUITMENT ALERT !
Join a leading MNC as a Business Leader or Part-Time Professional in All Odisha (Bankers | Retired/ VRS Employees, Housewives, Real Estate & Insurance Professionals | Business Owners, Teachers, Sales Staff and other Corp Employee are also Welcome.
Flexible Work | High Earnings | Career Growth
Mob: 8763019090

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ଅଞ୍ଚଳରେ କାମ କରିବାକୁ CANDIDATE ଆବଶ୍ୟକ। QUALIFICATION 9TH, 10TH, +2, +3, ITI. SALARY UPTO - 25,000/-, AGE (18-42 YEARS).
CONTACT : 7205384715

See Career Appointment on every Wednesday & Saturday

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in.
M: 9840335849

## UTKAL UNIVERSITY OF CULTURE

Sanskruti Vihar, Madanpur, Bhubaneswar - 752054
Visit us at: uuc.ac.in
No. 258/UUC Dt.11.06.25

## ADMISSION NOTIFICATION - 2025-26

No. CAD-761: Utkal University of Culture invites application on ONLINE MODE ONLY for admission into the following innovative, inter-disciplinary and career oriented courses:

| Courses | Duration | No. of Seats |
|---|---|---|
| **School of Culture Studies (M.A. Programme)** | | |
| Culture Studies | 2 Years | 32 |
| **School of Architecture and Archaeology (M.A. Programme)** | | |
| Culture Heritage & Conservation | 2 Years | 16 |
| Museology | 2 Years | 16 |
| **School of Language and Literature (M.A. Prgraomme)** | | |
| Linguistics | 2 Years | 32 |
| Odia Language and Literature | 2 Years | 32 |
| **School of Visual Art (MVA Prgoramme)** | | |
| Painting | 2 Years | 24 |
| Print Making | 2 Years | 16 |
| Applied Art & Design | 2 Years | 24 |
| Sculpture | 2 Years | 16 |
| Art History | 2 Years | 16 |
| **School of Performing Art (MPA Programme)** | | |
| Odissi Vocal | 2 Years | 24 |
| Hindustani Vocal | 2 Years | 24 |
| Odissi Dance | 2 Years | 24 |
| Chhow Dance | 2 Years | 16 |
| Tabla | 2 Years | 16 |
| Mardal | 2 Years | 16 |
| Violin | 2 Years | 16 |
| Flute | 2 Years | 16 |
| Sitar | 2 Years | 16 |
| Drama (Acting, Design and Direction) | 2 Years | 16 |

**Eligibility:** Any person who has passed the qualifying degree with atleast 45% of marks in aggregate (40% for SC/ST Students) of Utkal University of Culture or any other examination conducted by other Universities/Institutions which is recognized as equivalent thereto by Utkal University of Culture fulfilling other eligibility criteria shall be eligible for admission to all the above mentioned courses. The qualifying degree and other details can be seen from the prospectus available for download from **uuc.ac.in-Prospctus 2025-26**.

**Candidates who are appearing/appeared the final examination of qualifying degree and awaits their results are also eligible to apply with the downloaded results, subject to production of final degree mark sheet before the selection process.**

**Application Procedure:** Candidates are required to login to **uuc.ac.in (Admission - 2025)** to registered themselves for ONLINE application on payment of **Rs.300/-** towards application fee payable on online mode.

**Commencement of Online Application form for admission into P.G. and** **01.07.2025 to 20.07.2025**
**Last date for submission of hard copy of application along with required documents** **25.07.2025**
**Other details are available in the E-Prospectus**

By order of Vice-Chancellor
**Sd./- Head P.G. Teaching Deptt.**

OIPR-03005/11/0015/2526

# ସୁବର୍ଣ୍ଣରେଖାରୁ ମିଳିଲା ଯୁବକଙ୍କ ମୃତଦେହ

**ସ୍ତ୍ରୀ, ପୁଅକୁ ହାଣି ଫେରାର ଥିଲେ**

ଭୋଗରାଇ, ୧୭।୬ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଆରୁହାବୁଡି-୨ ଗ୍ରାମରେ ସ୍ତ୍ରୀ ଓ ପୁଅକୁ ହାଣି ଫେରାର ଥିବା ଯୁବକଙ୍କ ମୃତଦେହ ମଙ୍ଗଳବାର ସକାଳେ ସୁବର୍ଣ୍ଣରେଖା ନଦୀରୁ ଜବତ କରାଯାଇଛି। ମୁହଁ ତଳକୁ କରି ଭାସୁଥିବା ମୃତଦେହକୁ ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଯୁବକଙ୍କ ଗଳାରେ ଏକ ରଶିରେ ବାଲି ବସ୍ତା ବନ୍ଧା ହୋଇ ଭାସମାନ ଅବସ୍ଥାରେ ଜବତ କରିଥିଲେ। ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ଉପସ୍ଥିତିରେ ମୃତଦେହ ପ୍ରଶାନ୍ତ ଜେନାଙ୍କର ବୋଲି ଚିହ୍ନଟ କରି ବ୍ୟବଚ୍ଛେଦ ନିମନ୍ତେ ଜଳେଶ୍ୱରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଆତ୍ମୀୟସ୍ୱଜନଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାନୁଯାୟୀ, ଘରୋଇ କଳହରୁ ପ୍ରଶାନ୍ତ ଜେନା ରବିବାର ମଧ୍ୟରାତ୍ରିରେ ମାନସିକ ଭାରସାମ୍ୟ ହରାଇ ସ୍ତ୍ରୀ ଦେବୀରାଣୀ, ୫ ବର୍ଷର ବଡ଼ପୁଅ କାର୍ତ୍ତିକଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ପକାଇବା ସହ ୨ବର୍ଷର ସାନପୁଅ ଗଣେଶଙ୍କୁ ଏକ ଖୁଣ୍ଟରୁ ଠେଲିଦେଇ ଘରୁ ଫେରାର ହୋଇଯାଇଥିଲେ। ମଙ୍ଗଳବାର ସକାଳେ ପ୍ରଶାନ୍ତଙ୍କ ମୃତଦେହ ଠାବ କରାଯିବା ପରେ ବାଲେଶ୍ୱର ୪ଜଣିଆ ସାଇଣ୍ଟିଫିକ୍ ଟିମ୍ ସହ ଜଳେଶ୍ୱର ଭାରପ୍ରାପ୍ତ ଏସ୍‌ଡିପିଓ ମାନସ ଦେଓ ଘଟଣାସ୍ଥଳକୁ ଆସି ଛାନ୍‌ବିନ କରି ଫେରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କଟକ ବଡ଼ ଡାକ୍ତରଖାନାରେ ମହିଳା ଓ ବଡ଼ପୁଅ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ସାନପୁଅ ଅବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି।

# ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦୁଝର,୧୭।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

- **ଝୁଲନ୍ତା ଅବସ୍ଥାରେ ରକ୍ତାକ୍ତ ମୃତଦେହ ଜବତ**
- **ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅଧୀନ ହରିଚନ୍ଦନପୁର ବ୍ଲକ ତେନ୍ତୁଳିପସି ଗ୍ରାମରେ ଜଣେ କଲେଜ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ହତ୍ୟାକାରୀଙ୍କୁ ଗିରଫକରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୭ଟା ସମୟରେ ୧୮ ବର୍ଷ ଉଣ୍ଡ ଛାତ୍ରୀଙ୍କ ମୃତଦେହ ଘର ପାଖ ଏକ ଗଛରେ ରକ୍ତାକ୍ତ ଅବସ୍ଥାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାସ୍ଥଳରୁ କେତେକ ପୋଷାକ ମିଳିଥିବାରୁ ସେସବୁ ଦୁର୍ବୃତ୍ତଙ୍କ ହୋଇଥିବା ଗ୍ରାମବାସୀ କହିଛନ୍ତି। ଦୁର୍ବୃତ୍ତମାନେ ପ୍ରମାଣ ନଷ୍ଟ କରିବାକୁ ମୃତଦେହ ଗଛରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିବା ଲୋକେ ଅଭିଯୋଗ କରିଛନ୍ତି। ମୃତା ଛାତ୍ରୀଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଥିଲା। ତେଣୁ ପ୍ରେମ ବ୍ୟାପାରକୁ ନେଇ ଏଭଳି ଘଟଣା ଘଟିଥିବା ଅନୁମାନକରି ପୋଲିସ ତଦନ୍ତ ଚଳାଉଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା(ନଂ. ୧୧୪/୨୫) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ କହିଛନ୍ତି।

# ୩ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ ଗିରଫ



**ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା**

**୪ ନାବାଳକଙ୍କୁ ଜେଜେବିରେ ହାଜର କଲା ପୋଲିସ**

ଗୋପାଳପୁର,୧୭।୬ (ନବୀନରାଜ୍ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ୩ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ ଜଣଙ୍କୁ ପୋଲିସ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହିନ୍ଦୁଡ଼ା ଗ୍ରାମର ପ୍ରମୋଦ କୁମାର ନାୟକ(୨୩), ହିଞ୍ଜିଳି ଥାନା ଗୁରୁପଡ଼ା ଗ୍ରାମର ବାବୁରାମ ଦଳେଇ(୨୩), ପାଟପୁର ଗ୍ରାମର କୁନାଲ ପ୍ରଧାନ(୨୪) ଏବଂ ସହଯୋଗୀ ହିଞ୍ଜିଳି ଥାନା ଅନ୍ତର୍ଗତ ସିକିରି ଗ୍ରାମର ଓମ୍ ପ୍ରଧାନ(୧୯), ଦୀପକ ଡରାଇ(୧୯) ଓ ବୁରୁପଡ଼ା ଗ୍ରାମର ଲକ୍ଷ୍ମଣ ପ୍ରଧାନ(୨୪)। ଏହି ଘଟଣାରେ ୪ ନାବାଳକଙ୍କ ମଧ୍ୟ ସମ୍ପୃକ୍ତି ରହିଛି। ସେମାନଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ତେବେ ୪ ନାବାଳକଙ୍କ ବୟସ ୧୭ ବର୍ଷ ହୋଇଥିବାରୁ ଅନ୍ୟ ଅଭିଯୁକ୍ତମାନଙ୍କ ଭଳି ସେମାନଙ୍କ ବିରୋଧରେ ବିଚାର କରିବା ପାଇଁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ନିବେଦନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍. ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୩ ବାଇକ୍ ଓ ୮ଟି ମୋବାଇଲ ଫୋନ୍ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ଓ ତାଙ୍କ ସାଙ୍ଗମାନେ ରବିବାର ମଧ୍ୟାହ୍ନରେ ଗୋପାଳପୁର ବେଳାଭୂମିକୁ ଯାଇ ବୁଲିବା ସହ ଗାଧୋଇଥିଲେ। ପରେ ସେମାନେ ବେଳାଭୂମିର ଏକ ନିର୍ଜନ ସ୍ଥାନରେ ବସିଥିଲେ। ସନ୍ଧ୍ୟାରେ ଯୁକ୍ତ୍‌୩ ଶେଷବର୍ଷର ଛାତ୍ରୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବେଳାଭୂମି ବୁଲିବାକୁ ଆସିଥିଲେ। ଉଭୟ ଛାତ୍ରୀ ଏବଂ ତାଙ୍କ ପୁରୁଷ ବନ୍ଧୁ ବେଳାଭୂମିରେ ବସିଥିବାବେଳେ ଅଭିଯୁକ୍ତମାନେ ସେମାନଙ୍କ ପାଖକୁ ଆସି ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିଥିଲେ। ପରେ ପ୍ରମୋଦ, ବାବୁରାମ ଓ କୁନାଲ ଛାତ୍ରୀଙ୍କୁ ଭିଡ଼ିନେଇ ଗଣବଳାତ୍କାର କରିଥିଲେ। ଏହାର ଭିଡିଓ କରି ଭାଇରାଲ କରିଦେବୁ କହି ଅଭିଯୁକ୍ତମାନେ ପୁରୁଷ ବନ୍ଧୁଙ୍କଠାରୁ ୧ ହଜାର ଓ ଫୋନ୍‌ପେ' ମାଧ୍ୟମରେ କିଛି ଟଙ୍କା ନେଇ ପଳାଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ପୁରୁଷ ବନ୍ଧୁ ଓ ପୀଡ଼ିତା ଛାତ୍ରୀ ଗୋପାଳପୁର ଥାନାକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ଥାନାଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ଓ ତାଙ୍କ ଟିମ୍ ତୁରନ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉକରି ୭ ଜଣଙ୍କୁ ଥାନାକୁ ଉଠାଇନେଇ ପଚରାଉଚରା କରିଥିଲେ। ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ଅନ୍ୟ ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ଆଇୟୁସିଏଡବ୍ଲ୍ୟୁର ଡିଏସ୍‌ପି ଅକ୍ଷୟ କୁମାର ପଣ୍ଡା ଏହାର ତଦନ୍ତ କରୁଥିବାବେଳେ ମହିଳା ଡିଏସ୍‌ପି ଅଲମା ଲାକ୍ରା ତାଙ୍କୁ ସହଯୋଗ କରୁଛନ୍ତି। ଖୁବ୍‌ଶୀଘ୍ର ଘଟଣାର ଚାର୍ଜଶିଟ୍ ଦାଖଲ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରିଛି। ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ ବୟାନ ରେକର୍ଡ କରାଯାଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଛାତ୍ରୀଙ୍କ ଡାକ୍ତରୀମାଇନା କରାଯାଇଛି। ତାଙ୍କ ଅଭିଯୋଗ ପ୍ରକାରେ ଗୋପାଳପୁର ଥାନାରେ ନଂ.୧୮୬/୨୫ରେ ଏକ ମାମଲା ରୁଜୁ ହୋଇଛି। ବେଳାଭୂମିଠାରୁ ୮ କି.ମି. ପର୍ଯ୍ୟନ୍ତ ନିର୍ଜନ ସ୍ଥାନରେ ଆଲୋକୀକରଣ ପାଇଁ ପ୍ରଶାସନକୁ ନିବେଦନ କରାଯିବ ଏବଂ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ପ୍ରମୋଦଙ୍କ ନାଁରେ ପୂର୍ବରୁ ହତ୍ୟା ଉଦ୍ୟମ ଓ ବୋମା ଭିଡ଼ିବା ଭଳି ମାମଲା ରହିଛି। ସେ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଘରକୁ ଛୁଟିରେ ଆସିଥିଲେ ବୋଲି ଜଣାପଡ଼ିଛି।

# ଥାନା ପରିସରରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ

**ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ବି ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ**



ରମାକାନ୍ତ ଆତ୍ମାହୁତି ଉଦ୍ୟମ କରିବା ସମୟରେ ପୋଲିସ ଅଟକାଉଛି।

ଚାନ୍ଦବାଲି,୧୭।୬(କିଷାନ ପାତ୍ର)

ଆକ୍ରମଣ ଘଟଣାକୁ ୩ ମାସ ବିତିଗଲା। ହେଲେ ଏଯାଏ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏପରିକି ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏଭଳି ଅଭିଯୋଗ ଆଣି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ ଚଷାଖଣ୍ଡ ଗାଁର ରମାକାନ୍ତ ଦାସ ନାମକ ବ୍ୟକ୍ତି ମଙ୍ଗଳବାର ଅପରାହ୍ନ ୧ଟାରେ ଚାନ୍ଦବାଲି ଥାନା ପରିସରରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି।

ରମାକାନ୍ତ ଅଭିଯୋଗ କରିଛନ୍ତି ଯେ, ୩ ମାସ ତଳେ ମତୋ ଅଞ୍ଚଳରେ ୩ଜଣ ଯୁବକ ତାଙ୍କୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଉକ୍ତ ଘଟଣାକୁ ନେଇ ସେ ମତୋ ଫାଣ୍ଡିରେ ଏତଲା ଦେଇଥିଲେ। ଫାଣ୍ଡି ଅଧିକାରୀ କୌଣସି ଚାପରେ ପଡ଼ି ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲେ। ୧୫ଦିନ ତଳେ ସେ ଭଦ୍ରକ ଏସ୍‌ପିଙ୍କୁ ଭେଟିବା ପରେ ଚାନ୍ଦବାଲି ଆଇଆଇସିଙ୍କୁ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି। ଚାନ୍ଦବାଲି ଥାନା ଆଇଆଇସି ଦୌଡ଼ିଆସି ତାଙ୍କୁ ଦିଆସିଲି ମାରିବାରୁ ଅଟକାଇବା ସହ ପାଣିରେ ଧୋଇଥିଲେ। ରମାକାନ୍ତଙ୍କୁ ଥାନା ଭିତରକୁ ନେଇ ଆଉ ଏକ ଏତଲା ଦେବା ପାଇଁ କହିବା ସହ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଘଟଣା ସମ୍ପର୍କରେ ଆଇଆଇସି ପରେଶ ମହାନ୍ତି କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶ ପାଇବା ପରେ ସେ ସମ୍ପୃକ୍ତ ଏତଲାକାରୀଙ୍କୁ ଥାନାକୁ ଡାକିଥିଲେ, କିନ୍ତୁ ସେ ଆସି ନ ଥିଲେ। ମତୋ ଫାଣ୍ଡିରେ ଏତଲା ଦିଆଯାଇଥିବାରୁ ସେ ବିଳମ୍ବରେ ଜାଣିବାକୁ ପାଇଥିଲେ ବୋଲି କହିଛନ୍ତି। ତେବେ ପୋଲିସ କାହା ଚାପରେ ଏତେଦିନ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ସାମାଜିକ କର୍ମୀ ସୁକାନ୍ତ ସାମଲ ପ୍ରଶ୍ନ ଉଠାଇଛନ୍ତି।

# ଲାଞ୍ଚ: ଟାଙ୍ଗୀ ଅବକାରୀ ଥାନା ଏସ୍‌ଆଇ ଗିରଫ

ଖୋର୍ଦ୍ଧା/ଟାଙ୍ଗୀ,୧୭।୬ (ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)



ଅମରେନ୍ଦ୍ର ଶତପଥୀ

ଖୋର୍ଦ୍ଧା ଜିଲା ଟାଙ୍ଗୀ ଅବକାରୀ ଥାନା ସବ୍‌ଇନ୍‌ସ୍ପେକ୍ଟର(ଏସ୍‌ଆଇ) ଅମରେନ୍ଦ୍ର ଶତପଥୀ ମଙ୍ଗଳବାର ୮ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ଏହି ଟଙ୍କା ଜବତ କରାଯାଇଛି। ଏ ସମ୍ପର୍କରେ ଏକ ମାମଲା (ନଂ.୧୧/୨୫) ରୁଜୁ ପରେ ତାଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ଟାଙ୍ଗୀ ଅବକାରୀ ଥାନା ଅନ୍ତର୍ଗତ ଏକ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କୁ ମାସିକ ୮ହଜାର ଟଙ୍କା ଦେବା ପାଇଁ ଏସ୍‌ଆଇ ଶତପଥୀ ଦାବି କରିଥିଲେ। ଏପରିକି ଟଙ୍କା ନ ଦେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସମ୍ପୃକ୍ତ ମଦ ଦୋକାନୀଙ୍କୁ ଧମକ ଦେଉଥିଲେ। ଏନେଇ ମଦ ଦୋକାନୀ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଦାବି ମୁତାବକ ମଙ୍ଗଳବାର ଅପରାହ୍ନ ୪ଟାରେ ଟାଙ୍ଗୀ ଅବକାରୀ କାର୍ଯ୍ୟାଳୟରେ ଏସ୍‌ଆଇ ଶତପଥୀ ୮ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ପହଞ୍ଚି ତାଙ୍କୁ ଧରିଥିଲା। ଏଥିସହ ଲାଞ୍ଚ ଟଙ୍କା ଜବତ କରିଥିଲା। ଏଥିସହ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୩ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ ଜାରି ରଖିଛି। ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ମଦ ଦୋକାନ ସିଲ୍ କଲା ଅବକାରୀ ବିଭାଗ

**ରାଜଧାନୀରେ ମଦ ମୃତ୍ୟୁ ଅଭିଯୋଗ**

ଭୁବନେଶ୍ୱର,୧୭।୬ (ସତ୍ୟଜିତ୍ ରାଉତ)

ରାଜଧାନୀରେ ଅପମିଶ୍ରିତ ମଦ ପିଇ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କଟକ-ପୁରୀ ରୋଡ ପୁରୁଣା ଷ୍ଟେଶନ ବଜାର ଛକ ନିକଟ ଏକ ସରକାରୀ ସିକୃତୀପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ଏହି ମଦ କିଣାଯାଇଥିବା ଅଭିଯୋଗ ଆଣି ଲୋକମାନେ ମଙ୍ଗଳବାର ଉତ୍ତେଜିତ ହୋଇଥିଲେ। ଅବକାରୀ ବିଭାଗ ପକ୍ଷରୁ ଉକ୍ତ ମଦ ଦୋକାନକୁ ସିଲ୍ କରିଦିଆଯାଇଛି। ନବନିର୍ମାଣ ଯୁବ ଛାତ୍ର ସଂଗଠନ (ଏନ୍‌ୱାଇସିଏସ୍)ର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକମାନେ ମଦ ଦୋକାନକୁ ଆସି ହୋହାଲ୍ଲା କରିବା ପରେ ଅବକାରୀ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏନ୍‌ୱାଇସିଏସ୍ ରାଜ୍ୟ ସଂଯୋଜକ ଏମ୍.ଡି ମନୱର ଅଲ୍ଲୀଙ୍କ କହିବା ଅନୁଯାୟୀ, ଉକ୍ତ ମଦ ଦୋକାନରୁ ମଦ ପିଇ ଲକ୍ଷ୍ମୀସାଗର ଚିନ୍ତାମଣିଶ୍ୱର ଅଞ୍ଚଳର ସନ୍ତୋଷ ନାୟର ଓ ଲକ୍ଷ୍ମୀସାଗର ମଣ୍ଡପ ସାହିର ବିଶ୍ୱଜିତ ବେହୁରାଙ୍କ ମୃତ୍ୟୁ ହୋଇଛି। ଏଥିସହ ଆଉ କିଛି ଜଣ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ତଦନ୍ତ ସହ ଅଲ୍ଲୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅବକାରୀ ଡିଏସ୍‌ପି ରାଜ ଶେଖର ସ୍ୱାଇଁ କହିଛନ୍ତି, ମଦ ଦୋକାନକୁ ସିଲ୍ କରିବା ପରେ କେମିକାଲ ଟେଷ୍ଟ ପାଇଁ କିଛି ନମୂନା ନିଆଯାଇଛି। ଟେଷ୍ଟ ରିପୋର୍ଟ ଆସିବା ପରେ ପ୍ରକୃତ ସତ ପଦାକୁ ଆସିବ ବୋଲି ଡିଏସ୍‌ପି କହିଛନ୍ତି। ଅପରପକ୍ଷରେ ଏନେଇ ଲକ୍ଷ୍ମୀସାଗର ଥାନାରେ କୌଣସି ଏତଲା ହୋଇ ନ ଥିବାବେଳେ ମୃତକ ବିଶ୍ୱଜିତଙ୍କ ସମ୍ପର୍କୀୟ ଦାଦା ରଞ୍ଜନ କୁମାର ନାୟକ ନିଶାମୁକ୍ତ ସମାଜ ଦାବି କରିଛନ୍ତି।

**ରାଜ୍ୟ ଖବର**

# ୧ ଘଣ୍ଟା ୫୫ ମିନିଟ୍ ପାଇଁ ୨୦ରେ ଆସିବେ ମୋଦି

**ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା**

ଭୁବନେଶ୍ୱର, ୧୭।୬(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୦ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ । ତାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରଶାସନିକ ସ୍ତରରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଲୋଚିତ କାର୍ଯ୍ୟସୂଚୀ ଅନୁସାରେ ଆସନ୍ତା ୨୦ତାରିଖ ଅପରାହ୍ନ ୨.୦୫ମି.ରେ ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶ ସ୍ଥିତ କୁଶୀନଗର ବିମାନବନ୍ଦରରୁ ବାୟୁସେନା ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଭୁବନେଶ୍ୱର ବିମାନବନ୍ଦରଠାରେ ଅପରାହ୍ନ ୩.୪୦ମି.ରେ ପହଞ୍ଚିବେ। ୩.୪୫ରେ ବିମାନବନ୍ଦରରୁ ପ୍ରଧାନମନ୍ତ୍ରୀ ଏକ ରୋଡ୍ ଶୋ ମଧ୍ୟ ଦେଇ ୪.୧୫ରେ ଜନତା ମଇଦାନଠାରେ ପହଞ୍ଚିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ଉପଲବ୍ଧି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନଦେବା ସହ ନିର୍ଦ୍ଧାରିତ ବିଭିନ୍ନ କାର୍ଯ୍ୟକ୍ରମ ତାଙ୍କ ଦ୍ୱାରା କରାଯିବ। ଏହାପରେ ପ୍ରଧାନମନ୍ତ୍ରୀ ୫.୩୫ରେ କାର୍ଯ୍ୟକ୍ରମ ସ୍ଥଳରୁ ପ୍ରତ୍ୟାବର୍ତ୍ତନ କରିବା ସହ ୫.୫୦ରେ ଭୁବନେଶ୍ୱର ବିମାନବନ୍ଦରରୁ ଫେରିଯିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୁରକ୍ଷାଠାରୁ ଆରମ୍ଭ କରି ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପାଦନ କରିବାକୁ ମୁଖ୍ୟ ଶାସନ ସଚିବ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ପ୍ରଧାନମନ୍ତ୍ରୀଙ୍କ ରହିବା ଲାଗି ରାଜଭବନରେ ସବୁ ବ୍ୟବସ୍ଥା କରାଯିବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ସ୍ୱାଗତ ଉଦ୍ଦେଶ୍ୟରେ ବିମାନବନ୍ଦରରୁ ଏଜି ଛକ ଦେଇ ରାଜଭବନ ଗୃହ, କଳିଙ୍ଗ ଷ୍ଟାଡିୟମ ଛକ, ଜୟଦେବ ବିହାର ଛକ, ଜନତା ମଇଦାନ ମଧ୍ୟରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ ମଞ୍ଚ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡ଼ିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭିଜନ ଓଡ଼ିଶା ୨୦୩୬ର ଲୋକାର୍ପଣ କରିବା ସଙ୍ଗେ ସଙ୍ଗେ ଆଉ କେତେକ ପ୍ରକଳ୍ପ ଏବଂ ଯୋଜନାର ଶୁଭାରମ୍ଭ କରିପାରନ୍ତି ବୋଲି ଜଣାପଡ଼ିଛି।

# ସାପ କାମୁଡ଼ାରେ ୨ ନାବାଳକଙ୍କ ମୃତ୍ୟୁ

ଗୁଡ଼ାରି/କଲ୍ୟାଣସିଂପୁର, ୧୭।୬(ପ୍ରମୋଦ କୁମାର ପତି/ଦୀପକ କୁମାର ପରିଡ଼ା)

ରାତିରେ ଘରେ ଶୋଇଥିବା ସମୟରେ ସାପ କାମୁଡ଼ାରେ ମଙ୍ଗଳବାର ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍‌ର ବୀରେନ୍ଦ୍ର କୁମାର ଶବର (୧୬) ଏବଂ କଲ୍ୟାଣସିଂହପୁର ବ୍ଲକ୍‌ର ବେଲଧର କୌଶଲ୍ୟା (୧୫) । ଗୁଡ଼ାରି ବ୍ଲକ୍ ପେଣ୍ଡିଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁପୁଲୁପାଡୁ ଗ୍ରାମର ବୀରେନ୍ଦ୍ର ସୋମବାର ରାତିରେ ଘରେ ଶୋଇଥିବା ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଏହା ଜାଣିବା ପରେ ସେ ପରିବାର ଲୋକଙ୍କୁ କହିବାରୁ ସେମାନେ ତାଙ୍କୁ ପଦ୍ମପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସାକରି ଗୁଣପୁର ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମଙ୍ଗଳବାର ସକାଳେ ବୀରେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ନେଇ ବୀରେନ୍ଦ୍ରଙ୍କ ବାପା ପ୍ରସନ୍ନ କୁମାର ଶବର ସୂଚନା ଦେଇଛନ୍ତି। ସେହିପରି କଲ୍ୟାଣସିଂହପୁର ବ୍ଲକ୍ ସଦର ବଡ଼ଦ୍ୱାର ସାହିର ସ୍ୱର୍ଗତ ସୁରେନ୍ଦ୍ର କୌଶଲ୍ୟାଙ୍କ ସାନପୁଅ ବେଲଧର ସୋମବାର ରାତିରେ ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ କାମୁଡ଼ିଦେଇଥିଲା। ପରିବାର ଲୋକେ ତାଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି।

**ପ୍ରଥମ ପୃଷ୍ଠାରୁ...**

## ଏୟାର ଇଣ୍ଡିଆ...

ସେହିପରି ଅନେକ ବିମାନ ଉଡ଼ାଣକୁ ବାତିଲ ମଧ୍ୟ କରାଯାଇଛି। କେବଳ ମଙ୍ଗଳବାର ଏୟାର ଇଣ୍ଡିଆର ୭ଟି ବିମାନ ଉଡ଼ାଣ ବାତିଲ ହୋଇଛି। ସେଥିମଧ୍ୟରୁ ୬ଟି ବିମାନ ହେଉଛି ବୋଇଂ ୭୮୭-୮ ଡ୍ରିମ୍‌ଲାଇନର୍, ଯାହା ଅହମଦାବାଦ ଦୁର୍ଘଟଣାରେ ସମ୍ପୃକ୍ତ ବିମାନ ମଡେଲ୍ ସହ ସମାନ। ମଙ୍ଗଳବାର ଅହମଦାବାଦରୁ ଲଣ୍ଡନ ଯିବାକୁ ଥିବା ବିମାନ 'ଏଆଇ ୧୫୯'ର ଉଡ଼ାଣକୁ ବାତିଲ କରାଯାଇଛି। ଆକାଶ ସୀମା ଯାଞ୍ଚ ଏବଂ ଅତିରିକ୍ତ ସୁରକ୍ଷା କଟକଣା ଯୋଗୁ ବିମାନର ଅନୁପଲବ୍ଧତା ଦର୍ଶାଇ ଏହି ଉଡ଼ାଣକୁ ବାତିଲ କରାଯାଇଛି। ଅହମଦାବାଦ ଦୁର୍ଘଟଣା ପରେ ସେଠାରୁ ଲଣ୍ଡନ ଯିବାକୁ ଥିବା ଏହା ପ୍ରଥମ ବିମାନ ଥିଲା। ସେହିପରି ଆମେରିକାର ସାନ୍ ଫ୍ରାନ୍ସିସ୍କୋରୁ କୋଲକାତା ଦେଇ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନ 'ଏଆଇ୧୮୦'ର ଯାତ୍ରୀମାନେ ମଙ୍ଗଳବାର ଭୋର୍ ସମୟରେ ଏକ ଅପ୍ରତ୍ୟାଶିତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କୋଲକାତା ଏୟାରପୋର୍ଟରେ ବିମାନଟି ମୁମ୍ବାଇ ଅଭିମୁଖେ ଯିବା ପାଇଁ ଟେକ୍‌ଅଫ୍ କରୁଥିବା ସମୟରେ ଏହାର ଏକ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା, ଫଳରେ ସମସ୍ତ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇବାକୁ କୁହାଯାଇଥିଲା ଏବଂ ପ୍ଲେନ୍‌ର ଯାଞ୍ଚ ହୋଇଥିଲା। ତେଣୁ କିଛି ଘଣ୍ଟା ପାଇଁ ଯାତ୍ରୀମାନଙ୍କୁ କୋଲକାତା ଏୟାରପୋର୍ଟରେ ଅପେକ୍ଷା କରି ରହିବାକୁ ପଡ଼ିଥିଲା। ମଙ୍ଗଳବାର ଦିଲ୍ଲୀରୁ ପ୍ୟାରିସ୍ ଯିବାକୁ ଥିବା ଏୟାର ଇଣ୍ଡିଆର ବିମାନ 'ଏଆଇ ୧୪୩'ର ଉଡ଼ାଣକୁ ମଧ୍ୟ ବାତିଲ କରାଯାଇଛି। ଉଡ଼ାଣ ପୂର୍ବରୁ ବିମାନର ବାଧ୍ୟତାମୂଳକ ଯାଞ୍ଚ ସମୟରେ ଯାନ୍ତ୍ରିକ ସମସ୍ୟା ଚିହ୍ନଟ ହୋଇଥିଲା। ଟେକ୍ନିକାଲ ଟିମ୍ ଏହି ଯାନ୍ତ୍ରିକ ସମସ୍ୟାର ସମାଧାନ କରୁଥିବା ନେଇ ଏୟାର ଇଣ୍ଡିଆ କହିଛି। ସେହିପରି ବୈଷୟିକଜନିତ ସମସ୍ୟା ଯୋଗୁ ମଙ୍ଗଳବାର ଲଣ୍ଡନରୁ ଅମୃତସର ଆସିବାକୁ ଥିବା ଏବଂ ବେଙ୍ଗାଲୁରୁରୁ ଲଣ୍ଡନ ଯିବାକୁ ଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନରର ଉଡ଼ାଣକୁ ମଧ୍ୟ ବାତିଲ କରାଯାଇଛି। ଦିଲ୍ଲୀରୁ ଦୁବାଇ ଯିବାକୁ ଥିବା ଏଆଇ ୯୧୫ ଏବଂ ଭିଏନା ଯିବାକୁ ଥିବା ଏଆଇ ୧୫୩ ବିମାନର ଉଡ଼ାଣ ମଧ୍ୟ ବାତିଲ ହୋଇଛି। ଏୟାର ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଏକ ବୟାନ ଜାରି କରାଯାଇ କୁହାଯାଇଛି, ଯାନ୍ତ୍ରିକ ତ୍ରୁଟି ଏବଂ ଅନ୍ୟାନ୍ୟ କାରଣ ଯୋଗୁ କିଛି ବିମାନର ଉଡ଼ାଣ ବାତିଲ ହୋଇଛି। ଏହାଦ୍ୱାରା ଯାତ୍ରୀମାନଙ୍କୁ ହୋଇଥିବା ସମସ୍ୟା ପାଇଁ ଏୟାରଲାଇନ୍ସ ଦୁଃଖିତ। ଗନ୍ତବ୍ୟ ସ୍ଥଳରେ ଯାତ୍ରୀମାନଙ୍କୁ ଶୀଘ୍ର ପହଞ୍ଚାଇବା ପାଇଁ ଏୟାର ଇଣ୍ଡିଆ ବିକଳ୍ପ ବ୍ୟବସ୍ଥା କରୁଛି। ଅନ୍ୟପକ୍ଷେ ମଙ୍ଗଳବାର କୋଚିରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋର ୬ଇ୨୭୦୬ ବିମାନକୁ ବୋମା ଧମକ ମିଳିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହାକୁ ନାଗପୁର ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଛି। ଯାତ୍ରୀମାନେ ବାହାରିଆସିବା ପରେ ନାଗପୁର ଏୟାରପୋର୍ଟରେ ବିମାନର ଯାଞ୍ଚ କରାଯାଇଛି।

ସୋମବାର ଦିଲ୍ଲୀରୁ ରାଞ୍ଚି ଯାଉଥିବା ଏକ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନରେ ମଧ୍ୟ ଯାନ୍ତ୍ରିକ ସମସ୍ୟା ଦେଖା ଦେଇଥିଲା। ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ବିମାନଟି ବୈଷୟିକ ଅସୁବିଧାର ସମ୍ମୁଖୀନ ହୋଇଥିଲା। ଫଳରେ ପାଇଲଟ ବିମାନଟିକୁ ୟୁ ଟର୍ନ କରି ଦିଲ୍ଲୀ ଫେରିଯିବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ଏୟାରପୋର୍ଟରେ ବିମାନର ଯାଞ୍ଚ ଏବଂ କ୍ଲିୟରାନ୍ସ ମିଳିବା ପରେ ଏହା ପୁନର୍ବାର ରାଞ୍ଚି ଅଭିମୁଖେ ଉଡ଼ାଣ ଭରିଥିଲା ବୋଲି ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଜଣେ ମୁଖପାତ୍ର କହିଥିଲେ। ସେହିପରି ସୋମବାର ହଂକଂରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ବିମାନ ଏଆଇ ୩୧୫ ଉଡ଼ାଣ ଆରମ୍ଭ କରିବାର ପ୍ରାୟ ୯୦ ମିନିଟ୍ ପରେ ୟୁ-ଟର୍ନ ନେଇ ହଂକଂ ଫେରି ଯାଇଥିଲା ଏବଂ ଜରୁରୀ ଅବତରଣ କରିଥିଲା। ୨୨ ହଜାର ଫୁଟ ଉଚ୍ଚତାରେ ବିମାନ ଯାଉଥିବା ବେଳେ ପାଇଲଟ ପ୍ଲେନ୍‌ରେ ଏକ ଯାନ୍ତ୍ରିକ ସମସ୍ୟାକୁ ଚିହ୍ନଟ କରିଥିଲେ। ତେଣୁ ୟୁ-ଟର୍ନ ନେବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ ବୋଲି ସେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ଜଣାଇଥିଲେ। ରବିବାର ସନ୍ଧ୍ୟାରେ ଦିଲ୍ଲୀରୁ ବଡୋଦରା ଯାଉଥିବା ଏୟାର ଇଣ୍ଡିଆର ବିମାନ 'ଏଆଇ ୮୧୯'ର ଲ୍ୟାଣ୍ଡିଂ ଗିଅରରେ ସନ୍ଦେହଜନକ ସମସ୍ୟା ଯୋଗୁ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଏହାକୁ ୟୁ ଟର୍ନ ନେଇ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟରେ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। ଟେକ୍‌ଅଫର କିଛି ସମୟ ପରେ ବିମାନର ଲ୍ୟାଣ୍ଡିଂ ଗିଅରଟି ଠିକ୍ ଭାବେ କାମ କରୁ ନ ଥିବା ନେଇ କ୍ରିଉ ସଦସ୍ୟ ଜାଣିବାକୁ ପାଇଥିଲେ। ସେମାନେ ଦିଲ୍ଲୀସ୍ଥିତି ଏଟିସିକୁ ଏନେଇ ସତର୍କ କରାଇବା ସହ ଦିଲ୍ଲୀ ଏୟାରପୋର୍ଟରେ ଜରୁରୀ ଅବତରଣ ପାଇଁ ଅନୁମତି ମାଗିଥିଲେ। ବିମାନଟି ସୁରକ୍ଷିତ ଅବତରଣ କରିଥିଲା। ଯାଞ୍ଚ ପରେ ବିମାନ ସେବା ପୁନର୍ବାର ଆରମ୍ଭ ହୋଇଥିଲା। ଶନିବାର ରାତିରେ ଗୁଆହାଟୀରୁ କୋଲକାତା ଯିବାକୁ ଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଆଇଏକ୍ସ-୧୨୨୬ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଡ଼ାଣ କରିପାରି ନ ଥିଲା। ଅନେକ ପ୍ରୟାସ ପରେ ମଧ୍ୟ ବିମାନଟି କାର୍ଯ୍ୟକ୍ଷମ ହୋଇ ପାରି ନ ଥିବାରୁ ଯାତ୍ରୀମାନେ ରାତିତମାମ ଏୟାରପୋର୍ଟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରବିବାର ଅପରାହ୍ନରେ ଯାତ୍ରୀମାନଙ୍କ ପାଇଁ ଏକ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଆଉ ଏକ ବିମାନ ଉପଲବ୍ଧ କରାଯାଇଥିଲା। ଘଟଣାକୁ ନେଇ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଯାତ୍ରୀମାନଙ୍କୁ କ୍ଷମା ମାଗିଥିଲା।

## ୩ ଦିନ ପ୍ରବଳରୁ...

ଜାରି କରାଯାଇଛି। ଏସବୁ ଜିଲାକୁ ବିଜୁଳି ଘଡ଼ଘଡ଼ି ଭୟ ରହିଥିବାବେଳେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ସମ୍ବଲପୁର, ଦେବଗଡ଼, ବରଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କଟକ ଆଦି ଜିଲାକୁ ବଜ୍ରପାତ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ନେଇ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

## ପ୍ରଯୁକ୍ତି ବଳରେ...

କରାଯାଇ ସେ ବାବଦକୁ ଡିବିଟି ମାଧ୍ୟମରେ ୪୫୯.୬୮ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି। ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ହେକ୍ଟର ଅଣଜଳସେଚିତ ଜମିକୁ ଜଳସେଚନ ଯୋଗାଇ ଦେବାର ଲକ୍ଷ୍ୟ ରଖିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର କୃଷକ ସମାଜକୁ ସମ୍ମାନ ଦିଅନ୍ତି। ପ୍ରଧାନମନ୍ତ୍ରୀ ବିକଶିତ କୃଷି ସଂକଳ୍ପ ଅଭିଯାନ କୃଷକମାନଙ୍କ ସାମୂହିକ କଲ୍ୟାଣ ସାଧନ ସହ କୃଷି କ୍ଷେତ୍ରରୁ ରୋଜଗାର ବୃଦ୍ଧି ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ବିଲୁପ୍ତ ଖାଦ୍ୟର ପୁନରୁଦ୍ଧାର ଏବଂ ପୁଷ୍ଟିଶସ୍ୟ ଆଧାରିତ କୃଷି ପ୍ରଣାଳୀ ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ରୋଜଗାରରେ ଉନ୍ନତି ଅଣାଯାଇଛି। ବର୍ତ୍ତମାନ ଆମ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି।

ସିଏମ୍ କିଷାନ୍ ଯୋଜନାରେ ଚାଷୀ ଭାଇଙ୍କୁ ୪ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଏଥିରେ ସହରାଞ୍ଚଳ କୃଷକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଗତ ଅକ୍ଷୟତୃତୀୟା ଅବସରରେ ୨,୩୮୧ ଜଣ ବିଶେଷ ଭାବେ ଅନୁନ୍ନତ (ପିଭିଟିଜି) ଚାଷୀ ଏବଂ ୨୫,୫୩୨ ସହରାଞ୍ଚଳ ଚାଷୀଙ୍କ ସମେତ ମୋଟ ୫୦ ଲକ୍ଷ ୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧,୦୨୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସିଏମ୍ କିଷାନ୍ ସହିତ 'ପିଏମ୍-ସମ୍ମାନ ନିଧି' ସଂଯୁକ୍ତ ହୋଇ ଚାଷୀମାନଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛୁ। ପ୍ରଧାନମନ୍ତ୍ରୀ ମଧ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ଉଭୟ ରାଜ୍ୟ ଓ ଦେଶର ଏହି ଲକ୍ଷ୍ୟ ପୂରଣ ପାଇଁ କୃଷି ଓ କୃଷକମାନଙ୍କ ବିକାଶ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ସଭା ପରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ରଖି ଆଗକୁ ବନ୍ଦ ପଡ଼ିଥିବା ଦେଓଗାଁ ଚିନିକଳ ଓ ବଡ଼ମ୍ବା ଚିନିକଳ ମଧ୍ୟ ଚାଲୁ କରାଯିବ ବୋଲି ସେ କହିଥିଲେ। ତୁଷୁରା ଏୟାର ଷ୍ଟ୍ରିପ୍‌ରୁ ସେ ସଭାମଞ୍ଚକୁ ଆସିବା ବାଟରେ ଦେଓଗାଁରେ ଛାତ୍ର କଂଗ୍ରେସ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କରାଯାଇ ଗୋ ବ୍ୟାକ୍ ନାରା ଦିଆଯାଇଥିଲା। ଏହି ସଭାରେ ଉପସ୍ଥିତ ଥିବା ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କୃଷି ଓ କୃଷକର ବିକାଶ ପାଇଁ ସରକାର ରାଜ୍ୟ ବଜେଟରେ ଚଳିତବର୍ଷ ଅଧିକ ଆର୍ଥିକ ପ୍ରସ୍ତାବ ଦେଇଛନ୍ତି ଏବଂ ଆଗାମୀ ଥର ବଜେଟରେ ମଧ୍ୟ ଅଧିକ ଆର୍ଥିକ ବଜେଟର ପ୍ରାବଧାନ ରଖିଛୁ ବୋଲି କହିଥିଲେ। ଆଜି ଓଡ଼ିଶା ଭାରତ ବାହାରକୁ ମଧ୍ୟ ଫଳ ରପ୍ତାନି କରିପାରୁଛି। ବଲାଙ୍ଗୀରଠାରେ ଏଗ୍ରିକଲ୍‌ଚର କଲେଜ ପ୍ରତିଷ୍ଠା ହେବ ଏବଂ ସୋନପୁରଠାରେ ମାଛଚାଷୀଙ୍କୁ ଉନ୍ନତ ଜ୍ଞାନ କୌଶଳର ଶିକ୍ଷା ଦେବା ପାଇଁ ଫିସେରି କଲେଜ ପ୍ରତିଷ୍ଠା କରିବାର ଯୋଜନା ଅଛି ବୋଲି ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଚାଷୀ ଭାଇ ଭଉଣୀଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ରାଜ୍ୟକୁ ବିକଶିତ କରିବାକୁ ହେଲେ ପ୍ରଥମେ ଚାଷକୁ ସମୃଦ୍ଧ କରିବାକୁ ପଡିବ ବୋଲି କହିଥିଲେ। ଉଭୟ ମନ୍ତ୍ରୀ ବିଜେଡି ସରକାରକୁ କଡ଼ା ସମାଲୋଚନା କରିଥିଲେ। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓଡ଼ିଶା ବିକାଶରେ ମୋହନ ସରକାର ଓ ଦେଶ ବିକାଶରେ ମୋଦି ସରକାରର ଭୂମିକା କହି ବଲାଙ୍ଗୀର-ପାଟଣାଗଡ଼-ନୂଆପଡ଼ା ରେଳ ପ୍ରକଳ୍ପ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସଭାରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ମଞ୍ଚାସୀନ ଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ୧୧ ଜଣ ସଫଳ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ସ୍ୱାଗତ ଭାଷଣ ଦେଇଥିଲେ। ଜିଲାପାଳ ଗୌରବ ଶିବାଜୀ ଇସ୍‌ଲୱାର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଓ ପଡ଼ୋଶୀ ଜିଲାର ସହସ୍ରାଧିକ ଚାଷୀ ଯୋଗ ଦେଇଥିଲେ।

# ଆଜି ପାଟଣା ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ

ପାଟଣା,୧୭।୬(ବୀର କିଶୋର ଦାଶ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧ୍ୟକ୍ଷ ପଦ ପାଇଁ ଉପ ନିର୍ବାଚନ ଆଜି ବୁଧବାର ଅନୁଷ୍ଠିତ ହେବ। ଏନେଇ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ସଂଖ୍ୟା ୧୪୫୫/ଏସଇସି ରେ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ବ୍ଲକ ଅଧ୍ୟକ୍ଷ ସୁକାନ୍ତି ନାୟକ ଅନାସ୍ଥା ଭୋଟରେ ଗତ ଫେବୃଆରୀ ୧୪ରେ ହାରିବା ପରେ ଉପାଧ୍ୟକ୍ଷ ଭାବେ ବୀଣାପାଣି ନାୟକ ଭାରପ୍ରାପ୍ତ ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ପରେ ପାଟଣା ବ୍ଲକରେ ରାଜନୀତିକ ଉଷ୍ମତା ପରିଲକ୍ଷିତ ହୋଇଛି। ଉଭୟ ବୀଣାପାଣି ଓ ସୁକାନ୍ତି ଉଭୟ ବିଜେଡି ଦଳର ହୋଇଥିଲେ ହେଁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କ୍ଷମତା ଦଖଲ ପାଇଁ ତିକ୍ତତା ବୃଦ୍ଧି ପାଇ ଫାଟ ସୃଷ୍ଟି ହୋଇଥିଲା। ବୀଣାପାଣିଙ୍କ ସପକ୍ଷରେ ଶାସକ ଭାଜପାର କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ସମର୍ଥନ ରହିଥିବାରୁ ସେ ସୁବିଧାଜନକ ସ୍ଥିତିରେ ଥିବା ଜଣାପଡୁଛି। ବୀଣାପାଣିଙ୍କ ସପକ୍ଷରେ ଜଣେ ସମିତି ସଭ୍ୟ ନାମ ଗୋପନ ରଖି କହିଛନ୍ତି ଯେ, ବୀଣାପାଣିଙ୍କ ସପକ୍ଷରେ ୨୦ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ମ୍ୟାଜିକ ନମ୍ବର ୧୪ଜଣଙ୍କ ସମର୍ଥନ ରହିଛି। ଏହି ୧୪ଜଣ ଏବେ ବୀଣାପାଣିଙ୍କ ସମର୍ଥନରେ ଅଜ୍ଞାତବାସରେ ରହିଛନ୍ତି। ବୀଣାପାଣିଙ୍କ ସ୍ୱାମୀ ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ ଜଣେ ଅନୁଭବି ନେତା ହୋଇଥିବାରୁ ସ୍ତ୍ରୀଙ୍କୁ ଜିତାଇବା ପାଇଁ ସମସ୍ତ ପ୍ରାକ୍ ପ୍ରସ୍ତୁତି ଆପଣେଇ ଥିବା କୁହାଯାଉଛି। ତେବେ ସୁକାନ୍ତି ନାୟକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି କି ଯୁଦ୍ଧ ପୂର୍ବରୁ ଅସ୍ତ୍ର ବିରତି କରି ବୀଣାପାଣିଙ୍କ ପାଇଁ ଖୋଲା ମଇଦାନ ଛାଡ଼ି ଦେଉଛନ୍ତି ତାହା ବୁଧବାର ସ୍ପଷ୍ଟ ହେବ। ଯଦି ସୁକାନ୍ତି ପ୍ରାର୍ଥୀପତ୍ର ଦାଖଲ କରନ୍ତି ତେବେ ସେ ତାଙ୍କର ସମର୍ଥକ ଗୋଟାଇବା ପାଇଁ କିଭଳି ନୀତି ଅନୁସରଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ତେବେ ସମିତିସଭ୍ୟଙ୍କୁ ନେଇ ଘୋଡ଼ା କେପାର ହେବାର ଗୁଞ୍ଜରିତ ହୋଇଛି। ଜିଲ୍ଲାପାଳ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଅଧିକାରୀ ଭାବେ ସାହାରପଡ଼ା ବିଡିଓ ରଞ୍ଜିତ ମହାନ୍ତଙ୍କୁ ନିଯୁକ୍ତି କରିଥିବା ବେଳେ କାମଚଳା ନିର୍ବାଚନ ଅଧିକାରୀ ଭାବେ ସାହାରପଡ଼ା ତହସିଲଦାର ଲୀଳାବତୀ ନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ୨ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଘଟଗାଁ ଏସଡିପିଓ ବିଜୟକୃଷ୍ଣ ମହାପାତ୍ର କହିଛନ୍ତି। ବୁଧବାର ନାମାଙ୍କନ ପତ୍ର ନେବା ଓ ଦାଖଲ ପ୍ରକ୍ରିୟା ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ୧୧ଟାରୁ ୧୧.୩୦ ଯାଏ ଯାଞ୍ଚ କରାଯିବ। ମଧ୍ୟାହ୍ନ ୧୨ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ଥିବାବେଳେ ଆବଶ୍ୟକ ପଡିଲେ ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୨ଟା ଯାଏ ଭୋଟ ଗ୍ରହଣ କରାଯିବ। ପରେ ଗଣତି ପ୍ରକ୍ରିୟା ସହ ଫଳାଫଳ ଘୋଷଣା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂଙ୍କୁ ପତ୍ର ଲେଖିଛନ୍ତି।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ
### ଡାକ୍ତରଖାନାରେ ଚିକିତ୍ସାଧୀନ ଚାଳକଙ୍କ ଉନ୍ମତ୍ତକାଣ୍ଡ

ପାଟଣା,୧୭।୬ (ବୀରକିଶୋର ଦାଶ): କେନ୍ଦୁଝର ଜିଲ୍ଲା ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନଂ. ଜାତୀୟ ରାଜପଥର ଧାନବେଣୀ ନିକଟରେ ସୋମବାର ରାତିରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧାନବେଣୀ ଗ୍ରାମର ବଳରାମ ମହାନ୍ତ(୬୫)। ସୂଚନା ଅନୁଯାୟୀ, ବଳରାମ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଜଣେ ନିଶାସକ୍ତ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ. ୧୨୬/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି। ଅପରପକ୍ଷେ ବାଇକ୍ ଚାଳକ ପାଟଣା ବ୍ଲକ ବାଉଁଶୁଳି ଗ୍ରାମର ବାସୁଦେବ ମହାନ୍ତ ଗୁରୁତର ହୋଇ ପାଟଣା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସେ ମେଡିକାଲ କର୍ମଚାରୀମାନଙ୍କୁ ମାଡ଼ପିଟ୍ କରିବା ସହ ଦୁର୍ବ୍ୟବହାର କରିବାରୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ତାଙ୍କୁ ଏକ ଘରରେ ବନ୍ଦ କରିଦେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ୭ ୱାର୍ଡ ବୁଲିଲା ବିକାଶ ବାହନ



ବିକାଶ ବାହନ ପରିକ୍ରମା ବେଳେ ଉପସ୍ଥିତ ପୌର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ଅନ୍ୟମାନେ।

ବଡ଼ବିଲ, ୧୭।୬(ଦେବପ୍ରିୟ ରଣା): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ଏହି ବିକାଶ ବାହନ ବଡ଼ବିଲସ୍ଥିତ ପାର୍କ ଛକରୁ ଯାତ୍ରା ଆରମ୍ଭ କରିଥିଲା। ପୂର୍ବାହ୍ନରେ ଶୁଭାରମ୍ଭ ସମୟରେ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କାଉନସିଲର ଧର୍ମେନ୍ଦ୍ର ମହାନ୍ତ, ପାୟଲ ଦେବରଥ, ଏମ୍‌ପି ପ୍ରତିନିଧି ନୀଳମଣି ମହାନ୍ତ, ପୂର୍ବତନ ପୌରାଧ୍ୟକ୍ଷ ଦିଲୀପ ମିଶ୍ର, ଯାତ୍ରୀ ନାୟକ, ପୌର ଯନ୍ତ୍ରୀ ପୂର୍ଣ୍ଣେନ୍ଦୁ ମହାନ୍ତ, ଗୋଷ୍ଠୀ ସଂଗଠିକା ପ୍ରଭା ପାଣିଗ୍ରାହୀ ଉପସ୍ଥିତ ଥିଲେ। ପୌରାଞ୍ଚଳର ୧ ନଂ. ୱାର୍ଡରୁ ୭ ନଂ. ୱାର୍ଡ ପର୍ଯ୍ୟନ୍ତ ପୌର କର୍ମଚାରୀ ଜାବେଦ ଅଖତର ବିକାଶ ବାହନ ପରିକ୍ରମାର ପଥ ପ୍ରଦର୍ଶନ କରିଥିଲେ। ପୌରାଞ୍ଚଳର ନାଳଦାପ୍ପିଡ ହେସାବୁରୁ, ଦଲକି ବସ୍ତି, ମାଖୀ ହଟ୍, ସେଜି ହଟ୍, ଟାଟା ହଟ୍ ଆଦି ୭ ୱାର୍ଡ ବୁଲିବା ପରେ ବିକାଶ ବାହନ ବିକାଶ ମହଲଠାରେ ସନ୍ଧ୍ୟାରେ ପହଞ୍ଚିଥିଲା। ରାଜ୍ୟରେ ଭାଜପା ସରକାରଙ୍କ ୧ ବର୍ଷ ଭିତରେ କେନ୍ଦୁଝର ଯୋଜନାର ସଫଳ ରୂପାୟନ ହୋଇଛି, କେଉଁ କାମ ସବୁ ସରକାର ହାତକୁ ନେଇଛନ୍ତି, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦିର ପ୍ରଚାର ପ୍ରସାର କରିଛି ଏହି ବିକାଶ ବାହନ। ବୁଧବାର ୮ ନଂ. ୱାର୍ଡରୁ ୧୫ ନମ୍ବର ୱାର୍ଡ ପର୍ଯ୍ୟନ୍ତ ବିକାଶ ବାହନ ପରିକ୍ରମା କରିବ।

## ଡାଇରିଆ ନିରାକରଣ ପାଇଁ ନିଆଯିବ ପଦକ୍ଷେପ

ଚମ୍ପୁଆ,୧୭।୬(ମହେଶ୍ୱର ଦାସ): ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଡାଇରିଆ ନିରାକରଣ ପାଇଁ କଡ଼ା ଆଭିମୂଖ୍ୟ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ସୂଚନା ଦେଇଛନ୍ତି। ଆସନ୍ତା ୧୮ ତାରିଖରେ ଏକ ବୈଠକ ଡକାଯାଇଛି। ରାସ୍ତାକଡ଼ରେ ଥିବା ଉଠା ଜଳଖିଆ ଓ ଫାଷ୍ଟଫୁଡ ଦୋକାନ ବନ୍ଦ କରାଯିବା ସହିତ ବିଭିନ୍ନ ହୋଟେଲର ସଫାସୁତରା, ଖାଦ୍ୟର ମାନ ଯାଞ୍ଚ କରାଯିବ। ଏନ୍‌ଏସି ଅଧୀନରେ ଥିବା ଛାତ୍ରାବାସଗୁଡ଼ିକ ତଦାରଖ କରାଯିବା ସହ ପାନୀୟଜଳର ଶୁଦ୍ଧତା ଉପରେ ଗୁରୁତ୍ୱ ଦିଆଯିବ। ୱାର୍ଡଗୁଡ଼ିକରେ ବ୍ଲିଚିଂ ପକାଇବା, ଡ୍ରେନ୍ ସଫେଇ ସହ ୱାର୍ଡ ପରିବେଶର ସ୍ୱଚ୍ଛତା ପାଇଁ ସ୍ୱାସ୍ଥ୍ୟବିଭାଗ ସହାୟତାରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

**୩ ପରିବାର ହନ୍ତସନ୍ତ**

ଆନନ୍ଦପୁର,୧୭।୬(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କର୍ଣ୍ଣିପାଳ ସାଉଁଟିସାହିରେ ଲଗାଣ ବର୍ଷା ଯୋଗୁ ଘର ଭାଙ୍ଗି ୩ ପରିବାର ହନ୍ତସନ୍ତ ହେଉଛନ୍ତି। ଭାଙ୍ଗିଗଲା ଟାଇଲି ଛପର ଘର ଅଳ୍ପକେ ବର୍ତ୍ତିଗଲେ ପରିବାର ଲୋକ। ଖବରରୁ ଜଣା ପଡିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ କର୍ଣ୍ଣିପାଳ ସାଉଁଟିସାହିର ତିନିଭାଇ ଅମୂଲ୍ୟ ନାୟକ, ବଳିଆ ନାୟକ ଓ ଜଗା ନାୟକ ଏକ ଟାଇଲ ଛପର ଘରେ ରହୁଥିଲେ। ଲଗାଣ ବର୍ଷା ଫଳରେ ରବିବାର ଭୋର ୪ଟା ସମୟରେ ଘରର ଓରାଟି ଭାଙ୍ଗି ଦୁଇଟି ଟାଇଲି ଖସିପଡ଼ିଥିଲା। ପରିବାର ଲୋକେ ବାହରକୁ ପଳାଇ ଆସିବା ପରେ ସମ୍ପୂର୍ଣ୍ଣ ଟାଇଲ ଭାଙ୍ଗି ଖସିପଡ଼ିଥିଲା। ଯାହା ଫଳରେ ପରିବାର ୧୩ ଜଣ ସଦସ୍ୟା ବଡ ଧରଣର ବିପଦରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ମଙ୍ଗବାର ଦିନ ତମାମ ବର୍ଷା ଲାଗିରହିଥିବା ବେଳେ ଘରର ଆସବାବପତ୍ର, ଚାଉଳ, ଧାନ ନଷ୍ଟ ହୋଇଯାଇଥିବା ପରିବାର ଲୋକେ କହିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ମିଳିନାହିଁ । ଏନେଇ କର୍ଣ୍ଣିପାଳ ଆର୍‌ଆଇ ଜ୍ଞାନ ନାଏକଙ୍କୁ ପଚାରିବାରୁ ବୁଧବାର ଘଟଣାସ୍ଥଳକୁ ଯାଇ ତଦନ୍ତ ପରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ଝାଡ଼ାବାନ୍ତି ଆକ୍ରାନ୍ତ

ପାଟଣା,୧୭।୬(ବୀର କିଶୋର ଦାଶ): ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୨ଦିନ ମଧ୍ୟରେ ୧୦ରୁ ଅଧିକ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ ଭର୍ତ୍ତି ହୋଇଛନ୍ତି। ସମସ୍ତେ ପାଟଣା, ସାହରପଡା, ସଦର ଓ ଘଟଗାଁ ବ୍ଲକ ଅଞ୍ଚଳର ରୋଗୀ। ସୋମବାର ୨ ମହିଳା ଓ ୨ ପୁରୁଷ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ କହିଛନ୍ତି। ମଙ୍ଗଳବାର ଆଉ ୪ ଜଣ ଭର୍ତ୍ତି ହୋଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

# ଧୁମ୍‌ଧାମ୍‌ରେ ସରିଲା ରଜ ମଉଜ

କେନ୍ଦୁଝର, ୧୭।୬ (ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମ ପୋଇତୋଟାଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ରଜ ମଉଜ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଖିଲି ପାନ, ଖେଳକୁଦ, ନାଚ ଗୀତ ଓ ଦୋଳି ଖେଳରେ ଜମିଛି ରଜ ପର୍ବ। ମୁଖ୍ୟ ପରାମର୍ଶଦାତା ରସାନନ୍ଦ ଘଣାଙ୍କ ଉଦ୍ୟମରେ ଗତ ୧୩ ତାରିଖଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ରଜ ମହୋତ୍ସବ ଚାଲିଥିଲା। ପାଣିବୁହା, ପହିଲି ରଜ, ରଜ ସଂକ୍ରାନ୍ତି, ଭୂଦାନ, ଅଣସର ପଞ୍ଚମୀ, ବସୁମତୀ ସ୍ନାନ ଓ ରଜବତୀ ବିଦାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ରଜ ମହୋତ୍ସବରେ ନୃତ୍ୟ ପରିବେଷଣ।

ବିଭିନ୍ନ ଦୋଳି କାରିଗର ଉପେନ୍ଦ୍ର ନାଏକ, ବାଙ୍କୁ ନାଏକ, ବୁଦ୍ଧିଆ ନାଏକ, ରଘୁନାଥ ନାଏକ, ନୁଟା ନାଏକ ପ୍ରମୁଖଙ୍କ ଦ୍ୱାରା ତିଆରି କରାଯାଇଥିଲା। ପ୍ରତ୍ୟେକ ଦିନ ଆଖପାଖ ଅଞ୍ଚଳ ଓ ମୟୂରଭଞ୍ଜ, ଦେବଗଡ଼, ସୁନ୍ଦରଗଡ଼ ଓ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରୁ ହଜାର ହଜାର ସଂସ୍କୃତି ପ୍ରେମୀ ଓ ପରମ୍ପରାକୁ ଭଲ ପାଉଥିବା ମହିଳା, ପୁରୁଷ, କିଶୋର ଓ କିଶୋରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ସହ ଦୋଳିର ମଜା ନେଇଥିଲେ। ଶେଷଦିନ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ରଜ ମହୋତ୍ସବ କମିଟି ପକ୍ଷରୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବକୁ କେବଳ ମା', ଭଉଣୀ ମହିଳାମାନେ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥାନ୍ତି। ଆଡ଼ମ୍ବରରେ ବାଦ୍ୟ ବଜାଇ, ବାଣ ଫୁଟାଇ ମା' ଭଉଣୀମାନେ ନୃତ୍ୟ ପ୍ରଦର୍ଶନ କରିବା ସହ ଗ୍ରାମ ପରିକ୍ରମା ପରେ ଗାଁ ମୁଣ୍ଡରେ ରଜବତୀଙ୍କୁ ମେଲାଣି ଦେଇଥିଲେ। ଶାନ୍ତି ଶୃଙ୍ଖଳାରେ ମହୋତ୍ସବ ଶେଷ ହୋଇଥିବାରୁ ରଜ ମହୋତ୍ସବ କମିଟି ଓ ସେଣ୍ଡକାପ ଗ୍ରାମବାସୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।


**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (19.06.2025 - 187th & 188th E-auction)**
**IRON ORE CLO & FINES**

**No.CAD-793** : The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubna-Sakradihi Iron and Manganese Mines of Barbil Region in Keonjhar District and Khandadhar/ Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.06.2025**. For details, please visit the website of MSTC i.e. www.mstcecommerce.com

OIPR-30005/11/0208/2526 — **Chief General Manager (S&M)**

**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963
OHPC — ISO 9001-14001 18001 Certified

**NOTICE INVITING TENDER No.UIHEP-12/2025-26, DATE 12.06.2025**

**No.CAD-787:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers / channel partners / reputed supplier / service provider having similar works experirnce for the work as mentioned below.

| Description of work | Cost of tender paper (Non-refundable) in Rs. | EMD inshape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Re-filling, Hydraulic Testing & painting of different types of fire extinguishers of UIHEP, Mukhiguda | 708/- (inclusive of GST) | 1,400/- | From 19.06.2025 to 02.07.2025 up to 12.00 Hrs | 02.07.2025 (Up to 13:00 Hrs) | 02.07.2025 at 16:30 Hrs |

For details of the tender documents, terms and conditions please visit our website www.ohpcltd.com

Sd./- C&P Head, UIHEP, Mukhiguda
OIPR-04008/11/0029/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email- serwsbd2003@yahoo.com

**e- Procurement Notice for Road Works**

**No.O-298:** 1.Name of the work : Construction of Road works - (04 Nos.) 2. Class of contractor : "B" & "A" Class of (Odisha PWD) or relevant class of other licensing authority. 3. Estimated Cost : Varies from Rs.168.69 Lakhs to Rs.271.67 Lakhs (Approximately). 4.Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-05/2025-26 | 19.06.2025 at 11.00 A.M. | 03.07.2025 upto 5.00 P.M. | 02.07.2025 upto 2.00 P.M. | 04.07.2025 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender website.

OIPR-25182/11/0062/2526 — Sd./- Chief Construction Engineer, Rural Works Circle, Sunabeda

No.CAD-777
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-4604/24-25/1793 — Dated : 11.06.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the work** : **SITC of 11kV OH line for power supply to M/S Pippalad Industries LLP, Sambalpur**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ Elect/e-144/ 2025-26 | 17.06.2025 at 15.00 Hrs. | 24.06.2025 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website**.

OIPR-14003/11/0176/2526 — Sd./- Divisional Head (Elect), IDCO, Bhubaneswar

**GOVERNMENT OF ODISHA**
**OFFICE OF THE PANCHAYAT SAMITI, JAJPUR**
**'E' PROCUREMENT NOTICE**
No.i-153 **No.Tender Online 01/2025-26**

1. Name of work : Building Works
2. Total No. of Work : 19 No. of Work.
3. Estimated Cost (Approx.) : 18.33, 20.27 & 30.00 Lakhs
4. Period of Completion : 180 days
5. Class of Contractors : C & B

**Other details as follows:**
a) Procurement Officer : Block Development Officer, Jajpur
b) Availability of tender online & submission of bid : 20.06.2025 at 11.00 AM to 05.07.2025 upto 5.00 PM
c) Last date & time of seeking of tender clarification : 04.07.2025 upto 1.00 PM
d) Opening of Tender : 08.07.2025 at 11.30 A.M.

Further details can be seen from the Govt. website **www.tendersodisha.gov.in.**

**Sd./- Block Development Officer, Jajpur**
OIPR-19196/11/0001/2526

**WATCO**
**OFFICE OF THE GENERAL MANAGER, WATCO DIVISION-I, BHUBANESWAR,**
Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com
No.C-523

**NATIONAL COMPETITIVE BIDDING THROUGH e-PROCUREMENT**
Invitation For Bids (IFB)
GMWATCO-I/25/ 2025-26 Dt.10.06.2025

01 Name of the work : **12 Nos. (Twelve nos works)**
02 Estimate cost : Rs.16.57 Lakhs to 89.66 Lakhs
03 Period of completion : 6 (Six) Months
04 Class of contractor : D, C, B Class
05 Date & Time of availability of bid document in the portal : From 11.00 A.M. of Dt.23.06.2025 to 5.00 P.M. of 11.07.2025
06 Last date / time of receipt of bids in the portal : 5.00 P.M. of 11.07.2025
07 Date & Time of opening of bids : AT 12.30 P.M. of 14.07.2025
08 Name and address of the Officer Inviting Bid : General Manager WATCO Division-I, BBSR

Further details can be seen from the e-Procurement portal "https://www.tendersorissa.gov.in"

Sd./- GENERAL MANAGER, WATCO DIVISION-I, BHUBANESWAR
OIPR-13083/11/0013/2526

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
E-mail ID:cebuildings_orissa@yahoo.co.in, cebuildings@rediffmail.com, Tel.(0674)-2391523
File No.B-IV-H-(H&D)-90/2024 Lr.No.22824 Bhubaneswar, the 10th June, 2025
No.B-203 **Invitation for Bids**
**Bid Identification No.C.E.(B)-12/2025-26**

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the works (1) "Construction of 30 Bedded Community Health Centre Building at Chiliguda in the district of Kalahandi", (2) Construction of 30 Bedded Community Health Centre Building at Jaipatana in the district of Kalahandi", (3) "Construction of 30 Bedded Community Health Centre Building at Borda in the district of Kalahandi" & (4) "Construction of 30 Bedded Community Health Centre Building at Narla in the district of Kalahandi" as detailed below. | | |
| 2. | Nature of Work | : | Building Works |
| 3. | No. of Work | : | 04 Nos. |
| 4. | Bid Cost. | : | Rs.10,000/- (each) |
| 5. | Class of Contractor | : | 'A'/ Special Class |
| 6. | Availability of Bid documents in the website | : | From dt.20.06.2025 to 17.00 Hours of dt.05.07.2025 |
| 7. | Date of Opening of Bid | : | Dt.07.07.2025 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any Addendum/ Corrigendum/Cancellation of tender can also be seen in the said website only. | | |

Sd./- Chief Engineer (Buildings-I), Odisha, Bhubaneswar
OIPR-34117/11/0108/2526

No.A-299
**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Drainage Division, Jajpur**
Email id - ddck1121@gmail.com
**"e" PROCUREMENT NOTICE NO. - DDJPR-01/2025-26**

| | | | |
|---|---|---|---|
| 1 | Name of work | : | Drainage works (Under D.I.P Scheme) |
| 2 | Total No. of Project | : | 1 No. of Individual work |
| 3 | Estimated cost of individual works | : | Rs.82,12,517/- (Excluding G.S.T.) |
| 4 | Period of completion | : | 08 (Eight) Calendar Months |
| 5 | Bid Identification Number | : | **DDJPR - 02/2025-26** |
| 6 | Date & Time of availability of Bid document in the Portal | : | From Dt.18.06.2025 at 10.00 hours to Dt.02.07.2025 at 17.00 hours |
| 7 | Date of opening of bid | : | Dt.03.07.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 8 | Date of opening of Financial bid | : | Dt.11.07.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 9 | Date of Lottery (if required) | : | Dt.15.07.2025 at 11.30 Hrs in the O/o The Superintending Engineer, Drainage Division, Jajpur |
| 10 | Procurement Officer/Name & address of the Officer inviting bids | : | Superintending Engineer, Drainage Division, Jajpur |

**Further details can be seen from the Govt. Website www.tendersodisha.gov.in**

OIPR-32360/11/0002/2526 — **Sd./-Superintending Engineer, Drainage Division, Jajpur**

**OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR**
E-Mail : eebbsrrwss@gmail.com
**Quotation Call Notice No. 05 of 2025-26**

**No.O-286** : Executive Engineer, RWS&S Division, Bhubaneswar on behalf of the Governor of Odisha invities quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (MILLI-Q, ION-Meter, BOD Shaker Incubater) |
| 2 | No. of Item | 03 (Three) |
| 3 | Time for completion | 15 (fifteen) days |
| 4 | Cost of bidding document | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.17.06.2025 (10.00 A.M.) to Dt.25.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.21.06.2025 up to 4.00 P.M. |
| 7 | Date & time of opening of Quotation | Dt.26.06.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

OIPR-25011/11/0015/2526 — Sd./- Executive Engineer, RWS&S Division, Bhubaneswar

**GOVERNMENT OF ODISHA** No.B-211
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail Id:supenger_rbjyp@yahoo.co.in,Phone No-06854-231528
**INVITATIONS FOR BIDS (IFB)**
Bid Identification No.C.C.E.J.C. (R&B)-02/2025-26
No.2181 Date:11.06.2025

1. Nature of the Work : BUILDING WORKS
2. Total No. of Works : 01 (One) No.
3. Tender Cost : Rs.1.26 Crs.
4. Period of Completion : 05 (Five) Calendar Months
5. Cost of Bid Document : Rs.10,000/-
6. Bid Security (EMD) : Rs.1.26 Lacs as per Column No.06 of IFB
7. Class of Contractor : "B" & "A" Class as per Cl.No.05 of TCN & according to Financial Eligibility
8. Date & Time of availability of bid document in the portal : From 11.00 hours of 17.06.2025 to 17.00 hours of 01.07.2025
9. Last date/time for receipt of bids in the portal : 17.00 hours of 02.07.2025
10. Opening date of Bid : 10.00 hours of 02.07.2025
11. Name and address of the Officer Inviting Bid : Chief Construction Engineer Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.

OIPR-34108/11/0025/2526 — Sd./- Chief Construction Engineer, Jeypore (R&B) Circle, Jeypore

**OFFICE OF THE MUNICIPAL COUNCIL: GUNUPUR**
**e-procurement Notice**
**Tender Reference No.GUN-MUN-72/2025-26**
No.C-529 **No.1056, Dt.12.06.2025**

| | | | |
|---|---|---|---|
| 01. | Total Nos. of Works | : | One(01) No. of Civil Works |
| 02. | Approximate Estimated Cost | : | Rs.84,27,810/- |
| 03. | Period of Completion | : | Six (06) Months |
| 04. | Date & Time of availability of Bid document in the Portal | : | 11.00 Hrs. of Dt.16.06.2025 to 17.00 Hrs. of Dtd.04.07.2025 for Online Bidding |
| 05. | Last date/Time for receipt of Bids in the Portal | : | 17.00 Hrs. of Dtd.04.07.2025 |
| 06. | Name and address of the Officer Inviting Bids | : | Executive Officer, Gunupur Municipality |
| 07. | Date of Opening of Bids | : | 11.00 Hrs. on Dtd.05.07.2025 |
| 08. | Further details can be seen from the e-Procurement Portal | : | www.tendersodisha.gov.in |
| 09. | Further Addendum/ Corrigendum if any will be hosted in the above website. | | |

OIPR-13104/11/0018/2526 — Sd./- Executive Officer, Gunupur Municipality

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..........................................


ଗୁନ୍‌ଗୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଟୋମୋବାଇଲ ପରିବହନର କ୍ଷମତା ବୃଦ୍ଧି

## ଭାରତର ବୃହତ୍ତମ ଅଟୋମୋବାଇଲ ଗତିଶକ୍ତି ମଲ୍ଟି ମୋଡାଲ କାର୍ଗୋ ଟର୍ମିନାଲ ଉଦ୍‌ଘାଟିତ

**ନୂଆଦିଲ୍ଲୀ,୧୭।୬**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ହରିୟାଣାର ମାନେସରଠାରେ ଦେଶରେ ବୃହତ୍ତମ ଅଟୋମୋବାଇଲ ଗତିଶକ୍ତି ମଲ୍ଟି ମୋଡାଲ କାର୍ଗୋ ଟର୍ମିନାଲ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି, ରାଜ୍ୟ ଶିଳ୍ପମନ୍ତ୍ରୀ ରାଓ ନରବୀର ସିଂହ, ବିଧାୟକ ମୁକେଶ ଶର୍ମା ଏବଂ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ସିଇଓ ଏବଂ ପରିଚାଳନା ନିର୍ଦ୍ଦେଶକ ହିସାଶି ଟାକେଉଚି ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ମାନେସରଠାରେ ଥିବା ଏହି ପ୍ଲାଣ୍ଟଟି ପାଟଲି ରେଳଷ୍ଟେଶନ ସହ ୧୦ କିଲୋମିଟର ଡେଡିକେଟେଡ୍ ରେଳ ଲିଙ୍କ୍ ମାଧ୍ୟମରେ ସଂଯୁକ୍ତ ରହିଛି, ଯାହା ହରିୟାଣା ରେଳ ଭିତ୍ତିଭୂମି ବିକାଶ ନିଗମ (ଏଚ୍‌ଆର୍‌ଆଇଡିସି) ଦ୍ୱାରା ବିକଶିତ ୧୨୧.୭ କିଲୋମିଟର ଲମ୍ବ ହରିୟାଣା ଅର୍ବିଟାଲ୍ ରେଳ କରିଡରର ଏକ ଅଂଶ ବୋଲି କୁହାଯାଉଛି। ଏହି ୧୦କିଲୋମିଟର ଲିଙ୍କ୍‌ନିର୍ମାଣରେ ୮୦୦ କୋଟିଟଙ୍କା ନିବେଶ ହୋଇଥିଲାବେଳେ ଏଚ୍‌ଆର୍‌ଆଇଡିସି ୬୮୪ କୋଟି ଟଙ୍କାର ଅବଦାନ ଦେଇଥିଲା ଏବଂ ବାକି ପରିମାଣ ମାରୁତି ସୁଜୁକି ଦ୍ୱାରା ଯୋଗାଇ ଦିଆଯାଇଥିଲା। ଏହି ଗତି ଶକ୍ତି କାର୍ଗୋ ଟର୍ମିନାଲର ଲୋଡିଂ କ୍ଷମତା ବାର୍ଷିକ ୪.୫ ଲକ୍ଷ ଅଟୋମୋବାଇଲ ରହିଛି, ଯାହାକି ଦେଶରେ ସର୍ବାଧିକ ବୋଲି କୁହାଯାଉଛି। ଫଳରେ ମାରୁତି ସୁଜୁକିର ମାନେସର ପ୍ଲାଣ୍ଟଠାରେ ଗତି ଶକ୍ତି କାର୍ଗୋ ଟର୍ମିନାଲ ଅଟୋମୋବାଇଲ ପରିବହନର ଲଜିଷ୍ଟିକ୍ସ ଦକ୍ଷତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ।

ଏହି ସମାବେଶକୁ ସମ୍ବୋଧିତକରି ରେଳମନ୍ତ୍ରୀ ଗତ ଦଶନ୍ଧି ମଧ୍ୟରେ ଭାରତୀୟ ରେଳବାଇରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ସେହିଭଳି ଯାତ୍ରୀ ଏବଂ ମାଲ ପରିବହନ କ୍ଷେତ୍ରରେ ବୈଷ୍ଣବ କହିଛନ୍ତି, ଭାରତୀୟ ରେଳପଥ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାୟ ୭୨୦ କୋଟି ଯାତ୍ରୀ ଏବଂ ୧୬୧୭ ନିୟୁତ ଟନ୍ ମାଲ ପରିବହନ କରିଥିଲା। ଏହି ପ୍ରଦର୍ଶନ ଭାରତୀୟ ରେଳପଥକୁ ବିଶ୍ୱସ୍ତରରେ ଦ୍ୱିତୀୟ ସର୍ବାଧିକ ମାଲ ପରିବହନ ପରିମାଣ ହାସଲ କରିବାରେ ସାହାଯ୍ୟ କରିଥିଲା, ଯାହା ୨୦୨୩-୨୪ ବର୍ଷକୁ ଏକ ଐତିହାସିକ ବର୍ଷ କରିଦେଇଛି। ଯାତ୍ରୀ ସୁବିଧା ବିଷୟରେ ଉଲ୍ଲେଖ କରି ବୈଷ୍ଣବ ତତ୍କାଳ ଟିକେଟ ବୁକିଂରେ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଘୋଷଣା କରିଛନ୍ତି, ଯାହା ୨୦୨୫ ଜୁଲାଇ ୧ରୁ କାର୍ଯ୍ୟକାରୀ ହେବ। ସେ ବିକାନେର ଡିଭିଜନରେ ଚାଲିଥିବା ଏକ ପାଇଲଟ୍ ପ୍ରୋଜେକ୍ଟ ବିଷୟରେ ମଧ୍ୟ କହିଥିଲେ।


କାର୍ଗୋ ଟର୍ମିନାଲକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ଏଆଇପିଏନ୍‌ବିଓଏର ମ୍ୟାନେଜମେଣ୍ଟ ରିଲେଶନ୍ସ ମିଟିଂ



ଇସି ବୈଠକରେ ଏଆଇପିଏନ୍‌ବିଓଏର କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୭।୬ (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସର୍ବଭାରତୀୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଧିକାରୀ ସଂଘ(ଏଆଇପିଏନ୍‌ବିଓଏ)ର ଭୁବନେଶ୍ୱର ଶାଖା ପକ୍ଷରୁ ରଜପର୍ବ ପାଳିତ ହୋଇଯାଇଛି। ବିଶେଷକରି ଏଆଇପିଏନ୍‌ବିଓଏ ଭୁବନେଶ୍ୱର ଅଞ୍ଚଳ ଅନ୍ତର୍ଗତ ସମସ୍ତ ମଣ୍ଡଳର ଇସି ସଦସ୍ୟମାନଙ୍କ ସହ ରଜପର୍ବ ପାଳନ କରାଯାଇଥିଲା। ଏଥିସହ ଚଳିତ ମାସରେ ଅବସର ଗ୍ରହଣ କରିବାକୁ ଯାଉଥିବା କେତେଜଣ ସଦସ୍ୟଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସେହିଭଳି ମ୍ୟାନେଜମେଣ୍ଟ ରିଲେଶନ୍ସ ମିଟିଂ (ଏମ୍‌ଆର୍‌ଏମ୍)ରେ ଆଲୋଚନା ହେବାକୁ ଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସେହିପରି ରଜପର୍ବ ଉପଲକ୍ଷେ ସାଧାରଣ ସମ୍ପାଦକ ଦିଲୀପ ସାହାଙ୍କ ସମେତ ସମସ୍ତ ଅଂଶଗ୍ରହଣକାରୀ ପୋଡ଼ପିଠାର ଆନନ୍ଦ ଉଠାଇଥିଲେ। ଏପରିକି ସାହା ସଦସ୍ୟମାନଙ୍କ ସହ ବିଭିନ୍ନ ଅସୁବିଧା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଏମ୍‌ଆର୍‌ଏମ୍‌ର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଆଞ୍ଚଳିକ ମୁଖ୍ୟ, ଉପ ଆଞ୍ଚଳିକ ମୁଖ୍ୟ, ଏଚ୍‌ଆର୍ ମୁଖ୍ୟ ଓ ଜିଏଡି ପ୍ରମୁଖ ଉପସ୍ଥିତ ରହି ପ୍ରତିନିଧିତ୍ୱ କରିଥିଲେ। ବୈଠକ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୫ଟି ମଣ୍ଡଳର ସର୍କଲ ସମ୍ପାଦକ ଓ ସର୍କଲ ସଭାପତିମାନେ ଯୋଗଦେଇଥିଲେ।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୧୭।୬**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୧୩ (୨୧୨.୮୫) ପଏଣ୍ଟ ହ୍ରାସ ଘଟି ୮୧,୫୮୩ (୮୧,୫୮୩.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୯୩ (୯୩.୧୦) ପଏଣ୍ଟ କମି ୨୪,୮୫୩ (୨୪,୮୫୩.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ସୋଲାର ରୁଫ୍‌ଟପ୍ ସମାଧାନର ଶୁଭାରମ୍ଭ

**ଭୁବନେଶ୍ୱର,୧୭।୬**

TATA
TATA POWER

ଟାଟା ପାୱାରର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ତଥା ଭାରତର ଅଗ୍ରଣୀ ରୁଫ୍‌ଟପ୍ ସୋଲାର କମ୍ପାନୀ ଟାଟା ପାୱାର ରିନ୍ୟୁଏବଲ୍ ଏନର୍ଜି ଲିମିଟେଡ୍ (ଟିପିଆର୍‌ଇଏଲ୍) ପକ୍ଷରୁ ସୋଲାର ରୁଫ୍‌ଟପ୍ ସମାଧାନର ଶୁଭାରମ୍ଭ କରାଯାଇଛି। ଏପରିକି ଏହାର 'ଘର ଘର ସୋଲାର' ଅଭିଯାନ ଅଧୀନରେ ଓଡ଼ିଶାର ଭୁବନେଶ୍ୱରଠାରେ ଭାରତର ସବୁଠୁ ସୁଲଭ ରୁଫ୍‌ଟପ୍ ସୋଲାର ସମାଧାନର ଶୁଭାରମ୍ଭ ହୋଇଯାଇଛି।

କମ୍ପାନୀର ଗ୍ରାହକ କୈନ୍ଦ୍ରିକ ଫାଇନାନ୍ସ ମଡେଲ ଓଡ଼ିଶା ଜନସଂଖ୍ୟାର ବ୍ୟାପକ ବର୍ଗ ପାଇଁ ରୁଫ୍‌ଟପ୍ ସୋଲାରକୁ ସୁଲଭ କରିପାରିଛି। ରାଜ୍ୟର ବାସିନ୍ଦାମାନେ ୧ କିଲୋୱାଟ୍ ପାଇଁ ୨୪୯୯ଟଙ୍କା, ୨କିଲୋୱାଟ୍ ପାଇଁ ୪୯୯୯ଟଙ୍କା ଓ ୩ କିଲୋୱାଟ୍‌ପାଇଁ୭୯୯୯ ଟଙ୍କାର ସର୍ବନିମ୍ନ ଅପ୍‌ଫ୍ରଣ୍ଟ ନିବେଶ ରାଶି ପ୍ରଦାନ କରି ସୋଲାର ବ୍ୟବସ୍ଥା ସ୍ଥାପନ କରିପାରିବେ। ଏହି ଅଭିଯାନ ସୋଲାର ଗ୍ରହଣୀୟତାକୁ ଏକ ଆକାଂକ୍ଷାରୁ ଅର୍ଥନୈତିକ ଦୃଷ୍ଟିରୁ ହାସଲଯୋଗ୍ୟ ବିକଳ୍ପରେ ପରିଣତ କରିପାରିଛି। ଏହି ଅଭିଯାନରେ ଗ୍ରାହକମାନଙ୍କୁ ମୋଟ ରାଶିର ମାତ୍ର ଏକ ତୃତୀୟାଂଶ ପ୍ରଦାନ କରିବାକୁ ପଡୁଥିବାରୁ ଏହା ଆବାସିକ ରୁଫ୍‌ଟପ୍ ସୋଲାର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ସହିତ ସୌର ଶକ୍ତିକୁ ସୁଲଭ ମୂଲ୍ୟରେ ଲୋକମାନଙ୍କ ପାଖରେ ପହଞ୍ଚାଇବ।

ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା ଜରିଆରେ ଓଡ଼ିଶାର ଗ୍ରାହକମାନେ ଉଲ୍ଲେଖନୀୟ ଆର୍ଥିକ ସୁବିଧା ପାଇପାରିବେ। ଏଥିରେ ୩ କିଲୋୱାଟ୍ ପର୍ଯ୍ୟନ୍ତ ସୋଲାର ବ୍ୟବସ୍ଥା ପାଇଁ ୭୮,୦୦୦ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରାଯାଉଛି, ଯାହା ସ୍ଥାପନା ଖର୍ଚ୍ଚର ପ୍ରାୟ ୪୦% ଭରଣା କରୁଛି। ଏଥିସହ ୧ କିଲୋୱାଟ୍ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପ୍ରଦାନ କରୁଥିବା ଅତିରିକ୍ତ ୨୫ ହଜାର ଟଙ୍କାର ସବ୍‌ସିଡି, ୨ କିଲୋୱାଟ୍ ବ୍ୟବସ୍ଥା ପାଇଁ ୫୦,୦୦୦ ଟଙ୍କା ଓ ୩ କିଲୋୱାଟ୍ କିମ୍ବା ତା'ଠାରୁ ଅଧିକ ବ୍ୟବସ୍ଥା ପାଇଁ ୬୦,୦୦୦ ଟଙ୍କାର ସବ୍‌ସିଡି ଏହି ଅଭିଯାନକୁ ଆହୁରି ଦୃଢ଼ କରିପାରିଛି।


# Classified Everyday

0674-2580101, 9692975378


MATRIMONIAL

## BRIDE WANTED

ତେଲି ଜାତିର Chartered Accountant ପୁଅ ପାଇଁ ଉତ୍ତମ କନ୍ୟା ଆବଶ୍ୟକ। Mob. No.- 9438298983, 9437920196. D-75626

Wanted bride for a brahmin A.I. Engineer(5'7", 28years, 12 lakh PA) Father- Journalist, Mother- Govt. Officer. Contact: 9438618405, 9668535250. D- 958

## GROOM WANTED

ବରପାତ୍ର ଆବଶ୍ୟକ। ଜାତି ପ୍ରତିବନ୍ଧକ ନୁହେଁ। ବୟସ- 48, 5'2", B.act., Govt. Teacher. ମାସିକ ଆୟ 48000. ଯୋଗାଯୋଗ କରନ୍ତୁ। 7440732439. D-944


REAL ESTATE

## SALE

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338481309. D-71398

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-.9090746445, 7008067338.** D-76275

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950

For sale- Prime Plot, Centrally located, free hold Residential Plot, 7643sft. 72ft. frontage with 20ft. wide front and rear roads having Sewerage line, electricity, near Old Station Square, Bhubaneswar- 751006. Contact: 09861129953. D- 960




Prime location Jaydev Vihar infront of Chhapan Bhog 5-story commercial building 2nd floor 4000sqft hall type well furnished available for rent tutorial centre office setup etc. Contact- 9861443992. D- 76831

3 Office Space- 1. 2000sqft in 1st floor, 2.780sqft 2nd floor fully furnished Office, 3. 1000sqft in 3rd floor at 5- Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186. D- 76833

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEASE

**WANTED- A OPEN LAND 1 TO 3 Acres of Land on purchase or lease at PANIKOILI (Jajpur) touching to NH for Tile/ Marvel store. Contact: 7809525452.** D- 76466




Newly open SPA positively health benefits (expert therapist). Contact- 7327030529. D-76918

**Relax, Refresh your body, Mind at Saikrupa SPA with best therapies. 7848011468.** D-859

## AFFIDAVIT

Affidavit before Executive Magistrate, Notary Chatrapur, I, Rajkumari Nahak (Old name), D/o- Jutia Nahak, A/P- Madhurachua, P.S.- Rambha Ganjam, No.- 27741/03.06.25 changed my name Rajkumari Nahak to Sarojini Nahak and D/B- 05.04.1982 as per New name. Both Rajkumari Nahak and Sarojini Nahak one and same person. Henceforth, I shall be known as Sarojini Nahak for all future purposes. D-971

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Court of Executive Magistrate, Nayagarh, dt- 21.05.2025, I, Akhil Kumar Gajendra, S/o- Naba Kishor Gajendra, At- Rohisahi, P.O.- Malisahi, P.S.- Sadar, Dist.- Nayagarh declare that I have changed my daughter's name from Jyoshna Rani Gajendra to Jyotsnarani Gajendra. Henceforth, she shall be known as Jyotsnarani Gajendra for all purposes. D- 967

By virtue of affidavit sworn before the Notary Public ,Bhadrak on dated- 11 June 2025, I Ku Baijayanti Behera, Address: At- (Saratola) Saramanga, P.O.- Randia Hat, P.S.- Bhadrak(R), Dist.- Bhadrak PIN- 756135 Odisha have changed my name from Sonaxi Behera to "Baijanti Behera". Henceforth, I shall be known as Baijayanti Behera all purposes.
Sonaxi Behera. D-965

By virtue of an affidavit sworn before the Executive Magistrate, Muniguda on Dated- 17.06.2025 (SI No.- 819/25) I Dilip Takiri of Village- Gudango, P.O.- Jagdalpur, P.S.- Ambadola, Dist.- Rayagada declare that I have changed my son's name Chintu Takri to Chintu Takiri. Henceforth he shall be known as Chintu Takiri for all purpose and her date of birth is 19.08.2011. D-966

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit before Notary, Bhubaneswar on dated- 22.05.2025, I Smt. Jyoti Manjari Meher, W/o- Prem Kumar Meher resident of Qtr.No.-2 type-4, CIFA Campus, Kausalyaganga, Khurdha, PIN- 751002 hereby declare that my name is wrongly mentioned as Jyotirmayee Meher in my daughter Baishali Meher's Birth Cetificate, but in all my Official Doccuments, I am known as Jyoti Manjari Meher and shall be known for all purpose in the same name.
Jyoti Manjari Meher D- 963

By virtue of an affidavit sworn before Executive Magistrate, Nayagarh, C.F. No.1/6, Dated- 17.06.2025, I, Manjulata Behera, Address: At- Majhiakhanda, P.O.- Bhaliadihi, P.S.- Sarankul, Dist.- Nayagarh, PIN- 752092, declare that I have changed my name from Manjubala Behera to Manjulata Behera. Henceforth, I shall be known as Manjulata Behera for all purposes.
Manjulata Behera D-961

By virtue of an affidavit sworn before the Executive Magistrate, Boudh No.- 914, Dated- 06.06.25, I, Bipina Biswal R/o. Village- Tulasipur, P.O.- Palaspat, P.S./ Dist.- Boudh, Odisha, PIN- 762014 declare that I have changed my name from Bipinabihari Biswal to Bipina Biswal. Henceforth, I shall be known as Bipina Biswal for all purposes.
Bipina Biswal D-962

# ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପ୍ରୀତି ଲତା ପଣ୍ଡା**

ଗ୍ରାମ: ବାଙ୍କୁଆଳ, ଭୁବନେଶ୍ୱର-୨
ଆବିର୍ଭାବ: ୦୯।୦୨।୧୯୬୭
ତିରୋଧାନ: ୦୭।୦୬।୨୦୨୫
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଏବଂ ନାତି/ନାତୁଣୀମାନେ ଖୁସି, ଶ୍ରଦ୍ଧା, ଗୁନ୍ନୁ, ଗୁଡୁନ୍ନୁ, ଆହ୍ୱାନ, ଶିଦ୍ଧି
ଧ-୭୬୦୬୩

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ରଞ୍ଜନ କୁମାର ନାୟକ (କୁନା)**

ଚୋରଦା, ଯାଜପୁର ରୋଡ୍
ଆବିର୍ଭାବ: ୨୬. ୦୭. ୧୯୫୯
ତିରୋଧାନ: ୦୮.୦୬.୨୦୨୫
ତୁମର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, କର୍ତ୍ତବ୍ୟନିଷ୍ଠା ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, କନ୍ୟା, ଜ୍ୱାଇଁ, ଭଉଣୀ, ଭିଣୋଇ, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୯୬୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଦୀନବନ୍ଧୁ ମହାନ୍ତି**

ସ୍ଥାନ: ଆଖଣ୍ଡଳମଣୀ ମନ୍ଦିର, ସେକ୍ଟର-୭, କଟକ
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବନ୍ଧୁ ଏବଂ ପରିବାରବର୍ଗ
ଧ-୯୨୦

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



## ପୁରୁଣା ଗୋଲାପ ଡାଳ କାଟୁଥିଲେ...

**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟିଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

# ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ



ଡା. ବୀର କିଶୋର ପରିଡ଼ା

**କ**ଥାରେ ଅଛି "ତୀରଣ ସୁନ୍ଦର ଗୋରୁ" । ଅର୍ଥାତ ଗୋରୁଗାଈଙ୍କର ମୁଖ୍ୟ ଖାଦ୍ୟ ହେଲା – ଘାସ । ଘାସ ଖାଇଲେ ଗୋରୁଗାଈଙ୍କର ସ୍ୱାସ୍ଥ୍ୟ ଭଲ ରୁହେ । ଦୁହାଁଳିଆ ଗାଈ ଘାସ ଖାଇଲେ ବେଶୀ ଦୁଗ୍ଧ ଦିଅନ୍ତି । ଗର୍ଭିଣୀ ଗାଈ ବା ଛଡ଼ାର ସ୍ୱାସ୍ଥ୍ୟ ଠିକ୍ ରହିବା ସହିତ ତା'ର ଶରୀରରେ ବଢୁଥିବା ଭ୍ରୂଣ ବା ଛୁଆର ସ୍ୱାସ୍ଥ୍ୟ ରକ୍ଷା ଠିକ୍ ରହିଥାଏ । ଏଥି ସହିତ ଗାଈ, ଛଡ଼ା, ମଇଁଷି, ଷଣ୍ଢ ଆଦି ପ୍ରାଣୀଙ୍କ ପ୍ରଜନନ ଦକ୍ଷତା ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ସବୁଜ ଘାସରେ ଅଧିକ ପୁଷ୍ଟିକର ଯୁକ୍ତ ଖାଦ୍ୟସାର ରହିବା ସହିତ ଶ୍ୱେତସାର ଓ ଭିଟାମିନ୍ 'କ' ପ୍ରସ୍ତୁତକାରୀ ବିଟା – କାରୋଟିନ୍, ଧାତବ ଲବଣ ଯଥା:– କ୍ୟାଲସିୟମ, ଫସ୍‌ଫରସ୍, ମ୍ୟାଗ୍ନେସିୟମ୍, ଲୌହ, କପର, କୋବାଲଟ ଆଦି ନିହିତ ଥାଏ, ଯାହାକି ପ୍ରାଣୀଙ୍କ ଶରୀରର ଗଠନ, ଉତ୍ପାଦନ ଓ ଉତ୍ପାଦକତା ଶକ୍ତି ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଥାଏ । ସବୁଜ ଘାସରେ ଥିବା ରସ ବା ଜୈବିକ ପଦାର୍ଥରେ ରୋଗପ୍ରତିରୋଧକ ଶକ୍ତି ନିହିତ ଥିବା ଯୋଗୁ ପ୍ରାଣୀଙ୍କୁ ବିଭିନ୍ନ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରେ । କେବଳ ସେତିକି ନୁହେଁ – ଗୋପାଳକମାନେ ସେମାନେ ପାଳିଥିବା ଉନ୍ନତ ଗାଈଙ୍କୁ ସବୁଜ ଖାଦ୍ୟ ଫସଲ ଖାଇବାକୁ ଦେବା ଦ୍ୱାରା ଗୋପାଳନରେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମିଯିବା ଯୋଗୁ ଅଧିକ ଲାଭବାନ ହୋଇଥାନ୍ତି । ସବୁଜ ଗୋଖାଦ୍ୟ ଫସଲ କହିଲେ ଅନ୍ୟାନ୍ୟ ଫସଲ ଯଥା – ଧାନ, ମୁଗ, ବିରି, ହରଡ଼, ଗହମ ଇତ୍ୟାଦି ଫସଲ ଭଳି ସ୍ୱତନ୍ତ୍ର ପ୍ରଣାଳୀରେ ଘାସ ଚାଷକୁ ହିଁ ବୁଝାଇଥାଏ । ବିଲବାଡ଼ି, ଦଣ୍ଡା, ଗୋଚରରେ ବଢୁଥିବା ଘାସଠାରୁ ଏସବୁ ସ୍ୱତନ୍ତ୍ର କିସମର ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ସମ୍ପୂର୍ଣ୍ଣ ଭିନ୍ନ । ଏପରି ଘାସ ପତ୍ର ବହୁଳ, ରସାଳଯୁକ୍ତ, ସୁସ୍ୱାଦୁ ଓ ବିଭିନ୍ନ ଖାଦ୍ୟସାରରେ ଭରପୂର ଥିବାରୁ ଏହା କମ୍ ତନ୍ତୁଯୁକ୍ତ ଥିବାରୁ ଗାଈଗୋରୁମାନେ ଆଗ୍ରହର ସହିତ ଖାଇଥାନ୍ତି ଏବଂ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ରୁହେ । ଆମ ଚାଷୀଭାଇମାନେ ପାରମ୍ପରିକ ରୀତିରେ ଖାଦ୍ୟ ମନୁଷ୍ୟ ଉପଯୋଗୀ ଫସଲ ଚାଷ କରିବା ସହିତ ଆମଦାନୀ ବୃଦ୍ଧି ନିମନ୍ତେ ବିଭିନ୍ନ ରାସାୟନିକ ସାର ଓ କୀଟନାଶକ ଔଷଧର ବହୁଳ ବିନିଯୋଗ ଯୋଗୁ ପରିବେଶରେ କୁପ୍ରଭାବ ପକାଇବା ସହିତ ଆମ ଶରୀରରେ ନାନା ପ୍ରକାର ରୋଗ ସୃଷ୍ଟି କରିଥାଏ । କିନ୍ତୁ ଉନ୍ନତ ସବୁଜ ଗୋଖାଦ୍ୟ ଉତ୍ପାଦନ ନିମନ୍ତେ ସ୍ୱଳ୍ପ ପରିମାଣର ସାରର ଆବଶ୍ୟକତା ବା ଅନାବଶ୍ୟକତା ଥିବା ବେଳେ କୀଟନାଶକ ପଦାର୍ଥର ବ୍ୟବହାର ଆଦୌ କରାଯାଏ ନାହିଁ । ବ୍ୟୟ ବହୁଳ ଚାଷ କରି ଆମର ଚାଷୀଭାଇମାନେ ଏକ ଏକର ଜମିରୁ ଆଶାନୁରୂପ ଆୟ ପାଇବା ପାଇଁ ପାଣି ପାଗ ଉପରେ ନିର୍ଭର କରୁଥିବା ବେଳେ ଉପଯୁକ୍ତ ଭାବରେ ଏକ ଏକର ଜମିରେ ଉନ୍ନତ କିସମର ସବୁଜ ଗୋଖାଦ୍ୟ ଚାଷ କରି ୪୦୦ରୁ ୫୦୦ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦନ କରିପାରିଲେ ୪ ରୁ ୫ଗୋଟି ସଙ୍କର ଗାଈ ପାଳନ କରି ଦୈନିକ ୪୦ ରୁ ୫୦ ଲିଟର ଦୁଗ୍ଧ ଉତ୍ପାଦନ କରିପାରିବା । ଏହି ସବୁଜ ଗୋଖାଦ୍ୟ ଖୁଆଇବା ଦ୍ୱାରା ଗୋଟିଏ ଗାଈ ପ୍ରତି ୨ କିଗ୍ରା ପର୍ଯ୍ୟନ୍ତ ଦାନା ଜାତୀୟ ଗୋଖାଦ୍ୟ ସଞ୍ଚୟ କରାଯାଇପାରିବ । ଫଳରେ ଦୈନିକ ୧୦କିଗ୍ରା ଦାନାର ମୂଲ୍ୟ ବାବଦକୁ ହାରାହାରି ୨୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରାଯାଇପାରିବ । ଏତଦ୍‌ବ୍ୟତୀତ ଗାଈଙ୍କୁ ଦୈନିକ ୨୫ରୁ ୩୦ କିଗ୍ରା ଘାସ ଖାଇବାକୁ ଦେବା ଫଳରେ ଦୈନିକ ୫ଲିଟର ଅଧିକ ଦୁଗ୍ଧ ପାଇବା ସହିତ ଗାଈଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ବ୍ୟୟ ହ୍ରାସ ଘଟିପାରିବ । ଚାରିରୁ ୫ଗୋଟି ଗାଈ ପାଳନ କରି ଗୋଟିଏ ଗୋବର ଗ୍ୟାସ ପ୍ଲାଣ୍ଟ ବସାଇ ସେଥିରୁ ମାସିକ ଜାଳେଣି ଖର୍ଚ୍ଚ ମିଳିପାରିବ ଏବଂ ଗୋବର ଖତକୁ ସାରର ବିକଳ୍ପ ଭାବେ ବିନିଯୋଗ କଲେ କ୍ଷେତରେ ସାର ପ୍ରୟୋଗ ଯଥେଷ୍ଟ ହ୍ରାସ ପାଇପାରିବ। ଚଳିତବର୍ଷ ପାଣିପାଗ ବିଶେଷଜ୍ଞଙ୍କ ମତାମତ ଅନୁଯାୟୀ, ମୌସୁମୀ ବର୍ଷା ଠିକ୍ ସମୟରେ ଆରମ୍ଭ ହୋଇଅଛି । ତେଣୁ ଜୁନ୍ ଓ ଜୁଲାଇ ମାସ ମଧ୍ୟରେ ଗୋପାଳକମାନେ ବର୍ଷବ୍ୟାପୀ ବା ସବୁଦିନିଆ ଗୋଖାଦ୍ୟ ଫସଲ ଅନ୍ୟାନ୍ୟ ଫସଲ ଭଳି ଚାଷ କରି ଗାଈଙ୍କୁ ଖାଇବାକୁ ଦେଲେ, ଗୋପାଳନ ନିଶ୍ଚୟ ଏକ ଲାଭଜନକ ଉଦ୍ୟୋଗ ଭାବେ ପରିଗଣିତ ହେବ, ଏଥିରେ ସନ୍ଦେହ ନାହିଁ। ଏହି ବର୍ଷବ୍ୟାପୀ ସବୁଦିନିଆ ଫସଲ ଚାଷ କଲେ ବର୍ଷ ବର୍ଷ ଧରି ଅମଳ ମିଳିଥାଏ। ସବୁଦିନିଆ ଫସଲ ମଧ୍ୟରେ ବିଭିନ୍ନ କିସମର ଶସ୍ୟଜାତୀୟ ଫସଲ ହେଲା – ସଙ୍କର ହାତିଆ ଘାସ, ଗିନି ଘାସ, ପାରା ଘାସ, ନନ୍ଦି ଘାସ (ସେଟାରିଆ) ରୋଡ଼ସ୍, ସିଗ୍‌ନାଲ, କଙ୍ଗୋ ସିଗ୍‌ନାଲ, ମୋଲାସେସ୍, ହିମିଡ଼ିକୋଲା ଇତ୍ୟାଦି। ସେହିପରି ବର୍ଷବ୍ୟାପୀ ଛୁଇଁ ଜାତୀୟ ସବୁଜ ଗୋଖାଦ୍ୟ ଫସଲ ହେଲା – ଷ୍ଟାଇଲୋ, ସେଣ୍ଟ୍ରୋ, ସିରୋଟ୍ରୋ ଇତ୍ୟାଦି। ଏସବୁ କିସମର ଘାସ ଜମିରେ ଥରେ ଲଗାଇଲେ, ୪–୫ବର୍ଷ ପର୍ଯ୍ୟନ୍ତ ଅମଳ ଦେଇଥାଏ । ସବୁଜ ଗୋଖାଦ୍ୟ ପାଇଁ ବିଭିନ୍ନ ଝଙ୍କାଳିଆ ପତ୍ର ବହୁଳ ଗଛ ଯଥା: ସୁବାବୁଲ (କେଳି କଦମ୍ବ), ବବୁଲ, ଶିରିଶ, କାଞ୍ଚନ, ଅର୍ଜୁନ, ଅଗସ୍ତି ଆଦି ବିଲହିଡ଼, ବାଡ଼, ଫାର୍ମ ଚାରିପଟେ ଲଗାଇ ଦେଲେ ପତ୍ର ଓ କଅଁଳିଆ ଡାଳକୁ ବର୍ଷାର ତିରୋଟ ସମୟରେ ଗାଈଗୋରୁ, ମଇଁଷି, ଓ ମେଣ୍ଢାମାନଙ୍କ ଖାଦ୍ୟରୂପେ ବ୍ୟବହାର କରାଯାଇପାରିବ ।

> "ସବୁଜ ଘାସରେ ଥିବା ରସ ବା ଜୈବିକ ପଦାର୍ଥରେ ରୋଗପ୍ରତିରୋଧକ ଶକ୍ତି ନିହିତ ଥିବା ଯୋଗୁ ପ୍ରାଣୀଙ୍କୁ ବିଭିନ୍ନ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରେ । ସବୁଜ ଗୋଖାଦ୍ୟ ଫସଲ କହିଲେ ଅନ୍ୟାନ୍ୟ ଫସଲ ଯଥା - ଧାନ, ମୁଗ, ବିରି, ହରଡ଼, ଗହମ ଇତ୍ୟାଦି ଫସଲ ଭଳି ସ୍ୱତନ୍ତ୍ର ପ୍ରଣାଳୀରେ ଘାସ ଚାଷକୁ ହିଁ ବୁଝାଇଥାଏ। ବିଲବାଡ଼ି, ଦଣ୍ଡା, ଗୋଚରରେ ବଢୁଥିବା ଘାସଠାରୁ ଏସବୁ ସ୍ୱତନ୍ତ୍ର କିସମର ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ସମ୍ପୂର୍ଣ୍ଣ ଭିନ୍ନ ।"



**ମୃତ୍ତିକା ଓ ଜଳବାୟୁ**

ସଙ୍କର ହାତିଆ ଘାସ (ଏନ୍.ବି.–୨୧, ସି.ଓ.–୧, ସି.ଓ–୩, ସି.ଓ–୪) ହେଉଛି ଅଧିକ ଅମଳକ୍ଷମ ଘାସ ମଧ୍ୟରେ ଏହା ସର୍ବପ୍ରଥମ ଏବଂ ଏହା ବ୍ୟବସାୟଭିତ୍ତିକ ସବୁଜ ଗୋଖାଦ୍ୟ ଫସଲ ଭାବେ ଗ୍ରହଣ କରାଯାଏ । ଉଚ୍ଚ, ନିଗିଡ଼ା, ବାଲିଆ, ଦୋରସା ମାଟିରେ ହାତିଆ ଘାସ ଓ ଗିନି ଘାସ ବେଶ୍ ଭଲ ହୁଏ । ପାଣି ଜମୁଥିବା ବା ଓଦା ସନ୍ତସନ୍ତିଆ ଜମିରେ ପାରାଘାସ ବେଶ୍ ଉପଯୋଗୀ । ଲୁଣା ମାଟିରେ ରୋଡସ୍ ଘାସ ଫସଲ କରିବା ଉଚିତ । ଜଳଛାୟା ଅଞ୍ଚଳରେ ଷ୍ଟାଇଲୋ ଘାସ ଭଲ ହୁଏ । ଗଛ ଛାଇ ଜାଗାରେ ଗିନିଚାଷ ମଧ୍ୟ କରାଯାଇପାରିବ। ବବୁଲ ଓ ଶିରିଶ ଗଛ ମରୁଡ଼ି ସହନଶୀଳ ଏବଂ ଉଭୟ ଅମ୍ଳ ଓ କ୍ଷାରୀୟ ମୃତ୍ତିକାରେ ଭଲ ବଢ଼ିପାରେ । ନିଗିଡ଼ା ଓ ଦୋରସା ମାଟିରେ ଶିଶୁଗଛ ଭଲ ବଢ଼େ । ମରୁଡ଼ି ସହନଶୀଳ ଘାସ ହିମିଡ଼ିକୋଲା କମ୍ ବୃଷ୍ଟିରେ ବଢ଼ିପାରେ । ହିମିଡ଼ିକାଲ ଓ ପାରା ଘାସ ଏକ ଜାତୀୟ ଓ ପ୍ରାୟ ଦେଖିବାକୁ ଏକାପରି ।

**ଚାଷ ପ୍ରଣାଳୀ :** ହାତିଆ ଓ ଗିନିଘାସ ଫସଲ ଚାଷ ପାଇଁ ପ୍ରଥମେ ୩/୪ ଓଡ ଗଭୀର ଚାଷ କରିବାକୁ ହେବ । ତା' ପରେ ମଇ ଦେଇ ମାଟିକୁ ସମତୁଲ କରିବାକୁ ପଡ଼ିବ। ଏହା ପରେ ଧାଡ଼ିକୁ ଧାଡ଼ି ୩ଫୁଟ ଓ ଗଛକୁ ଗଛ ୨.୫ଫୁଟ ବ୍ୟବଧାନରେ ୧୫ ସେମିର ଗଭୀର ଗାତ ଖୋଳି ସେଥିରେ ଜୈବିକ ବା ଗୋବର ଖତ ସହ ଏକର ପ୍ରତି ୧୦ଗାଡ଼ି ଗୋବର ଖତ ଦେଇ ଜମି ପ୍ରସ୍ତୁତ କରିବାକୁ ହେବ । ପରେ ସେହି ଗାତଗୁଡ଼ିକରେ ହାତିଆ ବା ଗିନି ଘାସର କାଣ୍ଡ ବା ମୂଳକୁ ତେରଛା ଭାବରେ ରୋପଣ କରିବା ଆବଶ୍ୟକ । ପାଣି ଜମୁଥିବା ବା ସନ୍ତସନ୍ତିଆ ଜାଗାରେ କିମ୍ବା ଜମିହୁଡ଼ା, କେନାଲ ବା ପୋଖରୀ ବନ୍ଧ ବା ଖାଲ ସ୍ଥାନମାନଙ୍କରେ ପାରା ଘାସର ମୂଳ ବା କାଣ୍ଡକୁ ପୋତି ଦେବାକୁ ହେବ । ଗିନି ଘାସର ଧାଡ଼ି ଓ ଗଛ ମଧ୍ୟରେ ବ୍ୟବଧାନ ଯଥାକ୍ରମେ ୨ ଫୁଟ ଓ ୧ଫୁଟ ରଖାଯାଏ। ଛୁଇଁଜାତୀୟ ଘାସ ମଧ୍ୟରେ ଷ୍ଟାଇଲେ ଘାସ ହେଉଛି ଅଧିକ ପୁଷ୍ଟିଯୁକ୍ତ ଓ ମରୁଡ଼ି ସହଣିକ। ଏ ପ୍ରକାର ଘାସର ଚାଷ ପାଇଁ ଜମିକୁ ବିଶେଷ ପ୍ରସ୍ତୁତ କରିବାକୁ ପଡ଼େ ନାହିଁ। (କ୍ରମଶଃ..)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨



## ଫଳ ବଗିଚା ପାଇଁ ଜମି ପ୍ରସ୍ତୁତି

**ଆ**ମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି. , ନଡ଼ିଆ – ୧ ମି. x ୧ ମି. x ୧ ମି. , କଦଳୀ – ୦.୪ ମି. x ୦.୪ ମି. x ୦.୪ ମି., କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ନୂତନ ଗଛଗୁଡ଼ିକରେ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ । ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରିଦିଅନ୍ତୁ।

## ଗୁହାଳରେ ମଶା, ମାଛି ଉପଦ୍ରବ କରୁଥିଲେ...



**ମ**ଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ସମ୍ଭାବନା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । କୁକୁଡ଼ାଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ବର୍ଷାଋତୁରେ ଗୋ–ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ସମ୍ଭାବନା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ–ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖନ୍ତି । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପଶୁମାନଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ସମ୍ଭାବନା ଥାଏ ।

## ଡାଲୁଅ ଧାନରେ ପୋକ ଦମନ

**ଡା**ଲୁଅ ଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ–୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮–୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍‌ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛମୂଳରେ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।




## ସଅଳ କିସମ ଡାଲି ଜାତୀୟ ବିହନ




**ଆ**ଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨–୩, ଆଇପିଏମ୍ ୦୨–୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ। ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁ ସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ। ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତ। ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ। ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ ।

## ପନିପରିବା ଚାଷ ସମୟରେ...

**ବ**ର୍ଷାଦିନେ ସାଧାରଣତଃ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡ଼ଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨–୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ୭ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩–୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୫–୭ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାରଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ।



ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜୁନ୍ ୧୮/୨୦୨୫ Bhubaneswar, Wednesday, June 18/ 2025







ଖଣ୍ଡିତରରେ ଅନୁଷ୍ଠିତ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତାର ପୁରୁଷ ଓ ମହିଳା ବିଭାଗରେ ଯୁଗ୍ମ ବିଜେତା ଘୋଷିତ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ବର୍ଷା ଯୋଗୁ ମହିଳା, ପୁରୁଷରେ ଯୁଗ୍ମ ବିଜେତା

## ସର୍ବଭାରତୀୟ କବାଡ଼ି

ରସୁଲପୁର, ୧୭।୬ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର କବାଡ଼ି ଷ୍ଟାଡିୟମରେ ୭୦ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ଶେଷ ହୋଇଛି। ଅନ୍ତିମ ଦିବସ ଖେଳ ବର୍ଷାରେ ଧୋଇଯିବାରୁ ଯୁଗ୍ମ ବିଜେତା ଘୋଷଣା କରାଯାଇଛି ଏବଂ ପୁରସ୍କାର ରାଶିକୁ ଫାଇନାଲିଷ୍ଟଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯାଇଛି। ମହିଳା ବିଭାଗରେ ଦକ୍ଷିଣ-ପୂର୍ବ ରେଳପଥ ଓ ପୂର୍ବ ରେଳପଥ ଏବଂ ପୁରୁଷ ବିଭାଗରେ ବିଳାସପୁର ଓ ପୁରୀ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଛି। ସୋମବାର ରାତିପ୍ରାୟ ୧ଟାରେ ଟ୍ରଫି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦଳ ଭାବେ ଉଭୟ ବର୍ଗର ସେମିଫାଇନାଲରୁ ହାରିଥିବା ମହିଳା ବିଭାଗରୁ ଭୁବନେଶ୍ୱରର କିଟ୍ ଓ ପଶ୍ଚିମବଙ୍ଗର ଅଶୋକ ସଂଘ ଏବଂ ପୁରୁଷ ବିଭାଗରୁ ଦିଲ୍ଲୀ ଓ ଭୋପାଳକୁ ପୁରସ୍କୃତ କରାଯାଇଥିଲା। ବର୍ଷା ଯୋଗୁ ଖେଳ ସମ୍ଭବ ନ ହେବାରୁ ଅଫିସିଆଲଙ୍କ ନିଷ୍ପତ୍ତି ଆଧାରରେ ଆୟୋଜକମାନଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିଲା।

ଉଦ୍‌ଯାପନୀ ଦିବସରେ ଆୟୋଜିତ ପୁରୁଷ ବିଭାଗର ପ୍ରଥମ ସେମିଫାଇନାଲ୍‌ରେ ବିଳାସପୁର ଟିମ୍ ଭୋପାଳ ଦଳକୁ ୩୯-୨୧ ପଏଣ୍ଟରେ ପରାସ୍ତ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ୪୩-୧୦ରେ ଦିଲ୍ଲୀକୁ ପରାସ୍ତକରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ମହିଳା ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍ ପୂର୍ବ ରେଳପଥ ଓ କିଟ୍-ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ୩୪-୧୦ ପଏଣ୍ଟରେ ଶେଷ ହୋଇଥିଲା। ରେଳପଥ ଦଳ କିଟ୍ ଦଳକୁ ୨୪ ପଏଣ୍ଟ ବ୍ୟବଧାନରେ ପରାସ୍ତକରି ଫାଇନାଲକୁ ଉନ୍ନୀତ ହୋଇଥିବା ବେଳେ ଦ୍ୱିତୀୟ ଦଳ ଭାବରେ ଦକ୍ଷିଣ-ପୂର୍ବ ରେଳପଥ ପ୍ରତିପକ୍ଷ ଅଶୋକ ସଂଘକୁ ୪୦-୧୫ ପଏଣ୍ଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ରୋଟାରିଆନ ମିନତି ସାହୁ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଆସୋସିଏଶନ ସଭାପତି ପ୍ରଦୀପ କୁମାର ସେଠୀ, ସମ୍ପାଦକ ସମରେନ୍ଦ୍ର ଦାଶ, ଉପସଭାପତି ଅଭୟ କୁମାର ମହାନ୍ତି, ଫାଲ୍‌ଗୁନି ବିଭୁକଲ୍ୟାଣ ଦାସ, ରବୀନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ବିଜୟୀ ଅଧିନାୟକଙ୍କୁ ପଟୌଦି ପଦକ

## ଭାରତ-ଇଂଲଣ୍ଡ ସିରିଜ୍

ନୂଆଦିଲ୍ଲୀ, ୧୭।୬(ପି.ଟି.)

ପଟୌଦି ନାମ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସିରିଜ୍‌ର ଅଂଶବିଶେଷ ହୋଇ ରହିବ। ଆସନ୍ତା ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ର ବିଜୟୀ ଅଧିନାୟକଙ୍କୁ ରାଜପରିବାର ନାମରେ ରଖାଯାଇଥିବା ପଟୌଦି ମେଡାଲ ପ୍ରଦାନ କରାଯିବ। ପଟୌଦି ଟ୍ରଫିର ନାମକୁ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିରେ ପରିବର୍ତ୍ତନ କରିବା ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ(ଇସିବି)ର ନିଷ୍ପତ୍ତି ଥିଲା। ଏ ସଂକ୍ରାନ୍ତରେ ଗତ ସପ୍ତାହରେ ଲର୍ଡ୍ସରେ ଡବ୍ଲ୍ୟୁଟିସି ଫାଇନାଲ ବେଳେ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବାର ଥିଲା। କିନ୍ତୁ ଅହମଦାବାଦ୍‌ରେ ମର୍ମନ୍ତୁଦ ବିମାନ ଦୁର୍ଘଟଣା ପରେ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା। ଟ୍ରଫିର ନାମ ବଦଳାଇବା ନିଷ୍ପତ୍ତି ଲାଗି ଇସିବିକୁ ଭାରତର ମହାନ୍ କ୍ରିକେଟର ସୁନୀଲ ଗାଭାସ୍କର ପ୍ରବଳ ସମାଲୋଚନା କରିଥିଲେ। ଏପରିକି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ମଧ୍ୟ ନିଜେ ଇସିବିକୁ ପଟୌଦି ନାମକୁ ସିରିଜ୍ ସହ ଯୋଡ଼ିରଖିବାକୁ ଅନୁରୋଧ କରିଥିଲେ। ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କର ମଧ୍ୟ ଏଥିରେ ଭୂମିକା ରହିଛି। ଅନୁରୋଧରେ ଇସିବି ରାଜି ହୋଇ ବିଜୟୀ ଅଧିନାୟକଙ୍କୁ ପଟୌଦି ମେଡାଲ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି।

# ମନ୍ଧାନା ପୁଣି ନମ୍ବର ୱାନ୍

ଦୁବାଇ, ୧୭।୬ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ର ମହିଳା ଦିନିକିଆ ବ୍ୟାଟିଂ ର୍‌ୟାଙ୍କିଂ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲାଉରା ଓଭାର୍ଡଟ ୧୯ ରେଟିଂ ପଏଣ୍ଟ ହରାଇବାରୁ ଭାରତ ଉପଅଧିନାୟିକା ସ୍ମୃତି ମନ୍ଧାନା ୨୦୧୯ ପରେ ପ୍ରଥମଥର ନମ୍ବର ୱାନ୍ ସ୍ଥାନ ଅଧିକାର କରିନେଇଛନ୍ତି। ମନ୍ଧାନାଙ୍କ ରେଟିଂ ପଏଣ୍ଟ ୭୨୭ରେ ପହଞ୍ଚିଥିବା ବେଳେ ତାଙ୍କ ପଛକୁ ଇଂଲଣ୍ଡ ଅଧିନାୟିକା ନାଟାଲି ସ୍କିଭର-ବ୍ରଣ୍ଟ(୭୧୯) ଏବଂ ଓଭାର୍ଡଟ (୭୧୯) ରହିଛନ୍ତି। ପରବର୍ତ୍ତୀ ଦୁଇ ଭାରତୀୟ ବ୍ୟାଟର ଜେମିମା ରୋଡ୍ରିଗୁଏଜ ଓ ହରମନପ୍ରୀତ୍ କୌର ଯଥାକ୍ରମେ ୧୪ ଓ ୧୫ତମ ସ୍ଥାନରେ ରହିଛନ୍ତି। ଚଳିତ ମାସ ପରବର୍ତ୍ତୀ ଭାଗରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଅନ୍ତର୍ଜାତୀୟ ଟି୨୦ ଓ ୩ଟି ଅନ୍ତର୍ଜାତୀୟ ଦିନିକିଆ ଖେଳାଯିବ। କିଛିବର୍ଷ ହେଲା ମନ୍ଧାନା ଅନ୍ତର୍ଜାତୀୟ ବ୍ୟାଟର ତାଲିକାର ଟପ୍ ୧୦ରେ ରହିଆସୁଛନ୍ତି। ହେଲେ ଏହି ବାମହାତୀ ଖେଳାଳି ୨୦୧୯ ପରଠାରୁ ୬ ବର୍ଷ ହେଲା ଥରେହେଲେ ପ୍ରଥମ ସ୍ଥାନ ଅଧିକାର କରିପାରି ନ ଥିଲେ। ନିକଟରେ କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ତ୍ରିରାଷ୍ଟ୍ରୀୟ ଫାଇନାଲରେ ସେ ଏକ ଚମତ୍କାର ଶତକ ହାସଲ କରିଥିଲେ। ତାଙ୍କର ଏହି ଅବଦାନ ବଳରେ ସେ ରେଟିଂ ପଏଣ୍ଟରେ ଓଭାର୍ଡଟଙ୍କୁ ପଛରେ ପକାଇ ଦେଇଥିଲେ।

# ପରାଜୟ ସହ ଭାରତ ଅଭିଯାନ ଶେଷ

ଅଟ୍ରେଚ୍, ୧୭।୬(ପି.ଟି.)

ଭାରତର ଜୁନିୟର ମହିଳା ହକି ଦଳ ଏହାର ୟୁରୋପ ଟୁର୍ ପରାଜୟ ସହ ଶେଷକରିଛି। ନିର୍ଦ୍ଧାରିତ ସମୟ ଖେଳ ଗୋଲ୍‌ଶୂନ୍ୟ ରହିବାପରେ ମଙ୍ଗଳବାର ଦଳ ଶୁଟ୍‌ଆଉଟରେ ୨-୩ରେ ନେଦରଲାଣ୍ଡଠାରୁ ହାରିଯାଇଛି। ଏହି ମ୍ୟାଚ୍ ପୂର୍ବରୁ ଦଳ କ୍ରମାଗତ ୪ଟି ମ୍ୟାଚ୍‌ରେ ବିଜୟଲାଭ କରିଥିଲା। ତନ୍ମଧ୍ୟରୁ ବେଲ୍‌ଜିୟମ ବିପକ୍ଷ ତିନୋଟି ଏବଂ ଅଷ୍ଟ୍ରେଲିଆ ବିପକ୍ଷ ଗୋଟିଏ ମ୍ୟାଚ୍‌ରେ ଦଳ ବିଜୟୀ ହୋଇଥିଲା। ମ୍ୟାଚ୍‌ର ୪ଟି କ୍ୱାର୍ଟରରେ ଉଭୟ ଦଳ ଗୋଲ୍ ଦେବାର ସୁଯୋଗ ପାଇଥିଲେ। ମାତ୍ର ଚମତ୍କାର ରକ୍ଷଣ ଯୋଗୁ କେହି ଗୋଲ ଦେବାରେ ସମର୍ଥ ହୋଇପାରି ନ ଥିଲେ। ଫଳରେ ମ୍ୟାଚ୍ ଶୁଟ୍‌ଆଉଟକୁ ଚାଲିଯାଇଥିଲା। ଏଥିରେ ଭାରତ ତରଫରୁ ଲାଲ୍‌ରିନ୍‌ପୁଇ ଓ ପ୍ରିୟଙ୍କା ଯାଦବ ଗୋଟିଏ ଲେଖାଏ ଗୋଲ୍ ଦେବାରେ ସଫଳ ରହିଥିଲେ। ନେଦରଲାଣ୍ଡ ତରଫରୁ କିନ୍ତୁ ୩ ଜଣ ଇମେ ଡି ଲିୟୁ, ରୁସ୍ ଆଲେକ୍‌ମେଡ୍ ଓ ଲୋଟି ରଷ୍ଟ ଗୋଟିଏ ଲେଖାଏ ଗୋଲ୍‌କରି ସେମାନଙ୍କ ଦଳକୁ ବିଜୟୀ କରାଇଥିଲେ।




# ଓଡ଼ିଶା ପୁରୁଷ ଦଳ ଚାମ୍ପିୟନ, ମହିଳା ରନରଅପ୍

ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)

ହିମାଚଳ ପ୍ରଦେଶର ଉନାସ୍ଥିତ ବାଙ୍ଗାନାଠାରେ ଅନୁଷ୍ଠିତ ଦ୍ୱିତୀୟ ସିନିୟର ହାମର ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ଚାମ୍ପିୟନ ହୋଇଥିବାବେଳେ ମହିଳା ଦଳ ରନରଅପ୍ ହୋଇଛି।

## ଜାତୀୟ ହାମର ବଲ୍ ଚାମ୍ପିୟନଶିପ୍



ଜାତୀୟ ହାମର ବଲ୍ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ଓଡ଼ିଶା ପୁରୁଷ, ରନରଅପ୍ ମହିଳା ଦଳର ଖେଳାଳି ଓ ଅନ୍ୟମାନେ।

ଏହି ପ୍ରତିଯୋଗିତାରେ ମୋଟ ୧୬ଟି ରାଜ୍ୟରୁ ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ପୂର୍ବରୁ ଓଡ଼ିଶା ହାମର ବଲ୍ ଆସୋସିଏଶନ ସମ୍ପାଦକ ରାଗିଣୀ ମିତ୍ରଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଦଳ ଚୟନ ନୟାପଲ୍ଲୀସ୍ଥିତ ଦେବରାୟ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପୁରୁଷ ଦଳ ଲିଗ୍ ପର୍ଯ୍ୟାୟରେ ଆକର୍ଷଣୀୟ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଉତ୍ତର ପ୍ରଦେଶକୁ ଏବଂ ରୋମାଞ୍ଚକ ଫାଇନାଲରେ ଛତିଶଗଡ଼କୁ ହରାଇ ଚାମ୍ପିୟନ ହୋଇଥିଲା। ଏହାକୁ ମିଶାଇ ଓଡ଼ିଶା କ୍ରମାଗତ ଦ୍ୱିତୀୟ ଥରପାଇଁ ଟାଇଟଲ ହାସଲ କରିଛି। ଗତବର୍ଷ ପୁରୀରେ ଅନୁଷ୍ଠିତ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶା ପୁରୁଷ ଦଳ ଚାମ୍ପିୟନ ହୋଇଥିଲା। ଓଡ଼ିଶା ମହିଳା ଦଳ ଲିଗ୍ ପର୍ଯ୍ୟାୟରେ ଭଲ ଖେଳିବା ପରେ ସେମିଫାଇନାଲରେ ଉତ୍ତର ପ୍ରଦେଶକୁ ହରାଇଥିଲା। ତେବେ ଫାଇନାଲରେ ରାଜସ୍ଥାନଠାରୁ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ରାଜ୍ୟ ହାମରବଲ୍ ଆସୋସିଏଶନ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ଉପସଭାପତି ରିଣ୍ଟୁ ମିତ୍ର, କାଳି ପ୍ରସାଦ ମହାନ୍ତି, ରବୀନ୍ଦ୍ର ପଣ୍ଡା, ମିଳନ କୁମାର ସାମନ୍ତରାୟ ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଗୋଟିଏ ମ୍ୟାଚରେ ୩ ସୁପର ଓଭର

ଗ୍ଲାସ୍‌ଗୋ, ୧୭।୬(ପି.ଟି.)

ନେଦରଲାଣ୍ଡ୍ସ ତୃତୀୟ ସୁପର ଓଭରରେ ନେପାଳକୁ ଅନ୍ତର୍ଜାତୀୟ ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍‌ର ଏକ ମ୍ୟାଚ୍‌ରେ ପରାସ୍ତ କରିଛି। ଟି୨୦ କ୍ରିକେଟ୍ ଇତିହାସରେ ତୃତୀୟ ସୁପରଓଭର ଖେଳାଯିବାର ଏହା ପ୍ରଥମ ଘଟଣା। ଏହାପୂର୍ବରୁ ଟି୨୦ କିମ୍ବା ଲିଷ୍ଟ ଏ କ୍ରିକେଟ୍‌ରେ କଦାପି ତୃତୀୟ ସୁପରଓଭର ଖେଳାଯାଇନାହିଁ। ତୃତୀୟ ସୁପର ଓଭରର ପ୍ରଥମ ବଲ୍‌ରେ ମାଇକେଲ ଲେଭିଟ୍‌ଙ୍କ ଛକା ଯୋଗୁ ଏଠାରେ ସୋମବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ବିଜୟୀ ହୋଇଥିଲା। ନେଦରଲାଣ୍ଡ୍ସ ଦ୍ୱାରା ପ୍ରଦତ୍ତ ୧୫୩ ରନ୍‌ର ଟାର୍ଗେଟ ପିଛା କରୁଥିବା ନେପାଳକୁ ଅନ୍ତିମ ଓଭରରେ ଜିତିବା ପାଇଁ ୧୬ ରନ୍ ଦରକାର ଥିଲା। ହେଲେ ଅନ୍ତିମ ବଲ୍‌ରେ ଟେଲ୍‌ଏଣ୍ଡର ନନ୍ଦନ ଯାଦବଙ୍କ ଚୌକା ଯୋଗୁ ନେପାଳ ୮ ଉଇକେଟ ହରାଇ ୧୫୨ ରନ୍ କରି ମ୍ୟାଚ୍‌କୁ ଟାଇ କରିଥିଲା। ପ୍ରଥମ ସୁପର ଓଭରରେ କୁଶାଲ ଭୂର୍ତେଲଙ୍କ ୧୮ ରନ୍ ଯୋଗୁ ନେପାଳ ୧୯ ରନ୍‌ର ଟାର୍ଗେଟ ଛିଡ଼ା କରିଥିଲା। କିନ୍ତୁ ଅନ୍ତିମ ଦୁଇ ବଲ୍‌ରେ ମ୍ୟାକ୍ସ ଓ ଦାଉଦ୍ ଯଥାକ୍ରମେ ଛକା ଓ ଚୌକା ମାରିବାରୁ ନେଦରଲାଣ୍ଡ୍ସ ସ୍କୋରକୁ ବରାବର କରିଥିଲା। ଦ୍ୱିତୀୟ ସୁପର ଓଭରରେ ନେଦରଲାଣ୍ଡ୍ସ ୧୭ ରନ୍ କରିଥିଲା। କିନ୍ତୁ ଦୀପେନ୍ଦ୍ର ସିଂ ଆଇରିଙ୍କ ଅନ୍ତିମ ବଲ୍‌ରେ ଛକା ଯୋଗୁ ନେପାଳ ମଧ୍ୟ ୧୭ ରନ୍ କରିଥିଲା। ତୃତୀୟ ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ବିନା ସ୍କୋରରେ ଦୁଇ ଉଇକେଟ ହରାଇଥିଲା। ଲେଭିଟ୍‌ଙ୍କ ଛକା ବଳରେ ନେଦରଲାଣ୍ଡ୍ସ ବିଜୟୀ ହୋଇଥିଲା।

# ଲୋମାଙ୍କୁ ସ୍ୱର୍ଣ୍ଣ ପଦକ

## ବଧିର କ୍ରୀଡ଼ା

**ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ):** ଉତ୍ତରପ୍ରଦେଶ କାନପୁରଠାରେ ଜୁନ ୧୩ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ୨୭ତମ ସିନିୟର ଏବଂ ୧୦ମ ଜୁନିୟର ଓ ସବ ଜୁନିୟର ବଧିର କ୍ରୀଡ଼ାର କରାଟେ ଇଭେଣ୍ଟରେ ଓଡ଼ିଶାର ଲୋମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ସିନିୟର ମହିଳା ବର୍ଗର ୫୦ କେଜିରୁ କମ ଫାଇଟିଂରେ ଏହି ସଫଳତା ପାଇଛନ୍ତି। ଏଥିସହ ସେ ଜାପାନରେ ଟୋକିଓଠାରେ ନଭେମ୍ବର ୧୫ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ବଧିର ଅଲମ୍ପିକ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏହି ସଫଳତା ପାଇଁ ଲୋମାଙ୍କୁ ଓଡିଶା ରାଜ୍ୟ କରାଟେ ଡୋ ସଂଘ ସଭାପତି ତଥା ତାଙ୍କ କୋଚ ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରି ମହାନ୍ତି ଏବଂ ଓଡିଶା ବଧିର ସଂଘ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।




କରାଟେରେ ସ୍ୱର୍ଣ୍ଣ ବିଜୟୀ ଲୋମା ସ୍ୱାଇଁ।

# ହର୍ଷିତ ରାଣା ବ୍ୟାକଅପ୍ ଖେଳାଳି

**ଲଣ୍ଡନ, ୧୭।୬:** ଭାରତୀୟ ଦଳର ଅନଅଫିସିଆଲ ସଦସ୍ୟ ଭାବେ ହର୍ଷିତ ରାଣାଙ୍କୁ ଇଂଲଣ୍ଡରେ ରୋକାଯାଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦଳର କିଛି ଖେଳାଳିଙ୍କଠାରେ ସାମାନ୍ୟ ଆହତ ସମସ୍ୟା ଦେଖାଦେଇଛି। ସେମାନଙ୍କ କଭର ଖେଳାଳି ଭାବେ ହର୍ଷିତଙ୍କୁ ଭାରତୀୟ ଦଳ ସହ ରଖାଯାଇଛି। କିନ୍ତୁ ତାଙ୍କୁ ଆନୁଷ୍ଠାନିକ ଭାବେ ଦଳରେ ସାମିଲ କରାଯାଇ ନାହିଁ। କେଉଁ ଖେଳାଳି ଆହତ ସମସ୍ୟା ଦେଇ ଗତି କରୁଛନ୍ତି, ସେମାନଙ୍କ ନାମ ସ୍ପଷ୍ଟ କରାଯାଇ ନାହିଁ। ଭାରତ ପାଇଁ ୨ ଟେଷ୍ଟ, ୫ ଦିନିକିଆ ଓ ଗୋଟିଏ ଟି୨୦ ମ୍ୟାଚ୍ ଖେଳିଥିବା ୨୩ ବର୍ଷୀୟ ରାଣାଙ୍କୁ ବ୍ୟାକଅପ୍ ଭାବେ ରଖାଯାଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ